ବର୍ଷ-୨୬, ସଂଖ୍ୟା-୧୭୪
ଭୁବନେଶ୍ୱର
୩୦, ଜୁନ ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 174
Bhubaneswar
30, June, 2026, Tuesday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଗଜାନନ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି

ପୁରୀ,୨୯।୬(ମହାଭାରତ): ପବିତ୍ର ସ୍ନାନପୂର୍ଣ୍ଣିମା ଅବସରରେ ଚତୁର୍ଦ୍ଧାମୂର୍ତ୍ତି ରତ୍ନ ସିଂହାସନରୁ ଧାଡି ପହଣ୍ଡିରେ ସ୍ନାନବେଦୀରେ ବିରାଜମାନ କରିଛନ୍ତି । ଆଜି ମହାପ୍ରଭୁଙ୍କ ଜନ୍ମଦିନ । ସ୍ନାନ ବେଦୀରେ ୧୦୮ ଗରା ଅଭିମନ୍ତ୍ରିତ ଅଧିବାସ ଜଳରେ ଚତୁର୍ଦ୍ଧାମୂର୍ତ୍ତି ସ୍ନାନ କରିଛନ୍ତି । ଶ୍ରୀଜଗନ୍ନାଥଙ୍କୁ ୩୫ ଗରା, ଶ୍ରୀବଳଭଦ୍ରଙ୍କୁ ୩୩ ଗରା, ମା ସୁଭଦ୍ରାଙ୍କୁ ୨୨ଗରା ଓ ପ୍ରଭୁ ସୁଦର୍ଶନଙ୍କୁ ୧୮ ଗରାରେ ସ୍ନାନ କରିଥିଲେ । ଅପରାହ୍ନରେ ଶ୍ରୀବିଗ୍ରହମାନଙ୍କୁ ଦୁର୍ଲଭ ହାତୀବେଶରେ ସଜ୍ଜିତ କରାଯାଇଥିଲା । ଜୟ ଜଗନ୍ନାଥ, ହରିବୋଲ ଓ ହୁଳହୁଳିରେ ଶ୍ରୀମନ୍ଦିର ବାହାର ଓ ଭିତର ପ୍ରକମ୍ପିତ ହୋଇଥିଲା । ଭିତରଚ୍ଛୁ ତଲୁଚ୍ଛ, ଦଇତାପତି, ଖୁଣ୍ଟିଆ, ପୁଷ୍ପାଳକ, ମେକାପ ସେବକ ଶ୍ରୀବିଗ୍ରହମାନଙ୍କୁ ହାତୀବେଶରେ ସଜ୍ଜିତ କରିଥିଲେ । ମହାରାଷ୍ଟ୍ରର ଗଣପତି ଭକ୍ତ ହାତୀବେଶ ନଦେଖି ଫେରି ଯାଉଥିବା ବେଳେ ମହାପ୍ରଭୁଙ୍କ ଶୂନ୍ୟବାଣୀ ଶୁଣି ଗଣପତି ଫେରିଆସି ସ୍ନାନ ବେଦୀରେ ହାତୀବେଶ ଦେଖି କୃତ୍ୟ କୃତ୍ୟ ହୋଇଯାଇଥିଲେ । ସେହିଦିନ ଠାରୁ ପ୍ରଭୁଙ୍କୁ ହାତୀବେଶ କରାଯାଉଛି । ସ୍ନାନ ବେଦୀରେ ପ୍ରଭୁଙ୍କୁ ଗଜାନନ ବେଶରେ ଦର୍ଶନ କଲେ ମହାପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ରାଘବଦାସ ମଠ ପକ୍ଷରୁ ଏହି ହାତୀବେଶ ସରଞ୍ଜାମ ଅର୍ପଣ କରାଯାଇଥିଲା । ଅକ୍ଷୟ ତୃତୀୟା ଠାରୁ ହାତୀବେଶ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ସୋଲ, ଜରି ଜମ୍ଫୁରା, କଦଳୀ ପାଟୁକା, କଇଥ ଅଠାରେ କାରିଗର ମାନେ ହାତୀବେଶ ପ୍ରସ୍ତୁତ କରିଥିଲେ । କିଆଫଳି, ଚନ୍ଦ୍ର ସୂର୍ଯ୍ୟ, ଡାଳି, କାନ, ଥୋଡ, ହାଣ୍ଡିଆ ଆଦି ହାତୀବେଶରେ ବ୍ୟବହୃତ ହୋଇଥିଲା । ସ୍ନାନ ପୂର୍ଣ୍ଣିମାରେ





ଶ୍ରୀମନ୍ଦିର ଗୁମ୍ଫଟ, ସ୍ନାନବେଦୀ, ମନ୍ଦିର ଚାରିଦ୍ୱାର ସୁବାସିତ ପୁଷ୍ପରେ ସଜ୍ଜିତ ହୋଇଥିଲା । ଶ୍ରୀମନ୍ଦିର ଚାରିପଟ ଉଜ୍ଜ୍ୱଳ ଆଲୋକରେ ଆଲୋକିତ ହେବା ସହ ସ୍ନାନବେଦୀରେ ରଙ୍ଗୀନ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଥିଲା । ମାର୍କେଟ ଛକ ଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ବ୍ୟାରିକେଡ ଭିତରେ ଭକ୍ତ ମାନେ ଧାଡିରେ ଯାଇ ଦର୍ଶନ କରିବା ସହ ଉତରଦ୍ୱାର ଦେଇ ପ୍ରସ୍ଥାନ କରୁଥିଲେ । ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ପାଣି ବଂଟନ ଓ ପାଣି ଛିଂଚନ କରାଯାଇଥିଲା । ଆଜି ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ହାତୀବେଶ ଦର୍ଶନ କରି ମହା ଆନନ୍ଦିତ ହୋଇଥିଲେ । ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଏସପି ପ୍ରତୀକ ସିଂଙ୍କ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. ଅରବିନ୍ଦ ପାଢୀଙ୍କ ସମେତ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ଅନୁଧ୍ୟାନ କରିଥିଲେ । ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ମିଳିତ ସହଯୋଗରେ ମହାପ୍ରଭୁଙ୍କ ହାତୀବେଶ ଶୃଙ୍ଖଳିତ ଭାବେ ଦର୍ଶନ କରିଥିଲେ ଭକ୍ତ ଓ ଶ୍ରଦ୍ଧାଳୁ । ସ୍ନାନ ଯାତ୍ରାପାଇଁ ବଡ଼ଦାଣ୍ଡ ଶ୍ରଦ୍ଧାଳୁଙ୍କ ସମାଗମରେ ପୁରୀ ଉଠିଥିଲା । ବେଶ ଓଲାଗି ହେବା ପରେ ଶ୍ରୀଜିଉମାନଙ୍କୁ ଗୋଟି ପହଣ୍ଡିରେ ଶ୍ରୀମନ୍ଦିରକୁ ବିଜେ କରାଯାଇ ଅଣସର ପିଣ୍ଡିରେ ରଖାଯିବ। ଅଣସର ପିଣ୍ଡିରେ ରହିବା ପରେ ପାରମ୍ପରିକ ରାତି ଅନୁଯାୟୀ ପଟି ଦିଅଁଙ୍କୁ ପଟୁଆରରେ ଅଣାଯାଇ ଅଣସର ପିଣ୍ଡି ସମ୍ମୁଖରୁ ଦଶବତାର ପଟି ନିକଟରେ ଏହି ପଟି ଦିଅଁଙ୍କୁ ରଖାଯିବ । ଆସନ୍ତାକାଲି ଠାରୁ ଏହି ପଟିଦିଅଁଙ୍କ ସମ୍ମୁଖରେ ସମସ୍ତ ରୀତିନୀତି ଅନୁଷ୍ଠିତ ହେବ । ଶ୍ରୀମନ୍ଦିର ଭିତରେ ଓ ବାହାରେ

## ନିର୍ମାଣାଧୀନ କାନ୍ଥ ଭୁଶୁଡ଼ି
## ୩ ମୃତ, ୧୨ ଆହତ

ଜୟପୁର,୨୯।୬(ମହାଭାରତ): : ଜୟପୁରରେ ଆଜି ଏକ ନିର୍ମାଣାଧୀନ କାନ୍ଥ ଭୁଶୁଡି ୨ ମହିଳାଙ୍କ ସମେତ ୩ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୧୨ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଦାୟିତ୍ୱରେ ଅବହେଳା ପାଇଁ ପୁଲିସ ଏହି ଘଟଣାରେ ନିର୍ମାଣ କଣ୍ଟ୍ରାକ୍ଟର ଓ ଅନ୍ୟ କାର୍ଯ୍ୟକର୍ତ୍ତାଙ୍କ ବିରୋଧରେ ମାମଲା ରୁଜୁ କରିଛି। ମୃତକମାନେ ହେଉଛନ୍ତି ସବିତା (୪୨), ରିଙ୍କୁ (୩୨) ଓ ରାମଜୀଲାଲ (୨୮)। ଜୟପୁର-ଦିଲ୍ଲୀ ରାଜପଥ ପାର୍ଶ୍ୱରେ ଆଜି ଆରାବଳୀ ପ୍ୟାଲେସ ରିସୋର୍ଟରେ ଶ୍ରମିକମାନେ ଏକ ମରାମତି କାମ କରୁଥିବାବେଳେ ଦୁର୍ଘଟଣା ହୋଇଥିଲା। ଉକ୍ତ ଘଟଣା ସଂକ୍ରାନ୍ତରେ ସ୍ପଷ୍ଟୀକରଣ ଦେଇ ଜୟପୁର ରୁରାଲ ଡିସିପି ହନୁମାନ ପ୍ରସାଦ ମୀନା କହିଛନ୍ତି, ତାଲାମୋଡର ଚନ୍ଦୱାଜୀ ଅଞ୍ଚଳରେ ଏକ କାନ୍ଥ ଭୁଶୁଡି ୩ ଜଣଙ୍କର ମୃତ୍ୟୁ ହୋଇଛି। ଆହତମାନଙ୍କୁ ସ୍ଥାନୀୟ ଲୋକ, ପୁଲିସ ଓ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ଉଦ୍ଧାର କରାଯାଇଛି। ସେମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ବିହାର ଗୟାର ଜଣେ ଶ୍ରମିକ ମମତା କହିଛନ୍ତି, ଦୁର୍ଘଟଣା ଘଟିବା ସମୟରେ ନିର୍ମାଣ ସ୍ଥଳରେ ୨୧ ଜଣ ଶ୍ରମିକ ଥିଲେ।

## ରାଜଧାନୀରେ ଯୁବକଙ୍କୁ ବୀଭତ୍ସ ହତ୍ୟା

ଭୁବନେଶ୍ୱର,୨୯।୬(ମହାଭାରତ): :ରାଜଧାନୀ ଭୁବନେଶ୍ୱରରେ ଘଟିଛି ଏକ ଲୋମହର୍ଷଣକାରୀ ହତ୍ୟାକାଣ୍ଡ। ଖଣ୍ଡଗିରି ଥାନା ଅନ୍ତର୍ଗତ କୋଳଥିଆ ଛକ ନିକଟରେ ବିଳମ୍ବିତ ରାତିରେ ତିନିଜଣ ମୁଖାପିନ୍ଧା ଦୁର୍ବୃତ୍ତ ଜଣେ ଯୁବକଙ୍କୁ ତାଙ୍କ ପରିବାର ଲୋକଙ୍କ ସାମ୍ନାରେ ଅତି ନିର୍ମମ ଭାବେ ପିଟିପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି।ସୂଚନା ଅନୁସାରେ, ବିଳମ୍ବିତ ରାତିରେ ତିନିଜଣ ମୁଖାପିନ୍ଧା ଦୁର୍ବୃତ୍ତ ହଠାତ୍ ଯୁବକଙ୍କ ଘର ନିକଟରେ ପହଞ୍ଚି ତାଙ୍କୁ ଟାର୍ଗେଟ କରିଥିଲେ। ପରିବାର ଲୋକେ ବାଧା ଦେବାକୁ ଚେଷ୍ଟା କରିଥିଲେ ମଧ୍ୟ ଦୁର୍ବୃତ୍ତମାନେ ସେମାନଙ୍କୁ ଧମକ ଦେଇ ଯୁବକଙ୍କୁ ଲୁହା ରଡ୍ ଓ ଅନ୍ୟାନ୍ୟ ମାରଣାସ୍ତ୍ରରେ ନିର୍ଦ୍ଦୟ ଭାବେ ପିଟିଥିଲେ। ଗୁରୁତର ଆହତ ଅବସ୍ଥାରେ ଯୁବକଙ୍କୁ ତୁରନ୍ତ ହସ୍ପିଟାଲକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ସେଠାରେ ତାଙ୍କୁ



ମୃତ ଘୋଷଣା କରିଥିଲେ।ପ୍ରାଥମିକ ତଦନ୍ତରୁ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଏହା ପଛରେ ସୁପାରି କିଲରଙ୍କ ହାତ ଥାଇପାରେ ବୋଲି ପୋଲିସ ମଧ୍ୟ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି। ତେବେ ହତ୍ୟାର ପ୍ରକୃତ କାରଣ ସ୍ପଷ୍ଟ ହୋଇନଥିବା ବେଳେ ସମସ୍ତ ସମ୍ଭାବ୍ୟ ଦିଗକୁ ନେଇ ତଦନ୍ତ ଜାରି ରହିଛି।ଘଟଣାର ସୂଚନା ପାଇ ଖଣ୍ଡଗିରି ଥାନା ପୋଲିସ , ସାଇଣ୍ଟିଫିକ୍ ଟିମ୍ ଓ ଡିସିପି ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛନ୍ତି। ଘଟଣାସ୍ଥଳରୁ ବିଭିନ୍ନ ସାକ୍ଷ୍ୟ ପ୍ରମାଣ ସଂଗ୍ରହ କରାଯାଇଥିବା ବେଳେ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି। ଦୁର୍ବୃତ୍ତମାନଙ୍କୁ ଚିହ୍ନଟ କରି ଗିରଫ କରିବା ପାଇଁ ପୋଲିସ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ ଜୋରଦାର କରିଛି।ଏହି ନିର୍ମମ ହତ୍ୟାକାଣ୍ଡ ପରେ କୋଳଥିଆ ଅଞ୍ଚଳରେ ଭୟ ଓ ଉତ୍ତେଜନାର ପରିବେଶ ସୃଷ୍ଟି ହୋଇଛି। ଦିନଦ୍ୱିପ୍ରହର ହେଉ କିମ୍ବା ବିଳମ୍ବିତ ରାତି, ରାଜଧାନୀରେ ଏଭଳି ଅପରାଧିକ ଘଟଣାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଚିନ୍ତା ବଢ଼ିଛି।

## ଇଥାନଲ୍ ରିଫାଇନାରୀର ଉଦଘାଟନ କରିବେ ଶାହା

ଭୁବନେଶ୍ୱର,୨୯।୬(ମହାଭାରତ): କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ୍ ଶାହ ଆସନ୍ତା ୪ତାରିଖରେ ଦୁଇଦିନିଆ ପଶ୍ଚିମଓଡିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି ବୋଲି ବରଗଡ ବିଜେପି ସାଂସଦ ପ୍ରଦୀପ ପୁରୋହିତ ସୂଚନା ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହ ୪ତାରିଖରେ ବରଗଡରେ ଇଥାନଲ୍ ରିଫାଇନାରୀର ଉଦଘାଟନ କରିବା ସହ ୫ତାରିଖରେ ସମ୍ବଲପୁରରେ ବିଭିନ୍ନ ସରକାରୀ ପ୍ରକଳ୍ପର ଶିଳାନ୍ୟାସ ଓ ସାଧାରଣ ସଭାକୁ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି।

ସୋମବାର ବରଗଡ ସାଂସଦ ଶ୍ରୀ ପୁରୋହିତ ସୂଚନା ଦେଇ କହିଛନ୍ତି ଯେ, ଜୁଲାଇ ୪ତାରିଖରେ ଗୃହମନ୍ତ୍ରୀ ଅମିତ୍ ଶାହ ସ୍ୱତନ୍ତ୍ର ବିମାନରେ ଝାରସୁଗୁଡା ବିମାନବନ୍ଦରରେ ପହଂଚିବେ। ସେଠାରୁ ସିଧାସଳଖ ବରଗଡ ଯାଇ କେନ୍ଦ୍ର ସରକାରଙ୍କ ପ୍ରୋତ୍ସାହନରେ ନିର୍ମିତ ଏକ ବୃହତ୍ ଇଥାନଲ୍ ରିଫାଇନାରୀ ପ୍ରକଳ୍ପର ଉଦଘାଟନ କରିବେ। ପଶ୍ଚିମ ଓଡିଶାରେ ଶିଳ୍ପ ଓ ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ ବୃଦ୍ଧି ଦିଗରେ କେନ୍ଦ୍ର ସରକାରଙ୍କ ପ୍ରୟାସର ଏହା ଅଂଶବିଶେଷ ବୋଲି କୁହାଯାଉଛି।କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହ ବରଗଡରେ କାର୍ଯ୍ୟକ୍ରମ ସରିବା ପରେ ସନ୍ଧ୍ୟାରେ ସମ୍ବଲପୁର ଫେରି ସେଠାରେ ରାତ୍ରିଯାପନ କରିବେ। ୫ତାରିଖରେ ସମ୍ବଲପୁରରେ ବିଶାଳ ଜନସଭାର ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶ୍ରୀ ଶାହ ଏହି ଜନସଭାରେ ଯୋଗ ଦେଇ ସାଧାରଣ ଲୋକଙ୍କୁ ସମ୍ବୋଧିତ କରିବା ସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିବେ ବୋଲି ଜଣାପଡିଛି।

ଏସବୁ କାର୍ଯ୍ୟକ୍ରମ ପରେ କେନ୍ଦ୍ରମନ୍ତ୍ରୀ ସେଠାରୁ ଦିଲ୍ଲୀ ଫେରିଯିବେ ବୋଲି ସୂଚନା ମିଳିଛି।କେନ୍ଦ୍ର ମନ୍ତ୍ରୀ ଶ୍ରୀ ଶାହହି ଗସ୍ତ ସମୟରେ ବିଜେପି ନେତାମାନଙ୍କୁ ଭେଟି ସାଂଗଠନିକ ପ୍ରସଙ୍ଗରେ ଆଲୋଚନା କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ତାଙ୍କର ଏହି ଗସ୍ତକୁ ନେଇ ପଶ୍ଚିମଓଡିଶା ବିଜେପି ଶିବିର ଚଳଚଂଚଳ ହୋଇଉଠିଛି।ସୂଚନାଯୋଗ୍ୟ, ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହ ୪ତାରିଖରେ ଭୁବନେଶ୍ୱର ଆସିବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଥିଲେ। ମାତ୍ର ଆଜି ବରଗଡ ସାଂସଦ ଶ୍ରୀ ପୁରୋହିତ ତାଙ୍କର ପଶ୍ଚିମ ଓଡିଶା ଗସ୍ତ କାର୍ଯ୍ୟସୂଚୀ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେବେ ସରକାରୀ ଭାବେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହଙ୍କ ଗସ୍ତ ଚୂଡାନ୍ତ କାର୍ଯ୍ୟସୂଚୀକୁ ନେଇ କୌଣସି ସୂଚନା ଏପର୍ଯ୍ୟନ୍ତ ଦିଆଯାଇନାହିଁ ।

## ରଥ ଖଳାରେ ମୁଖ୍ୟମନ୍ତ୍ରୀ

ପୁରୀ,୨୯।୬(ମହାଭାରତ): ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀ ଗସ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ କରିବା ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାକୁ ସୁରୁଖୁରେ ସମ୍ପାଦନ ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି । ସେହିପରି ସାର ଜଗତର କଲ୍ୟାଣ ଏବଂ ସମୃଦ୍ଧ ଓଡ଼ିଶା ପାଇଁ ପ୍ରାର୍ଥନା କରିଛନ୍ତି।



ଏହା ପରେ ମୁଖ୍ୟମନ୍ତ୍ରୀ ବଡ଼ଦାଣ୍ଡ ସ୍ଥିତ ରଥଖଳାରେ ପହଞ୍ଚି ପବିତ୍ର ଶ୍ରୀଜଗନ୍ନାଥ ରଥଯାତ୍ରା ପାଇଁ ଚାଲିଥିବା ରଥ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି । ରଥ ମହାରଣାମାନଙ୍କ ସହ ଆଲୋଚନା କରି ସେମାନଙ୍କ ମତାମତ ଓ ଆବଶ୍ୟକତା ବିଷୟରେ ଜାଣିବା ସହ ରଥ ନିର୍ମାଣ କାର୍ଯ୍ୟକୁ ଅଧିକ ସୁରୁଖୁରୁରେ ଓ ସମୟାନୁସାରେ ସମ୍ପନ୍ନ କରିବା ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ପରମ୍ପରାକୁ ନିଷ୍ଠା ଓ ସମର୍ପଣର ସହିତ ଆଗେଇ ନେଉଥିବା ରଥ ମହାରଣାମାନଙ୍କ ଅବଦାନ ଅତୁଳନୀୟ । ସେମାନଙ୍କ ସୁବିଧା, ସୁରକ୍ଷା ଓ ରଥ ନିର୍ମାଣ ପାଇଁ ଆବଶ୍ୟକ ସମସ୍ତ ସହଯୋଗ ସୁନିଶ୍ଚିତ କରିବାକୁ ଆମ ସରକାର ପ୍ରତିବଦ୍ଧ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଚଳିତ ବର୍ଷର ରଥଯାତ୍ରା ସୁରୁଖୁରୁରେ, ଶାନ୍ତିପୂର୍ଣ୍ଣ ଓ ଭକ୍ତିମୟ ପରିବେଶରେ ସମ୍ପନ୍ନ ହେଉ ଏହାହିଁ ପ୍ରାର୍ଥନା । ତତସହିତ ମୁଖ୍ୟମନ୍ତ୍ରୀ ରଥଖଳାରୁ ସିଧାସଳକ ଶ୍ରୀନଅର ଅଭିମୁଖେ ଯାଇଥିଲେ । ଶ୍ରୀରାଜନଅରଠାରେ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରି ଆଗାମୀ ରଥଯାତ୍ରା ପ୍ରସ୍ତୁତି ବ୍ୟବସ୍ଥା ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହିତ ସ୍ଥାନୀୟ ବିଧାୟକ ଓ ବିଧାୟିକା, ସାଂସଦ ସମ୍ବିତ ପାତ୍ର, ପୁରୀ ଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ଥିଲେ ।

## ଝରାଫୁଲ ହତ୍ୟାକାଣ୍ଡରେ ଆସିଲା ରାୟ

## ମୁଖ୍ୟ ଦୋଷୀକୁ ଆଜୀବନ, ସହଯୋଗୀକୁ ୫ ବର୍ଷ ଜେଲ୍

ଯାଜପୁର,୨୯।୬(ମହାଭାରତ): ପ୍ରାୟ ପାଞ୍ଚ ବର୍ଷ ଧରି ସାରା ଓଡ଼ିଶାକୁ ଆନ୍ଦୋଳିତ କରିଥିବା ବହୁଚର୍ଚ୍ଚିତ ଝରାଫୁଲ ନାୟକ ହତ୍ୟାକାଣ୍ଡ ମାମଲାରେ ସୋମବାର ଆସିଛି ବହୁ ପ୍ରତୀକ୍ଷିତ ରାୟ। ଯାଜପୁର ଅତିରିକ୍ତ ଜିଲ୍ଲା ଜଜ୍ ମାମଲାର ମୁଖ୍ୟ ଅଭିଯୁକ୍ତ ରାକେଶ ସ୍ୱାଇଁଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିବା ବେଳେ, ପ୍ରମାଣ ନଷ୍ଟ କରିବା ଷଡ଼ଯନ୍ତ୍ରରେ ସହଯୋଗ କରିଥିବା ଅମରେଶ ରାଉତଙ୍କୁ ୫ ବର୍ଷ କାରାଦଣ୍ଡ ଶୁଣାଇଛନ୍ତି।



୨୦୨୧ ମସିହାରେ ଘଟିଥିବା ଏହି ହତ୍ୟାକାଣ୍ଡ ସମଗ୍ର ରାଜ୍ୟକୁ ସ୍ତବ୍ଧ କରିଦେଇଥିଲା। ମୟୂରଭଞ୍ଜ ଜିଲ୍ଲାର ଝରାଫୁଲ ନାୟକ ସେତେବେଳେ ରମାଦେବୀ ବିଶ୍ୱବିଦ୍ୟାଳୟର ଯୁକ୍ତ-୩ ଦ୍ୱିତୀୟ ବର୍ଷର ଛାତ୍ରୀ ଥିଲେ। ଜାନୁଆରୀ ୨୬ରେ ଭୁବନେଶ୍ୱରରୁ ଘରକୁ ଯିବା ପାଇଁ ବସ୍‌ରେ ବାହାରିଥିବା ଝରାଫୁଲ ଆଉ ଘରେ ପହଞ୍ଚିପାରି ନଥିଲେ। ପରଦିନ ଯାଜପୁର ଜିଲ୍ଲା କୁଆଖିଆ ଥାନା ଅଞ୍ଚଳରୁ ତାଙ୍କ ମୃତଦେହ ଉଦ୍ଧାର ହେବା ପରେ ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିଲା।ତଦନ୍ତରେ ଜଣାପଡ଼ିଥିଲା ଯେ, ରାକେଶ ସ୍ୱାଇଁ ଝରାଫୁଲଙ୍କ ପୁରୁଷ ବନ୍ଧୁ ଥିଲେ। ଭୁବନେଶ୍ୱରରେ ତାଙ୍କୁ ହତ୍ୟା କରିବା ପରେ ସହଯୋଗୀ ଅମରେଶଙ୍କ ସହ ମିଶି ସ୍କୁଟିରେ ମୃତଦେହକୁ ଯାଜପୁରକୁ ନେଇ ଫିଙ୍ଗି ଦେଇଥିଲେ। ଘଟଣାକୁ ଲୁଚାଇବା ଓ ପୋଲିସକୁ ଭ୍ରମିତ କରିବା ପାଇଁ ବଡ଼ ଷଡ଼ଯନ୍ତ୍ର ମଧ୍ୟ ରଚାଯାଇଥିଲା। ସିସିଟିଭି ଫୁଟେଜ୍ ଓ ଅନ୍ୟାନ୍ୟ ବୈଜ୍ଞାନିକ ପ୍ରମାଣ ଆଧାରରେ ପୋଲିସ ଘଟଣାର ପର୍ଦ୍ଦାଫାଶ କରିଥିଲା। ଦୀର୍ଘ ଆଇନଗତ ପ୍ରକ୍ରିୟା ପରେ ଆସିଥିବା ଏହି ରାୟକୁ ଝରାଫୁଲଙ୍କ ପରିବାର ପାଇଁ ନ୍ୟାୟର ଏକ ବଡ଼ ପଦକ୍ଷେପ ବୋଲି କୁହାଯାଉଛି। ଏହି ରାୟ ପୁଣିଥରେ ସ୍ପଷ୍ଟ କରିଛି ଯେ, ଅପରାଧ ଯେତେ ଚତୁରତାର ସହ କରାଯାଉନାହିଁ, ଶେଷରେ ଆଇନର ହାତରୁ କେହି ବର୍ତ୍ତିପାରିବେ ନାହିଁ।

## ପୋଲିସ ମାଡ଼ରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

ଭୁବନେଶ୍ୱର,୨୨୯।୬(ମହାଭାରତ): ଖୋର୍ଦ୍ଧା ଜିଲା ବାଣପୁର ପୋଲିସ ମାଡ଼ରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ମୁତାବକ, ଏକ ଗଣ୍ଡଗୋଳ ମାମଲାରେ ବାଣପୁର ପୋଲିସ ଜଣେ ଯୁବକଙ୍କୁ ଥାନାକୁ ଆଣିଥିଲା। ହେଲେ ହାଜତରେ ଯୁବକଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ଅଣା ଯାଇଥିଲା। ସେଠାରେ ଯୁବକଙ୍କ ମୃତ୍ୟୁ ଘଟିଛି। ପୋଲିସ ବାଡେ଼ଇ ବାଡେଇ ମାରି ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ପରିବାର ଲୋକଙ୍କ ଅଭିଯୋଗକୁ ନେଇ ପୋଲିସର କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ମା' ମଝିଘରିଆଣୀଙ୍କ ହୁଣ୍ଡିରୁ ୧.୨୨ କୋଟି

ରାୟଗଡା,୨୯।୬(ମହାଭାରତ): ରାୟଗଡା ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ମନ୍ଦିର ହୁଣ୍ଡି ସୋମବାର ଖୋଲାଯାଇଛି। ମନ୍ଦିରରେ ଥିବା ୯ ଟି ହୁଣ୍ଡି ଖୋଲାଯାଇ ଗଣତି କରାଯାଇଥିଲା। ହୁଣ୍ଡିରୁ ନଗଦ ୧ କୋଟି ୨୨ ଲକ୍ଷ ୨୯ ହଜାର ୬୨୩ ଟଙ୍କା ସହିତ ୩୦ ଗ୍ରାମ ସୁନା ଓ ୧୩୦୦ ଗ୍ରାମ ରୂପା ବାହାରିଥିବା ଜଣାପଡିଛି। ଏଥିସହିତ ବିଭିନ୍ନ ପ୍ରକାର ୮ ଟି ଦେଶର ୯ ଟି ବିଦେଶୀ ନୋଟ ମଧ୍ୟ ବାହାରିଛି। ଯେଉଁଥିରେ ରହିଛି ଆମେରିକା, କାନାଡା, ଅଷ୍ଟ୍ରେଲିଆ ଓ ୟୁଏଇ ଦେଶର ନୋଟ୍ ଓ ମୁଦ୍ରା। ବିଦେଶରେ ରହୁଥିବା କୌଣସି ଭକ୍ତ ମା'ଙ୍କ ଦର୍ଶନ ପାଇଁ ଆସି ଏହି ବିଦେଶୀ ଟଙ୍କା ହୁଣ୍ଡିରେ ଦାନ କରିଥିବା ଅନୁମାନ କରାଯାଉଛି। ସୋମବାର ସକାଳେ ମାଜିଷ୍ଟ୍ରେଟ ଓ ପୁଲିସ ଉପସ୍ଥିତିରେ ମନ୍ଦିର ପରିଚାଳନା କମିଟି ତରଫରୁ ହୁଣ୍ଡି ଖୋଲାଯାଇ ଗଣତି ଆରମ୍ଭ ହୋଇଥିଲା। ଦୀର୍ଘ ୧୦ ଘଣ୍ଟା ଧରି ଗଣତି ହୋଇଥିଲା। ଏହା ପୂର୍ବରୁ ଜାନୁଆରୀ ୧୯ ତାରିଖରେ ହୁଣ୍ଡିରୁ ନଗଦ ନଗଦ ୧ କୋଟି ୫ ଲକ୍ଷ ୫୨ ହଜାର ୮୪୫ ଟଙ୍କା ସହିତ ୩୦ ଗ୍ରାମ ସୁନା ଓ ୨୧୫୦ ଗ୍ରାମ ରୂପା ବାହାରିଥିଲା। ଏଥିସହିତ ବିଭିନ୍ନ ପ୍ରକାର ଦେଶର ବିଦେଶୀ ନୋଟ ମଧ୍ୟ ବାହାରିଥିଲା। ସୂଚନା ଥାଉକି, ବର୍ଷକୁ ୩ ରୁ ୪ ଥର ହୁଣ୍ଡି ଖୋଲାଯାଇ ଗଣତି କରାଯାଉଛି। ହେଲେ ଚଳିତଥର ପ୍ରାୟ ୫ ମାସ ପରେ ଖୋଲାଗଲା। ସୋମବାର ହୁଣ୍ଡିରୁ ବାହାରିଥିବା ଟଙ୍କା ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଗଚ୍ଛିତ ରଖାଯାଇଛି। ସେହିଭଳି ସୁନା ଓ ରୁପା ଜିଲ୍ଲା କୋଷାଗାରରେ ରଖାଯାଇଛି। ଏହି ଗଣତିରେ ବ୍ୟାଙ୍କ କର୍ମଚାରୀଙ୍କ ସମେତ ଅନେକ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। ହୁଣ୍ଡି ଖୋଲି ଗଣତିବେଳେ ପୁଲିସ ଓ ମନ୍ଦିର ସୁରକ୍ଷା କର୍ମୀଙ୍କ ଦ୍ୱାରା ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା।

## ଆସାମ-ଅରୁଣାଚଳରେ ପ୍ରଳୟକାରୀ ବନ୍ୟା



ଗୁଆହାଟୀ/ଇଟାନଗର୨୯।୬(ମହାଭାରତ) : ଦେଶର ଦୁଇଟି ଉତ୍ତର-ପୂର୍ବ ରାଜ୍ୟ, ଆସାମ ଏବଂ ଅରୁଣାଚଳ ପ୍ରଦେଶରେ ପ୍ରଳୟଙ୍କରୀ ବନ୍ୟାସୃଷ୍ଟି ହୋଇଛି। ଲଗାତାର ବର୍ଷା ଯୋଗୁଁ ବନ୍ୟା ଏବଂ ଭୂସ୍ଖଳନହୋଇଛି। ଅରୁଣାଚଳ ପ୍ରଦେଶର ଅନେକ ଅଞ୍ଚଳ ଜଳମଗ୍ନ ହୋଇଯାଇଛି। କେତେକ ରାସ୍ତା ଏବଂ ସେତୁ ଭାସି ଯାଇଛି। ଅନେକ ଆବାସିକ କୋଠା କ୍ଷତିଗ୍ରସ୍ତ ହୋଇଛି। ଦୁଇ ରାଜ୍ୟର ଅନେକ ଜିଲ୍ଲା ବନ୍ୟା ଏବଂ ବର୍ଷା ଦ୍ୱାରା ପ୍ରଭାବିତ ହୋଇଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଆହୁରି ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।ପାଣିପାଗ ବିଭାଗ କହିଛି ଯେ, ଆଗାମୀ ୨୪ ଘଣ୍ଟା ମଧ୍ୟରେ ଅରୁଣାଚଳ ପ୍ରଦେଶର କିଛି ଅଞ୍ଚଳରେ ୨୦୦ ମିମିରୁ ଅଧିକ ବର୍ଷା ହେବାର ସମ୍ଭାବନା ଅଛି। ସ୍ଥିତିକୁ ଦୃଷ୍ଟିରେ ରଖି ସରକାର ଏକ ସତର୍କ ସୂଚନା ଜାରି ଲୋକଙ୍କୁ ସଜାଗ ରହିବାକୁ ଅନୁରୋଧ କରିଛନ୍ତି। ବନ୍ୟା ଯୋଗୁଁ ଅରୁଣାଚଳ ପ୍ରଦେଶର ଏହି ୧୦ଟି ଜିଲ୍ଲା ପ୍ରଭାବିତ ହୋଇଛି। ସେଥିମଧ୍ୟରୁ ପାନଯୋର ଜିଲ୍ଲା ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ବର୍ଷା ଏବଂ ବନ୍ୟା ଯୋଗୁଁ ଏପର୍ଯ୍ୟନ୍ତ ତିନି ଜଣଙ୍କର ମୃତ୍ୟୁ ହୋଇଥିବା ନିଶ୍ଚିତ ହୋଇଛି, ଯେତେବେଳେ ଅନ୍ୟ ଦୁଇଜଣ ନିଖୋଜ ଅଛନ୍ତି। ବୁଧବାର ଜଣେ ୩୫ ବର୍ଷୀୟା ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ସେହିପରି ଶନିବାର ଆଉ ଜଣେ ମହିଳାଙ୍କ ମୃତଦେହ ମିଳିଥିଲା। ଏନଡିଆରଏଫ ଦଳ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଆସାମରେ ମଧ୍ୟ ପରିସ୍ଥିତି ସଙ୍କଟଜନକ ରହିଛି। ରାଜ୍ୟର ଛଅଟି ଜିଲ୍ଲା ବନ୍ୟା ପ୍ରଭାବିତ ହୋଇଛି। ସମ୍ପୃକ୍ତ ଜିଲ୍ଲାଗୁଡିକର ମୋଟ ୨୨,୧୨୪ ଜଣ ପ୍ରଭାବିତ ହୋଇଛନ୍ତି। ଧେମାଜି ସବୁଠାରୁ ଅଧିକ ପ୍ରଭାବିତ ଜିଲ୍ଲା ଭାବରେ ରହିଛି। ଏହି ଜିଲ୍ଲାରେ ୬୯ଟି ଗାଁର ୧୫,୪୮୩ ଜଣ ପ୍ରଭାବିତ ହୋଇଛନ୍ତି।

## ପ୍ରସ୍ତୁତ କରନ୍ତୁ ଚଟପଟା 'ସୁଜି ଆପେ'




ସନ୍ଧ୍ୟା ସମୟରେ କିଛି ଚଟପଟା ଟିଫିନ କରିବାକୁ ଇଚ୍ଛା ହେଉଛି କି ତେବେ ଘରେ ପ୍ରସ୍ତୁତ କରନ୍ତୁ ସୁଜି ଆପେ । ଏହା ସ୍ୱାଦିଷ୍ଟ ଡିସ୍ ଛୋଟ ପିଲାଠୁ ବୟସ୍କ ଲୋକମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପସନ୍ଦ ଆସିଥାଏ । ତେବେ ଆସନ୍ତୁ କିପରି ପ୍ରସ୍ତୁତ କରିବେ ସୁଜି ଆପେ ଆଜି ଆମେ ଆପଣଙ୍କୁ ସେ ବିଷୟରେ ଟିପ୍ସ ଦେବୁ ।

**ଆବଶ୍ୟକୀୟ ସାମଗ୍ରୀ:** ସୁଜି, ଦହି, ସୋରିଷ:- ଜୀରା ବଟା, କଟା ପିଆଜ, କଞ୍ଚାଲଙ୍କା ବଟା, ଭୁର୍ସୁଙ୍ଗ ପତ୍ର, କଟା ଟମାଟୋ, ସ୍ୱାଦ ଅନୁସାରେ ଲୁଣ, ଖାଇବା ସୋଡା ଓ ତେଲ ।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ଏକ କଡେଇରେ ତେଲ ଗରମ କରି ସେଥିରେ ସୋରିଷ-ଜୀରା ବଟା, କଟା ପିଆଜ, କଞ୍ଚାଲଙ୍କା ବଟା, ଭୁର୍ସୁଙ୍ଗ ପତ୍ର ଓ କଟା ଟମାଟୋ ପକାଇ ଭାଜି ରଖନ୍ତୁ । ଏବେ ଆଉ ଏକ ପାତ୍ରରେ ଦହି ଓ ପାଣି ମିଶାଇ ସେଥିରେ ସୁଜି ପକାଇ ଭଲଭାବେ ଗୋଳାନ୍ତୁ । ଏହାପରେ ଦହି ଓ ସୁଜି ମିଶ୍ରଣରେ ଭଜା ମସଲା, ଲୁଣ ଓ ଖାଇବା ସୋଡା ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ । ଏବେ ଏକ ଛାଞ୍ଚରେ ତେଲ ମାରି ମସଲାଗୋଳା ସୁଜିକଚ ରଖି ଘୋଡଣୀ ଘୋଡାଇ ଦିଅନ୍ତୁ । ୫ ମିନିଟ୍ ପରେ ଘୋଡଣୀ ବାହାର କରି ତାକୁ ଲେଉଟାଇ ଦେଇ ପୁଣି ଘୋଡଣୀ ଘୋଡାଇ ଦିଅନ୍ତୁ । ଦୁଇ ମିନିଟ୍ ପରେ ପ୍ରସ୍ତୁତ ହୋଇଯିବ ସ୍ୱାଦିଷ୍ଟ 'ସୁଜି ଆପେ' ।

**ଖବର**

# ଜନ୍ମଦିନରେ ହସପିଟାଲରେ ଭର୍ତ୍ତି ହେଲେ ଜସ୍ମିନ ଭାସିନ



ହସପିଟାଲରେ ଭର୍ତ୍ତି ହେଲେ ସିରିଅଲ ଅଭିନେତ୍ରୀ ଜସ୍ମିନ ଭାସିନ । ଜନ୍ମଦିନ ପାଇଁ ଦୁବାଇ ଟ୍ରିପରେ ଯାଇଥିଲେ ଜସ୍ମିନ ।ଆଉ ସେଠାରେ ଅସୁସ୍ଥତା ଅନୁଭବ କରିବାକୁ ତାଙ୍କୁ ହସପିଟାଲରେ ଭର୍ତ୍ତି କରାଯାଇଛି । ସୋସିଆଲ ମିଡିଆରେ ଅଲ୍ଲୀ ଗୋନି ଫଟୋ ସେୟାର କରି ଅଭିନେତ୍ରୀଙ୍କ ବିଷୟରେ ସୂଚନା ଦେଇଛନ୍ତି । ଜସ୍ମିନଙ୍କ ଅବସ୍ଥା ଦେଖି ଫ୍ୟାନ୍ସଙ୍କ ଚିନ୍ତା ବଢିଯାଇଛି ।ଅଲ୍ଲୀ ଗୋନି ଜସ୍ମିନଙ୍କ ସହ ହସପିଟାଲରେ ରହି ଫଟୋ ସେୟାର କରିଛନ୍ତ। ଏହି ଫଟୋରେ ଜସ୍ମିନ ହସପିଟାଲରେ ବେଡ୍ ଉପରେ ଶୋଇଥିବା ବେଳେ ଅନ୍ୟ ଏକ ଫଟୋରେ ହ୍ୱିଲ ଚେୟାରରେ ବସିଥିବା ନଜର ଆସିଛନ୍ତି । ଆଉ ଏକ ଫଟୋରେ କେକ୍ କାଟୁଛନ୍ତି, ଯାହା ହସପିଟାଲର ବୋଲି ଜଣାପଡିଛି ।ଫଟୋ ସହିତ ଏକ ଇମୋସନାଲ ନୋଟ୍ ମଧ ଲେଖିଛନ୍ତି, ହାପି ବାର୍ଥ ଡେ ଜସ୍ମିନ ଏଠାକୁ ତୁମ ଜନ୍ମିଦ ପାଳନ କରିବାକୁ ଆସିଥିଲେ, କିନ୍ତୁ ଜୀବନର ପ୍ଲାନ ଆଉ କିଛି । ଜନ୍ମଦିନକୁ ସ୍ମରଣ କରିବା ପରିବର୍ତ୍ତେ ଆମେ ହସପିଟାଲରେ ଅଛେ । ତୁମକୁ ଏଭଳି ଯନ୍ତ୍ରଣାରେ ଦେଖି ଏହି ଟ୍ରିପର ସବୁଠାରୁ ମୁସ୍କିଲ । ତୁମକୁ ପୁଣିଥରେ ସୁସ୍ଥ ଏବଂ ହସିବା ଦେଖିବା ମୁଁ କୌଣସି ଉତ୍ସବକୁ ମଧ ଛାଡିଦେବି । ଆଲ୍ଲା ଆପଣଙ୍କୁ ବହୁତ ଖସି ସହିତ ସୁସ୍ଥ ସ୍ୱାସ୍ଥ୍ୟ ଏବଂ ଭଲପାଇବା ଏବଂ ସଫଳତା ଦିଅନ୍ତୁ । ଆପଣ ତୁରନ୍ତ ଠିକ୍ ହୋଇଯାଆନ୍ତୁ । ଜନ୍ମଦିନର ଶୁଭେଚ୍ଛା ।ମୁଁ ସବୁବେଳେ ଆପଣଙ୍କୁ ଭଲପାଉଥିବି ।ଏହାସହିତ ଇନଷ୍ଟାଗ୍ରାମରେ ଆଉ ଏକ ଷ୍ଟୋରୀ ସେୟାର କରିଛନ୍ତି । ଯେଉଁଥିରେ ଫ୍ୟାନ୍ସ ତାଙ୍କ କଲ୍ ଏବଂ ମେସେଜ କରୁଛନ୍ତି । ତାଙ୍କ ସୁସ୍ଥ କାମନା କରୁଛନ୍ତି ।

## ଶିବ ପୁରାଣ

ଭଗବାନ ଶଙ୍କରଙ୍କ ବିଷୟରେ ବର୍ଣ୍ଣନା ଥିବା ଅନେକ ଧର୍ମଗ୍ରନ୍ଥ ପ୍ରଚଳିତ ରହିଛି । ତେବେ ଶିବପୁରାଣକୁ ଅଧିକ ପ୍ରାମାଣିକ ବୋଲି ବିବେଚନା କରାଯାଇଥାଏ । ଏଥିରେ ଦେବ ଦେବ ମହାଦେବଙ୍କ ଅପାର ଲୀଳା ସମ୍ବନ୍ଧରେ ଚମତ୍କାରୀ ବର୍ଣ୍ଣନା ରହିଛି । ଶିବ ପୁରାଣକୁ ଶୈବ ସମ୍ପ୍ରଦାୟର ଅତି ପୂଜନୀୟ ଗ୍ରନ୍ଥ ଭାବେ ବିବେଚନା କରାଯାଇଥାଏ । ଏଥିରେ ଭଗବାନ ଶିବଙ୍କ କଲ୍ୟାଣକାରୀ ରୂପ ସମ୍ପର୍କରେ ବର୍ଣ୍ଣନା ରହିଛି । ଶିବ ପୁରାଣରେ ମୋଟ୍ ୨୪ ହଜାର ଶ୍ଳୋକ ଥିବା ବେଳେ ଏହାକୁ ୭ଟି ସଂହିତାରେ ଭାଗ ଭାଗ କରାଯାଇଛି । ଏହି ସଂହିତାଗୁଡ଼ିକ ହେଉଛି ବିଦ୍ଵେଶ୍ୱର ସଂହିତା, ରୁଦ୍ର ସଂହିତା, ଶତରୁଦ୍ର ସଂହିତା, କୋଟିରୁଦ୍ର ସଂହିତା, ଉମା ସଂହିତା, କୈଳାଶ ସଂହିତା, ବାୟବୀୟ ସଂହିତା । ଏହି ସଂହିତା ମଧ୍ୟରୁ ରୁଦ୍ର




ସଂହିତାକୁ ପାଞ୍ଚ ଖଣ୍ଡରେ ବିଭକ୍ତ କରାଯାଇଥିବା ବେଳେ ବାୟବୀୟ ସଂହିତାକୁ ଦୁଇ ଖଣ୍ଡରେ ବିଭକ୍ତ କରାଯାଇଛି । .୦

# ଲୋକପ୍ରିୟ ହିନ୍ଦୁ ତୀର୍ଥସ୍ଥଳ: ଅମରକଣ୍ଟକ

ଅମରକଣ୍ଟକ ନର୍ମଦା ନଦୀ, ସୋନ ନଦୀଏବଂ ଜୋହିଲା ନଦୀର ଉଦମ ସ୍ଥାନ ଅଟେ। ଏହି ସ୍ଥାନ ମଧ୍ୟପ୍ରଦେଶ ଅନୁପପୁର ଜିଲ୍ଲାରେ ଅବସ୍ଥିତ। ହିନ୍ଦୁମାନଙ୍କ ପବିତ୍ର ସ୍ଥଳ ହେଉଛି ଏହି ସ୍ଥାନ। ସମୁଦ୍ର ପତ୍ତନଠାରୁ ୧୦୬୫ ମିଟର ଉଚ୍ଚରେ ଅବସ୍ଥିତ ମଧ୍ୟ ଭାରତର ବିନ୍ଧ୍ୟ ଏବଂ ସତପୁଡ଼ା ପାହାଡ଼ିଆ କ୍ଷେତ୍ରରେ ଅବସ୍ଥିତ। ଏହି ଅମରକଣ୍ଟକରୁ ନର୍ମଦା ଏବଂ ସୋନ ନଦୀର ଉତ୍ପତ୍ତି ହୋଇଛି। ଏହିଠାରୁ ପଶ୍ଚିମକୁ ନର୍ମଦା ଏବଂ ପୂର୍ବରୁ ସୋନ ନଦୀ ବହି ଯାଇଛି। ଏହି ସ୍ଥାନର ସୁନ୍ଦର ଝରଣା, ଉଚ୍ଚ ପାହାଡ଼ ଏବଂ ଶାନ୍ତି



ବାତାବରଣ ଶ୍ରଦ୍ଧାଳୁଙ୍କୁ ମନ୍ତ୍ରମୁଗ୍ଧ କରିଥାଏ। ଧାର୍ମିକ ଆଚରଣ କରୁଥିବା ବ୍ୟକ୍ତିବିଶେଷ ମାନେ ଏହି ସ୍ଥାନକୁ ଅଧିକ ପସନ୍ଦ କରିଥାନ୍ତି। ଅମରକଣ୍ଟକ ସଂପର୍କିକ ଅନେକ ପରମ୍ପରା ଓ କିମ୍ବଦନ୍ତୀ ରହିଛି। କୁହାଯାଏ ଯେ, ଭଗବାନ ଶିବଙ୍କ ପୁତ୍ରୀ ନର୍ମଦା ଜୀବନଦାୟିନୀ ନଦୀ ରୂପରେ ଏଠାରୁ ବହି ଯାଇଛନ୍ତି। ମାତା ନର୍ମଦାଙ୍କ ସମର୍ପଣରେ ଏଠାରେ ଅନେକ ମନ୍ଦିର ନିର୍ମିତ ହୋଇଛି। ମାତା ନର୍ମଦାଙ୍କୁ ଦୁର୍ଗାଙ୍କ ପ୍ରତିମୂର୍ତ୍ତି ଭାବେ ସ୍ୱୀକାର କରାଯାଏ। ଜୀବନଦାୟୀ ଗୁଣରେ ଭରପୁର ଏହି ସ୍ଥାନ। ଏଠାରେ ଥିବା ଝରଣାରେ ଗରମ ପାଣି ପ୍ରବାହିତ ହୋଇଥାଏ। କୁହାଯାଏ ଯେ, ଏହି ଝରଣାପାଣି ଅନେକ ଔଷଧୀୟ ଗୁଣରେ ଭରପୁର ରହିଛି। ଏଥିରେ ସ୍ନାନ କଲେ ଶରୀରର ବହୁ ଅସାଧ୍ୟ ରୋଗ ଦୂର ହୋଇଥାଏ। ବହୁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଏଠାକୁ ଆସି ଏହି ପବିତ୍ର ଜଳରେ ସ୍ନାନ କରିଥାନ୍ତି ଏବଂ ଏଥିରେ ସ୍ନାନ କରିବା ଦ୍ୱାରା ଶ୍ରଦ୍ଧାଳୁଙ୍କ ସର୍ବଦୁଃଖ ନିବାରଣ ହୋଇଥାଏ। ଏହି ପାହାଡ଼ିଆ ଅଞ୍ଚଳରେ ଅନେକ ମନ୍ଦିର ଓ ମୂର୍ତ୍ତି ସ୍ଥାପନ ହୋଇଛି। ଏଠାରେ ନର୍ମଦା ଏବଂ ଶିବ ମନ୍ଦିର ସମେତ ପ୍ରଭୁ କାର୍ତ୍ତିକେୟ, ଶ୍ରୀରାମ-ଜାନକୀ, ମାତା ଅନ୍ନପୂର୍ଣ୍ଣା, ଗୁରୁ ଗୋରଖନାଥ, ଶ୍ରୀ ସୂର୍ଯ୍ୟନାରାୟଣ, ବଙ୍ଗେଶ୍ୱର ମହାଦେବ, ଦୁର୍ଗା ମାତା, ଶିବ ପରିବାର, ସିଦ୍ଧେଶ୍ୱର ମହାଦେବ, ଶ୍ରୀରାଧା-କୃଷ୍ଣ ଆଦି ମନ୍ଦିର ଏଠାରେ ନିର୍ମିତ ହୋଇଛି। କୁହାଯାଏ ଯେ, ନର୍ମଦାଙ୍କୁ ଉତ୍ପତ୍ତି ଶିବଙ୍କ ଜଟାରୁ ହୋଇଛି, ତେଣୁ ଶିବଙ୍କୁ ଜଟାଶଙ୍କର କୁହାଯାଏ।

# ଶିବଲିଙ୍ଗ ଉପରେ କାହିଁକି ଚଢ଼ାଯାଏ ବେଲପତ୍ର



ଆମେ ସମସ୍ତେ ଜାଣୁ ବେଲ ପତ୍ର ଭଗବାନ ଶିବଙ୍କ ପାଇଁ ଅତ୍ୟନ୍ତ ପ୍ରିୟ ଏବଂ ଶିବଲିଙ୍ଗ ଉପରେ ବେଲ ପତ୍ର ନ ଚଢ଼ାଇବା ପର୍ଯ୍ୟନ୍ତ ପୂଜା ସମ୍ପୂର୍ଣ୍ଣ ହୋଇନଥାଏ । ଭଗବାନ ଶିବଙ୍କୁ ସନ୍ତୁଷ୍ଟ କରିବା ପାଇଁ କୌଣସି ଭୋଗ ନୈବେଦ୍ୟ ନୁହେଁ ବରଂ ଏକ ପାଣି ଢାଳ ଏବଂ କିଛି ବେଲ ପତ୍ର ହିଁ ଯଥେଷ୍ଟ । କିନ୍ତୁ ଜାଣନ୍ତି କି ଶିବଲିଙ୍ଗ ଉପରେ କାହିଁକି ଚଢ଼ାଯାଏ ବେଲପତ୍ର କୁହାଯାଏ ସମୁଦ୍ର ମନ୍ଥନ ସମୟରେ ଯେତେବେଳେ ବିଷ ବାହାରିଥିଲା ସେତେବେଳେ ଭଗବାନ ଶିବ ସମଗ୍ର ବ୍ରହ୍ମାଣ୍ଡକୁ ରକ୍ଷା କରିବା ପାଇଁ ଏହି ବିଷପାନ କରିଥିଲେ । ବିଷର ପ୍ରଭାବରେ ତାଙ୍କ କଣ୍ଠ ନୀଳ ହୋଇଗଲା ଏବଂ ତାଙ୍କ ସମଗ୍ର ଶରୀର ଅତ୍ୟନ୍ତ ଗରମ ହୋଇଗଲା ଯାହାଫଳରେ ଆଖପାଖର ପରିବେଶ ମଧ ଗରମ ହେବାକୁ ଲାଗିଲା । ବିଶ୍ୱାସ ଅନୁଯାୟୀ ବେଲପତ୍ର ବିଷର ପ୍ରଭାବକୁ ହ୍ରାସ କରିଥାଏ । ଯେଉଁଥିପାଇଁ ସମସ୍ତ ଦେବୀ ଏବଂ ଦେବତା ଭଗବାନ ଶିବଙ୍କୁ ବେଲପତ୍ର ଖାଇବାକୁ ଦେଇଥିଲେ । ବେଲପତ୍ର ସହିତ, ଶିବଙ୍କୁ ଥଣ୍ଡା ରଖିବା ପାଇଁ ଜଳ ମଧ ଅର୍ପଣ କରାଯାଇଥିଲା । ବେଲପତ୍ର ଏବଂ ଜଳର ପ୍ରଭାବ ଯୋଗୁଁ ମହାଦେବଙ୍କ ଶରୀରରେ ସୃଷ୍ଟି ହୋଇଥିବା ଉତ୍ତାପ ଥଣ୍ଡା ହେବାକୁ ଲାଗିଲା । ସେବେଠାରୁ ଭଗବାନ ଶିବଙ୍କୁ ଜଳ ଏବଂ ବେଲପତ୍ର ଅର୍ପଣ କରିବାର ପ୍ରଥା ଆରମ୍ଭ ହେଲା ।

# ବିନୟୀ ହେବାର ସୁଫଳ

ଜଣେ ସାଧୁ ଥିଲେ । ତାଙ୍କର ଶେଷ ସମୟ ଉପନୀତ ହେବାରୁ ସେ ନିଜ ଶିଷ୍ୟମାନଙ୍କୁ ପାଖକୁ ଡାକିଲେ । ଶିଷ୍ୟମାନଙ୍କ ଉଦ୍ଦେଶ୍ୟରେ ସାଧୁ କହିଲେ, ମୁଁ ତୁମମାନଙ୍କୁ ଆଜି ଏକ ଗୁଢ଼ ରହସ୍ୟ କହିବି । ଏଥର



ସାଧୁଜଣକ ନିଜ ପାଟି ଆଁ କଲେ ଏବଂ ଶିଷ୍ୟମାନଙ୍କୁ କହିଲେ, ମୋ ପାଟିରେ କେତୋଟି ଦାନ୍ତ ଅଛି, ତୁମେ ମାନେ ଗଣି କରି କୁହ । କିଛି ସମୟ ଗଣିବା ପରେ ସମସ୍ତ ଶିଷ୍ୟ ଏକ ସ୍ୱରରେ କହିଲେ, ଗୁରୁଦେବ ଆପଣଙ୍କର ତ' ଗୋଟିଏ ବୋଲି ଦାନ୍ତ ନାହିଁ । ଗୁରୁ କହିଲେ, ଏଥର ଦେଖ । ମୋ ଜିଭ ଅଛି ନା ନାହିଁ । ଶିଷ୍ୟମାନେ କହିଲେ, ହଁ ଅଛି । ଗୁରୁ ପୁଣି ଥରେ ପଚାରିଲେ, ଏହା କିପରି ହେଲା ? ଜିଭ ତ' ଜନ୍ମରୁ ଥିଲା, ଦାନ୍ତ ପରେ ଉଠିଲା । ତା'ହେଲେ ଦାନ୍ତ କିପରି ଆଗେ ଝଡ଼ିଗଲା, ମାତ୍ର ଜିଭ ରହିଗଲା ? ଗୁରୁଙ୍କ ପ୍ରଶ୍ନର କୌଣସି ଉତ୍ତର ଶିଷ୍ୟମାନଙ୍କ ପାଖରେ ନଥିଲା । ଶିଷ୍ୟଙ୍କ ଉତ୍କଣ୍ଠା ଶାନ୍ତ କରିବା ଲାଗି ଗୁରୁଦେବ ସେମାନଙ୍କୁ କହିଲେ, ଏହି ଜିଭରେ ମାଧୁର୍ଯ୍ୟ ଥିଲା, ମୃଦୁତା ବି ଥିଲା । ତା'ସହିତ ଏହା କୋମଳ ଥିଲା । ସେଇଥିପାଇଁ ଆଜି ବି ଏହି ଜିଭ ମୋ ପାଖରେ ତିଷ୍ଠି ରହିଛି । ଅନ୍ୟପକ୍ଷରେ ଦାନ୍ତଗୁଡ଼ିକରେ ଆରମ୍ଭରୁ କଠୋରତା ଭରି ରହିଥିଲା । ସେଥିପାଇଁ ପଛରେ ଆସି ମଧ ସେଗୁଡ଼ିକ ଜିଭ ଭଳି ଦୀର୍ଘଜୀବୀ ହୋଇପାରିଲେ ନାହିଁ । ଏଣୁ ତୁମେମାନେ ଯଦି ଦୀର୍ଘଜୀବୀ ହେବାକୁ ଚାହୁଁଛ, ତା'ହେଲେ କଠୋରତା ଛାଡ଼ ଏବଂ ବିନମ୍ରତା ଶିଖ । ଗୁରୁଙ୍କ ବାଣୀ ଶିଷ୍ୟମାନଙ୍କ ହୃଦୟ ଛୁଇଁଗଲା । ଏହି କଥାର ଅର୍ଥ ହେଉଛି, ସମାଜରେ ରହିବାକୁ ହେଲେ ମନୁଷ୍ୟକୁ ବିନମ୍ର ହେବାକୁ ପଡ଼ିବ, ତା'ହେଲେ ଯାଇ ସଂସାରରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ

# ଇତିହାସର ଅଲିଭା କଳାଦାଗ 'ଜରୁରୀକାଳିନ ପରିସ୍ଥିତି'




ଭୁବନେଶ୍ୱର, ୨୮।୬ (ମହାଭାରତ): ସମ୍ବିଧାନ ହତ୍ୟା ଦିବସ ଭାରତୀୟ ଗଣତନ୍ତ୍ରର ଏକ କଳା ଅଧ୍ୟାୟ। ଦେଶରେ ଗଣତନ୍ତ୍ର ଓ ସମ୍ବିଧାନକୁ କଂଗ୍ରେସ ବାରମ୍ବାର ହତ୍ୟା କରିବାକୁ ଚେଷ୍ଟା କରିଛି। ୫୧ ବର୍ଷ ପୂର୍ବେ କଂଗ୍ରେସ ପକ୍ଷରୁ ଲଗାଯାଇଥିବା ଜରୁରୀକାଳୀନ ପରିସ୍ଥିତି ହେଉଛି ଏହାର ପ୍ରମୁଖ ଉଦାହରଣ। ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୯୭୫ମସିହା ଜୁନ୍ ୨୫ ମଧ୍ୟରାତ୍ରିରେ ଭାରତରେ ପ୍ରଥମଥର ପାଇଁ ଜରୁରୀକାଳିନ ପରିସ୍ଥିତି ଘୋଷଣା କରିଥିଲେ। ୧୯୭୧ ମସିହା ସାଧାରଣ ନିର୍ବାଚନରେ ସେ ସରକାରୀକଳର ଅପବ୍ୟବହାର କରି ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ରାଜ ନାରାୟଣଙ୍କୁ ପରାସ୍ତ କରିଥିଲେ ବୋଲି ଉଲ୍ଲେଖ କରି ଆହ୍ଲାବାଦ ହାଇକୋର୍ଟ ତାଙ୍କ ସଭ୍ୟପଦ ନାକଚ କରିଥିଲେ। ଏହି ସମୟରେ ନିଜକୁ ପ୍ରଧାନମନ୍ତ୍ରୀ ପଦରେ ବେଆଇନ ଭାବେ କାର୍ଯ୍ୟ କରିବା ପାଇଁ ଶ୍ରୀମତୀ ଗାନ୍ଧୀ ଅସାମ୍ବିଧାନିକ ଭାବେ ୩୫୬ ଧାରାର ପ୍ରୟୋଗ କରି ୧୯୭୫ରେ ଜରୁରିକାଳୀନ ପରିସ୍ଥିତ ଘୋଷଣା କରିଥିଲେ। ୨୧ମାସ ଧରି ୧୯୭୭ ମାର୍ଚ୍ଚ ପର୍ଯ୍ୟନ୍ତ କଂଗ୍ରେସ ସରକାର ଭାରତରେ ସ୍ୱେଚ୍ଛାଚାରୀ ଶାସନ ଚଳାଇ ସମ୍ବିଧାନର ମୁଖବନ୍ଧକୁ ପରିବର୍ତ୍ତନ କରିଦେଇଥିଲା। ଏହି ସମୟରେ ସମ୍ବିଧାନରେ ଉଲ୍ଲେଖ ଥିବା ବ୍ୟକ୍ତିର ସ୍ୱାଧୀନତା, ଗଣମାଧ୍ୟମର ସ୍ୱାଧୀନତା, ନ୍ୟାୟପାଳିକାର ସ୍ୱତନ୍ତ୍ରତା ସମେତ ମୌଳିକ ଅଧିକାରକୁ ହତ୍ୟା କରି ଅଗଣତାନ୍ତ୍ରିକ ଭାବେ ଶାସନ କ୍ଷମତାକୁ ଅକ୍ତିଆର କରିବାର ପ୍ରୟାସ କରାଯାଇଥିଲା। ବିଶେଷ ଭାବେ ଗଣମାଧ୍ୟମ ଓ ଛାତ୍ର ଆନ୍ଦୋଳନକୁ ଅଗଣତାନ୍ତ୍ରିକ ଭାବେ ଦମନ କରାଯାଇଥିଲା। ଏହି ଜରୁରୀକାଳିନ ପରିସ୍ଥିତିକୁ ବିରୋଧ କରୁଥିବା ୩ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅଣକଂଗ୍ରେସ ରାଜନୈତିକ ଦଳର ନେତୃବୃନ୍ଦ, ସତ୍ୟାଗ୍ରହୀ, ବୁଦ୍ଧିଜୀବୀ ଏବଂ ପତ୍ରକାରମାନଙ୍କୁ "ମିଶା ଆଇନ" ବଳରେ ଜୋର ଜବରଦସ୍ତ ଜେଲରେ ଭର୍ତ୍ତି କରାଯାଇଥିଲା। ଜୟପ୍ରକାଶ ନାରାୟଣଙ୍କ ସମେତ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀ, ଲାଲକୃଷ୍ଣ ଆଡଭାନୀ, ମୋରାର୍ଜୀ ଦେଶାଇ, ଜର୍ଜ ଫର୍ଣ୍ଣାଣ୍ଡେଜ, ଚୌଧୁରୀ ଚରଣ ସିଂହ, ବିଜୟାରାଜେ ସିନ୍ଧିଆ, ଅଶ୍ୱିନୀ ଚୌବେ, ଅରୁଣ ଜେଟଲୀ ପ୍ରମୁଖ କାରାବରଣ କରିଥିଲେ। ସେହିପରି ଓଡିଶାରେ ମଧ୍ୟ ଡ. ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ, ନବକୃଷ୍ଣ ଚୌଧୁରୀ, ରବି ରାୟ ପ୍ରମୁଖଙ୍କ ସମେତ ୧୨୦୦ରୁ ଊର୍ଦ୍ଧ୍ୱ ସତ୍ୟାଗ୍ରହୀ ଏବଂ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ର, ଯୁବ ଓ ରାଜନେତାଙ୍କୁ ଗିରଫ କରାଯାଇ ଜେଲରେ ଭର୍ତ୍ତି କରିଦିଆଯାଇଥିଲା। ଦେଶର ନିର୍ଦ୍ଦିଷ୍ଟ ଗୋଟିଏ ପରିବାର ଶାସନ କ୍ଷମତାରେ ରହିବା ପାଇଁ ଦେଶର କୋଟି କୋଟି ଲୋକଙ୍କ ସାମ୍ବିଧାନିକ ଅଧିକାରକୁ ଜଳାଞ୍ଜଳି ଦିଆଯାଇଥିଲା। ସମ୍ବିଧାନର ଆତ୍ମାକୁ ଦଳିଚକଟି ଦେଶବାସୀଙ୍କ ଉପରେ ଜରୁରୀକାଳିନ ପରିସ୍ଥିତି ଲଦି ଦିଆଯାଇ ନାଗରିକମାନଙ୍କ ମୌଳିକ ଅଧିକାରକୁ ଛଡାଇ ନିଆଯାଇଥିଲା। ସାରା ଦେଶକୁ ଭୟ ଓ ଦମନର ଅନ୍ଧକାର ଭିତରକୁ ଠେଲି ଦିଆଯାଇଥିଲା। ସମ୍ବିଧାନକୁ ହତ୍ୟା କରିଥିବା ପାପୀମାନେ ଏବେ ସମ୍ବିଧାନ ରକ୍ଷାର ଫମ୍ପା ସ୍ଲୋଗାନ ଦେଉଛନ୍ତି। ସ୍ୱାଧିନତା ପରବର୍ତ୍ତୀ ଭାରତ ବର୍ଷର ଇତିହାସରେ ଜରୁରୀକାଳିନ ପରିସ୍ଥିତ ଏକ "ଅଲିଭା କଳାଦାଗ" ବୋଲି ରାଜ୍ୟ ପ୍ରଭାରୀ ଶ୍ରୀ ବିଜୟପାଲ ସିଂ ତୋମାର କହିଛନ୍ତି। ନିଜ ଦଳର ଅଭ୍ୟନ୍ତରୀଣ ଗଣତନ୍ତ୍ରକୁ ହତ୍ୟା କରିଥିବା ଏବଂ ପରିବାରବାଦ୍ ରାଜନୀତିରେ ବିଶ୍ୱାସ କରୁଥିବା ଆଜି କିଛି ରାଜନୈତିକ ଦଳ ଗଣତନ୍ତ୍ରକୁ ହତ୍ୟା କରିଥିବା ସେହି କଂଗ୍ରେସ ଦଳ ସହ ହାତ ମିଶାଇଛନ୍ତି। ଅତୀତର ଭୁଲ ପାଇଁ କଂଗ୍ରେସ ଦଳ ଏପର୍ଯ୍ୟନ୍ତ କ୍ଷମା ପ୍ରାର୍ଥନା କରି ନଥିବାବେଳେ ନିଜ ସ୍ୱାର୍ଥ ହାସଲ ପାଇଁ ହୀନ ରାଜନୀତି କରିବାକୁ ଆରମ୍ଭ କରିଦେଇଛି। ଏତେ ବର୍ଷ ପରେ ବି କଂଗ୍ରେସ ଦଳରେ କୌଣସି ସୁଧାର ଆସିନାହିଁ, ଯେଉଁଥିପାଇଁ ଏହି ଦଳକୁ ଲୋକେ ଆଜି ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଓଡ଼ିଶା ଓ ଓଡ଼ିଆ ବିରୋଧି ବୋଲି କଂଗ୍ରେସ ଦଳ ବହୁ ଥର ପ୍ରମାଣିତ ହୋଇସାରିଛି ବୋଲି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି।

# ଏମରଜେନ୍ସି ଥିଲା ସମ୍ବିଧାନକୁ କ୍ଷୁର୍ଣ୍ଣ କରିବାର କଳା ଅଧ୍ୟାୟ : ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୮।୬ (ମହାଭାରତ): 'ଏମରଜେନ୍ସି' ଥିଲା ସମ୍ବିଧାନକୁ କ୍ଷୁର୍ଣ୍ଣ କରିବାର କଳା ଅଧ୍ୟାୟ। କେବଳ କ୍ଷମତା ଏବଂ ପରିବାର ମୋହରେ ଅନ୍ଧ ହୋଇ କଂଗ୍ରେସ ସମ୍ବିଧାନକୁ କ୍ଷତିଗ୍ରସ୍ତ କରିବା ସହ ଏବଂ ସମଗ୍ର ଦେଶକୁ ଏକ କାରାଗାରରେ ପରିଣତ କରିଥିଲେ। ବୋଲି ଗୁରୁବାର ଚଣ୍ଡୀଗଡ଼ ଠାରେ ଆୟୋଜିତ 'ସମ୍ବିଧାନ ହତ୍ୟା ଦିବସ' କାର୍ଯ୍ୟକ୍ରମରେ ସାମିଲ ହେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ।

୧୯୭୫ ମସିହା ଜରୁରୀକାଳୀନ ସ୍ଥିତିର ସେହି ଅନ୍ଧକାରମୟ କାଳଖଣ୍ଡକୁ ମନେ ପକାଇବା ସହ କଂଗ୍ରେସର ଏକଛତ୍ରବାଦୀ ମାନସିକତା ଉପରେ ସମାଲୋଚନା କରିଛନ୍ତି ଶ୍ରୀ ପ୍ରଧାନ। ଜରୁରୀକାଳୀନ ପରିସ୍ଥିତିର ୫୧ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଜରୁରୀକାଳୀନ ସମୟରେ ଅମାନୁଷିକ ନିର୍ଯାତନା ସହି ମଧ୍ୟ ଦେଶର ଗଣତନ୍ତ୍ରକୁ ଜୀବିତ ରଖିବା ପାଇଁ ସଂଗ୍ରାମ କରିଥିବା ଗଣତନ୍ତ୍ରର ପ୍ରହରୀମାନଙ୍କୁ ସମ୍ମାନିତ କରିଥିଲେ। ଗଣମାଧ୍ୟମକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ସମ୍ବିଧାନର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିବା, ନାଗରିକ ଅଧିକାରକୁ ବନ୍ଧକ ରଖିବା ଏବଂ କିଶୋର କୁମାର ଓ ଲତା ମଙ୍ଗେସକରଙ୍କ ଭଳି ମହାନ କଳାକାରମାନଙ୍କ ସ୍ୱର ଉପରେ ପ୍ରତିବନ୍ଧକ ଲଗାଇବାର ନାମ ଥିଲା 'ଏମରଜେନ୍ସି'। ଏହି ସମ୍ବିଧାନ ବିରୋଧୀ ଲୋକଙ୍କର ନିର୍ବାଚନ ପ୍ରକ୍ରିୟା ଠାରୁ ଆରମ୍ଭ କରି ନ୍ୟାୟପାଳିକା ପର୍ଯ୍ୟନ୍ତ କୌଣସି ସାମ୍ବିଧାନିକ ବ୍ୟବସ୍ଥା ଉପରେ କେବେ ବି ବିଶ୍ୱାସ ନଥିଲା। କେବଳ କ୍ଷମତା ଏବଂ ପରିବାର ମୋହରେ ଅନ୍ଧ ହୋଇ ଏହି ଲୋକମାନେ ସମ୍ବିଧାନକୁ କ୍ଷତିଗ୍ରସ୍ତ କରିଥିଲେ ଏବଂ ସମଗ୍ର ଦେଶକୁ ଏକ କାରାଗାରରେ ପରିଣତ କରି ଆମ ନାଗରିକମାନଙ୍କ ସ୍ୱାଧୀନତା ଉପରେ କୁଠାରଘାତ କରିଥିଲେ। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, 'ଦିନେ ଇଣ୍ଡିଆ ହିଁ ଇନ୍ଦିରା, ଇନ୍ଦିରା ହିଁ ଇଣ୍ଡିଆ' ଭଳି ମାନସିକତା ସେମାନଙ୍କର ଏକଛତ୍ରବାଦୀ ଚିନ୍ତାଧାରାର ପ୍ରତୀକ ଥିଲା। ବର୍ତ୍ତମାନ ସମୟରେ ରାହୁଲ ଗାନ୍ଧୀଙ୍କ ସମେତ ସମଗ୍ର କଂଗ୍ରେସ ଦଳ ସେହି ସମାନ ଚିନ୍ତାଧାରାକୁ ଆଗକୁ ବଢ଼ାଉଛନ୍ତି।

# ନୈତିକତା ଦୃଷ୍ଟିରୁ ଗଣଶିକ୍ଷା ମନ୍ତ୍ରୀ ଇସ୍ତଫା ଦିଅନ୍ତୁ: ବିଜେଡି

ଭୁବନେଶ୍ୱର, ୨୮।୬ (ମହାଭାରତ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ହୋଇଥିବା ତ୍ରୁଟି ଶିକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ନଷ୍ଟ କରିଛି। ପିଲାଙ୍କ ଭବିଷ୍ୟତ ସହିତ ଖେଳ ଖେଳିଛନ୍ତି ସରକାର। ମୁଖ୍ୟମନ୍ତ୍ରୀ ରାଜଧର୍ମ ପାଳନ କରିବାରେ ବିଫଳ ହୋଇଥିବା କହି କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଜନତା ଦଳ ସଭାପତି ଶ୍ରୀ ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଇପ୍ସିତା ସାହୁ କହିଥିଲେ, ପାଠ୍ୟପୁସ୍ତକରେ ତ୍ରୁଟି କେବଳ ଓଡ଼ିଶାରେ ନୁହେଁ ଜାତୀୟ ସ୍ତରର ଗଣମାଧ୍ୟମରେ ଶିରୋନାମା ପାଲଟିଛି। ଏହାଦ୍ୱାରା ଓଡ଼ିଶା ସାରା ଦେଶରେ ନିନ୍ଦିତ ହୋଇଛି। କେବଳ ଲୋକଦେଖାଣିଆ ଭାବେ ୫ ଜଣଙ୍କୁ ନିଲମ୍ବିତ କରି ଚୁପ୍ ହୋଇ ବସି ରହିଛନ୍ତି ସରକାର। ନୈତିକ ଦାୟିତ୍ୱ ନେଇ ଗଣଶିକ୍ଷା ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ବିଜୁ ଜନତା ଦଳ ଦାବି କରିଛି। ଶ୍ରୀ ଚିନ୍ମୟ ସାହୁ କହିଥିଲେ ଯେ, ନୂତନ ଏନଇପି-୨୦୨୦ ଆଧାରିତ ଓଡ଼ିଆ ପାଠ୍ୟପୁସ୍ତକରେ ହୋଇଥିବା ବ୍ୟାପକ ତ୍ରୁଟି କେବଳ ଏକ ପ୍ରଶାସନିକ ଭୁଲ ନୁହେଁ, ବରଂ ଓଡ଼ିଆ ଭାଷା, ସଂସ୍କୃତି, ଐତିହ୍ୟ ଏବଂ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉପରେ ଆକ୍ରମଣ। ଏହି ଘଟଣା ଜାତୀୟ ସ୍ତରରେ ମଧ୍ୟ ଓଡ଼ିଶାକୁ ଲଜ୍ଜିତ କରିଛି। ଏହା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ରାଜଧର୍ମ ପାଳନ କରି ବିଭାଗୀୟ ମନ୍ତ୍ରୀଙ୍କ ବିରୋଧରେ କୌଣସି ପଦକ୍ଷେପ ନେଇନାହାନ୍ତି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ପ୍ରାୟ ୧୭୬୮ଟି ତ୍ରୁଟି ଚିହ୍ନଟ ହୋଇଛି। ସେଥିରୁ ସର୍ବାଧିକ ୭୦୫ଟି ତ୍ରୁଟି କେବଳ ଅଷ୍ଟମ ଶ୍ରେଣୀର ପୁସ୍ତକରେ ରହିଛି। ବନାନ, ତଥ୍ୟ, ଭୂଗୋଳ, ଇତିହାସ, ସାହିତ୍ୟ, ବ୍ୟକ୍ତିତ୍ୱଙ୍କ ନାମ, ଭୁଲ୍ ଫଟୋ ଏବଂ ଭୁଲ ସ୍ଥାନ ସମ୍ପର୍କିତ ତ୍ରୁଟି ପରିଲକ୍ଷିତ ହୋଇଛି। କର୍ଣ୍ଣାଟକ ବିଧାନସଭାର ଫଟୋକୁ ଓଡ଼ିଶା ବିଧାନସଭା ବୋଲି ଦର୍ଶାଯାଇଥିବା ବେଳେ ନିୟମଗିରିକୁ ଝାଡ଼ଖଣ୍ଡରେ ଥିବା ଉଲ୍ଲେଖ କରାଯାଇଛି ଏବଂ ଗଞ୍ଜାମ ଜିଲ୍ଲାକୁ ବ୍ରହ୍ମପୁର ଜିଲ୍ଲା ବୋଲି ଲେଖିବା ସରକାରଙ୍କ ଓଡ଼ିଆ ଅସ୍ମିତା ପ୍ରତି କୁଠାରଘାତ। ପୁସ୍ତକ ପ୍ରକାଶନରେ ପ୍ରାୟ ୩୮୦ କୋଟି ଟଙ୍କାର ଦୁର୍ନୀତି ହୋଇଛି। ତେଣୁ ଏହି ସମଗ୍ର ଘଟଣାର ସିବିଆଇ ତଦନ୍ତ କରାଯିବା ସହ ସମ୍ପୃକ୍ତ ସମସ୍ତ ଦୋଷୀ ଅଧିକାରୀ ଓ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଇପ୍ସିତା ସାହୁ କହିଥିଲେ ଯେ, ତ୍ରୁଟିପୂର୍ଣ୍ଣ ପୁସ୍ତକ ବିଷୟରେ ଜାଣିବା ପରେ ସରକାରଙ୍କ ପ୍ରଥମ କାମ ଥିଲା ସେଗୁଡ଼ିକୁ ତୁରନ୍ତ ପ୍ରତ୍ୟାହାର କରିବା। କିନ୍ତୁ ସରକାର ତାହା ନକରି ଲକ୍ଷ ଲକ୍ଷ ପିଲାଙ୍କୁ ଭୁଲ ତଥ୍ୟ ପଢ଼ିବାକୁ ବାଧ କରିଛନ୍ତି।

# ପୁରୀରେ ନିର୍ମାଣ ହେବ ଅତ୍ୟାଧୁନିକ ବହୁମୁଖୀ ସମ୍ମିଳନୀ କେନ୍ଦ୍ର



ଭୁବନେଶ୍ୱର,୨୮।୬ (ମହାଭାରତ): ପବିତ୍ର ଶ୍ରୀକ୍ଷେତ୍ର ପୁରୀର ଭିତିଭୂମି ବିକାଶ କ୍ଷେତ୍ରରେ ଏକ ବଡ଼ ଘୋଷଣା କରିଛନ୍ତି ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର। ପୁରୀକୁ ସମ୍ମିଳନୀ, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଦର୍ଶନୀ ଏବଂ ବୃହତ ଜନସମାବେଶ ପାଇଁ ଏକ ପ୍ରମୁଖ ସ୍ଥଳ ଭାବେ ଗଢ଼ିତୋଳିବା ଲକ୍ଷ୍ୟରେ ସେଠାରେ ୧୦୦୦ ଆସନ ବିଶିଷ୍ଟ ଏକ ଅତ୍ୟାଧୁନିକ ବହୁମୁଖୀ ସମ୍ମିଳନୀ କେନ୍ଦ୍ର ନିର୍ମାଣ କରାଯିବ।

ବିଭାଗ ପକ୍ଷରୁ "ବିକଶିତ ଓଡ଼ିଶା ପାଇଁ ଜନ ଭାଗିଦାରୀ: ସଶକ୍ତ ନାଗରିକ - ସମାବେଶୀ ସହର - ସ୍ଥାୟୀ ସହରାଂଚଳ ଭବିଷ୍ୟତ" ଅଭିମୁଖ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ସହରାଂଚଳ ଜନସମ୍ପର୍କ କାର୍ଯ୍ୟକ୍ରମ ଅବସରରେ ମନ୍ତ୍ରୀ ଏହି ଘୋଷଣା କରିଛନ୍ତି।

ପ୍ରସ୍ତାବିତ ପ୍ରକଳ୍ପକୁ ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ଏବଂ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରିବା ଭଳି ସ୍ଥାନ ଭାବେ ପରିକଳ୍ପନା କରାଯାଇଛି। ଏଠାରେ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମିଳନୀ, ଶିକ୍ଷାଗତ ତଥା ବୃତିଗତ ଆଲୋଚନାଚକ୍ର, ସାଂସ୍କୃତିକ ମହୋତ୍ସବ, ସରକାରୀ କାର୍ଯ୍ୟକ୍ରମ ଏବଂ ସାମାଜିକ ସମାବେଶ ଆଦି ଆୟୋଜନ କରାଯାଇପାରିବ। ଏହି ପ୍ରକଳ୍ପ ଦ୍ୱାରା ପୁରୀରେ ଏକ ବୃହତ ଓ ଆଧୁନିକ ପ୍ରେକ୍ଷାଳୟର ବହୁ ପ୍ରତୀକ୍ଷିତ ଆବଶ୍ୟକତା ପୂରଣ ହେବ ବୋଲି ଆଶା କରାଯାଉଛି। ଭାରତର ଅନ୍ୟତମ ତୀର୍ଥ କ୍ଷେତ୍ର ତଥା ଏକ ପ୍ରମୁଖ ବିଶ୍ୱ ପର୍ଯ୍ୟଟନ ସ୍ଥଳୀ ଭାବେ ପୁରୀର ସ୍ୱତନ୍ତ୍ର ପରିଚୟକୁ ରେଖାଙ୍କିତ କରି ଡଃ ମହାପାତ୍ର କହିଛନ୍ତି ଯେ, ସହରର ବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବା ଏବଂ ସହରାଞ୍ଚଳ ଭିତିଭୂମି ତଥା ଜନସାଧାରଣଙ୍କ ସୁବିଧା ସୁଯୋଗକୁ ସୁଦୃଢ଼ କରିବା ଦିଗରେ ଏହି ସମ୍ମିଳନୀ କକ୍ଷ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହି ପ୍ରକଳ୍ପର ଶୀଘ୍ର ରୂପାୟନ ପାଇଁ ଆବଶ୍ୟକ ପ୍ରଶାସନିକ ପ୍ରକ୍ରିୟା ଏବଂ ପ୍ରାଥମିକ ପ୍ରସ୍ତୁତି କାର୍ଯ୍ୟକୁ ପ୍ରାଥମିକତା ଭିତିରେ ଆରମ୍ଭ କରିବାକୁ ମନ୍ତ୍ରୀ, ପୁରୀ ମହାନଗର ନିଗମର କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମନ୍ତ୍ରୀ ଆହୁରି ମଧ୍ୟ ସୂଚନା ଦେଇଛନ୍ତି ଯେ, ଓଡ଼ିଶାର ବିଭିନ୍ନ ପୌରସଂସ୍ଥା ଗୁଡ଼ିକରେ ପର୍ଯ୍ୟାୟକ୍ରମେ ଏଭଳି ବହୁମୁଖୀ ଭିତିଭୂମି ସୃଷ୍ଟି କରିବା ପାଇଁ ରାଜ୍ୟ ସରକାର ଏକ ବ୍ୟାପକ ରୋଡମ୍ୟାପ୍ ପ୍ରସ୍ତୁତ କରୁଛନ୍ତି। ଏହି ପଦକ୍ଷେପ ସହରାଂଚଳର ସୁବିଧା ସୁଯୋଗକୁ ସୁଦୃଢ଼ କରିବ, ଗୋଷ୍ଠି ସହଭାଗିତାକୁ ପ୍ରୋତ୍ସାହିତ କରିବ ଏବଂ ଦ୍ରୁତ ଗତିରେ ବଢ଼ୁଥିବା ସହରାଂଚଳ ଜନସଂଖ୍ୟାର ଆବଶ୍ୟକତାକୁ ପୂରଣ କରିବ। ଏହି ସମାରୋହରେ ଉପସ୍ଥିତ ଥିବା ଜନପ୍ରତିନିଧି, ନାଗରିକ ଏବଂ ବିଭିନ୍ନ ଅଂଶୀଦାରମାନେ ଏହି ଘୋଷଣାକୁ ସ୍ୱାଗତ କରିବା ସହ ପ୍ରସ୍ତାବିତ ସମ୍ମିଳନୀ କକ୍ଷ ଶ୍ରୀକ୍ଷେତ୍ରର ରୂପରେଖରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ ବୋଲି ମତବ୍ୟକ୍ତ କରିଛନ୍ତି।

ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଏକ ପ୍ରମୁଖ ଜନ କଲ୍ୟାଣକାରୀ ଭିତିଭୂମି ଭାବେ ଉଭା ହେବ, ଯାହା ପୁରୀର ସାଂସ୍କୃତିକ, ଆଧାତ୍ମିକ ଏବଂ ପର୍ଯ୍ୟଟନ ଗୌରବକୁ ଆହୁରି ବଢ଼ାଇବ। ଏହାସହ ଓଡ଼ିଶାର ସ୍ଥାୟୀ, ସମାବେଶୀ ଏବଂ ନାଗରିକ-କୈନ୍ଦ୍ରିକ ସହରୀ ବିକାଶର ପରିକଳ୍ପନାକୁ ସାକାର କରିବାରେ ବିଶେଷ ସହାୟକ ହେବ।

# କଂଗ୍ରେସର 'ଛାତ୍ରୋଂକି ଗୁଞ୍ଜୀ' ଅଭିଯାନ ଶୁଭାରମ୍ଭ



ଭୁବନେଶ୍ୱର, ୨୮।୬ (ମହାଭାରତ): ପ୍ରଦେଶ କଂଗ୍ରେସ ଗଣମାଧ୍ୟମ ବିଭାଗ ଦ୍ୱାରା ଭୁବନେଶ୍ୱରରେ ଆୟୋଜିତ 'ଛାତ୍ରୋଂକି ଗୁଞ୍ଜୀ' ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଛାତ୍ରୋଂ କି ଗୁଞ୍ଜୀ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ତଥା ଏଆଇସିସି ମିଡ଼ିଆ ବିଭାଗ ଅଧ୍ୟକ୍ଷ ପୱନ ଖେରା ଗଣମାଧ୍ୟମ ଓ ଉପସ୍ଥିତ ଛାତ୍ରଛାତ୍ରୀ ଓ ଯୁବକ ଯୁବତୀଙ୍କୁ ସମ୍ବୋଧିତ କରିଛନ୍ତି। ଶ୍ରୀ ଖେରା କହିଛନ୍ତି ଯେ, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ଦଲ୍ଲୀସ୍ଥିତ ବିଳାସମୟ କୋଠାରେ ଯୋଗ ଦିବସ ପାଳନ କରି ରିଲସ ତିଆରିରେ ବ୍ୟସ୍ତ କ୍ଷ ଏହା କଣ ଶିକ୍ଷମନ୍ତ୍ରୀଙ୍କ କାମ ? ଏମାନଙ୍କ ସରକାରରେ ବିଗତ ୧୦ ବର୍ଷରେ ୯୦ ଥର ପ୍ରଶ୍ନପତ୍ର ଲିକ ହୋଇ ୭ କୋଟି ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ଦିଆଯାଇଛି। ପ୍ରଧାନମନ୍ତ୍ରୀ ପରୀକ୍ଷା ଚର୍ଚ୍ଚା କରୁଛନ୍ତି। ପରୀକ୍ଷା କିଭଳି କରାଯାଏ ଜଣା ନାହିଁ, ପରୀକ୍ଷା କେମିତି ଦେବେ ଜ୍ଞାନ ଦେଉଛନ୍ତି। ପୁଣି ଯାହାଙ୍କ ଡିଗ୍ରୀ ଉପରେ ପ୍ରଶ୍ନବାଚୀ ଚିହ୍ନ ଲାଗିଛି। ରାହୁଲ ଗାନ୍ଧୀ କେତେ ବର୍ଷ ଆଗରୁ କହି ଆସୁଛନ୍ତି ଯେ ଛୁଆପିଲାଙ୍କ ଭବିଷ୍ୟତ ଉପରେ ଖେଳିବା ବନ୍ଦ କରନ୍ତୁ ବୋଲି। ବର୍ତ୍ତମାନ ନିଟ-ଲିକ-ରିପିଟ ଏକ ପରମ୍ପରା ହୋଇ ଗଲାଣି। ଯେଉଁ ପିଲାମାନେ ନିଟ ଦେଉଛନ୍ତି ସେମାନଙ୍କ ପରିବାର ଉପରେ କଣ ବିତୁଥିବ ଟିକିଏ ଚିନ୍ତା କରନ୍ତୁ। ଯୁବପିଢ଼ିଙ୍କ ଭବିଷ୍ୟତ ଉପରେ ସମସ୍ତ ରାଜନୈତିକ ଦଳ ଏକଜୁଟ ହେବାର ଆବଶ୍ୟକତା ଅଛି। କୋଟାରେ ଆମେ ଛାତ୍ରଙ୍କ ଆକ୍ରୋଶ ଦେଖିବାକୁ ପାଇଲୁ। ସାରା ଦେଶରେ ଛାତ୍ର ସମାଜରେ ଗଭୀର ଆକ୍ରୋଶ ଦେଖାଯାଇଛି। ଯଦି ଠିକଣା ସମୟରେ ପଦକ୍ଷେପ ନିଆ ନ' ଯାଏ ତେବେ ଦେଶର ପ୍ରଭୂତ କ୍ଷତି ଘଟିବ ବୋଲି ଶ୍ରୀ ଖେଡା ସରକାରଙ୍କୁ ଚେତାଇ ଦେଇଛନ୍ତି କ୍ଷ ଭାରତର ୨୮ ଗୋଟି ସହରରେ ଆଜି ଏକା ସାଥିରେ ସାମ୍ବାଦିକ ସମ୍ମିଳନୀ ହେଉଛି। ପ୍ରଶ୍ନପତ୍ର ଛପାଠୁ ଆରମ୍ଭ କରି ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରକୁ ପହଞ୍ଚିବା ପର୍ଯ୍ୟନ୍ତ ଯାହା କିଛି ବ୍ୟବସ୍ଥା ତାହା ଉପରେ ଅଡିଟ ହେବା ଆବଶ୍ୟକ କ୍ଷ ବାର୍ଷିକ ପରୀକ୍ଷା, ଫଳାଫଳ ଘୋଷଣା ଆଦିର ବର୍ଷର ନିର୍ଦ୍ଦିଷ୍ଟ ଦିନ କରିବା ଉଚିତ। ମଞ୍ଚାସିନ ପୂର୍ଣ୍ଣଚନ୍ଦ୍ର ପାଢ଼ୀ (କୋକୋ) କହିଥିଲେ, ଆଜିଠାରୁ ଦୀର୍ଘ ୪୦ ଦିନ ଧରି କଂଗ୍ରେସ ଭୁବନେଶ୍ୱରର ପ୍ରତ୍ୟେକ କୋଚିଂ ସେଣ୍ଟର, ଶିକ୍ଷାନୁଷ୍ଠାନ ଆଦିକୁ ଯାଇ ଛାତ୍ରଙ୍କ ଅସୁବିଧା ଓ ସମସ୍ୟା ଆଦି ବୁଝିବ ଓ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବ ବୋଲି ସୂଚନା ଦେଇଥିଲେ। ଏହି ଛାତ୍ରୋଂ କି ଗୁଞ୍ଜୀ କାର୍ଯ୍ୟକ୍ରମକୁ ପିସିସି ଗଣମାଧ୍ୟମ ଅଧ୍ୟକ୍ଷ ଅରବିନ୍ଦ ଦାସ ସଂଚାଳନ କରି ଥିବାବେଳେ ପୂର୍ବତନ ବିଧାୟକ ତଥା ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ଦେବାଶିଷ ପଟ୍ଟନାୟକ, କୋକୋ ପାଢ଼ୀ, ପୂର୍ବତନ ଯୁବ କଂଗ୍ରେସ ସ୍ମୃତି ରଞ୍ଜନ ଲେଙ୍କା ମଞ୍ଚାସିନ ଥିଲେ।

# ସୋଆ ସେଂଟରର ଫର୍ ଡାଟା ସାଇନ୍ସ ବାର୍ଷିକ ସମାଚାର ପ୍ରକାଶିତ

ଭୁବନେଶ୍ୱର, ୨୮।୬ (ମହାଭାରତ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ସ୍ଥିତ ସେଂଟର ଫର୍ ଡାଟା ସାଇନ୍ସ (ସିଡିଏସ୍)ର ବାର୍ଷିକ ସମାଚାରପତ୍ର 'ଡିଏସ୍ ବୁଲେଟିନ୍'ର ଦ୍ୱିତୀୟ ଖଣ୍ଡ ଆନୁଷ୍ଠାନିକ ଭାବରେ ମଙ୍ଗଳବାର ଉନ୍ମୋଚିତ ହୋଇଛି। ଏହି ପ୍ରକାଶନର ମୁଖ୍ୟ ସମ୍ପାଦକ ପ୍ରଫେସର ମନୋରଞ୍ଜନ ପାଢୀଙ୍କ ଉପସ୍ଥିତିରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଏହି ନ୍ୟୁଜଲେଟରକୁ ଉନ୍ମୋଚିତ କରିଥିଲେ। ବାର୍ଷିକ ନ୍ୟୁଜଲେଟରଟି ୨୦୨୫ ବର୍ଷ ପାଇଁ ସିଡିଏସ୍ର ଶୈକ୍ଷିକ, ଗବେଷଣା ଏବଂ ଆଉଟରିଚ୍ କାର୍ଯ୍ୟକଳାପର ଏକ ଅଭିଲିଖନ ଭାବରେ ପ୍ରକାଶିତ ହୋଇଛି। ଏହି ନ୍ୟୁଜଲେଟର କମ୍ପ୍ୟୁଟର ସାଇନ୍ସ ଏବଂ ଇଞ୍ଜିନିୟରିଂ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଫ୍ୟାକଲ୍ଟି ସଦସ୍ୟ, ଗବେଷକ ଏବଂ ସିଡିଏସ୍ ସହିତ ଜଡିତ ଛାତଛାତ୍ରୀ ମାନଙ୍କ ସଫଳତା ଏବଂ ଅବଦାନକୁ ପ୍ରକାଶ କରିଥାଏ। 'ଡିଏସ୍ ବୁଲେଟିନ୍'ର ଦ୍ୱିତୀୟ ଖଣ୍ଡରେ ଅଧ୍ୟାପକଙ୍କ ପ୍ରୋଫାଇଲ୍, ପ୍ରକାଶନ, ପୁରସ୍କାର ଏବଂ ସ୍ୱୀକୃତି ସମେତ ଗବେଷଣାରେ ଉଲ୍ଲେଖନୀୟ କୃତିତ୍ୱ ଏବଂ ପିଏଚଡି ଗବେଷକ ଏବଂ ଛାତ୍ରଛାତ୍ରୀଙ୍କ ସଫଳତା ଅନ୍ତର୍ଭୁକ୍ତ। ଗତ ବର୍ଷ ସିଡିଏସ୍ ଦ୍ୱାରା କରାଯାଇଥିବା ବିଭିନ୍ନ ବିଭାଗୀୟ କାର୍ଯ୍ୟକଳାପ ଶିକ୍ଷାଗତ କାର୍ଯ୍ୟକ୍ରମ, କର୍ମଶାଳା ଓ ପଦକ୍ଷେପର ଏକ ସ୍ନାପସଟ୍ ମଧ୍ୟ ଏଥିରେ ଉପସ୍ଥାପନ କରାଯାଇଛି। ବର୍ଷ ସାରା ହାସଲ ହୋଇଥିବା ମାଇଲଖୁଂଟ ଗୁଡିକୁ ବର୍ଣ୍ଣନା କରି ନ୍ୟୁଜଲେଟରଟି ସିଡିଏସ୍ର ସାମୂହିକ ପ୍ରୟାସକୁ ପ୍ରକାଶ କରିବା ସହ ଛାତ୍ରଛାତ୍ରୀ, ଗବେଷକ, ଶିକ୍ଷାବିତ୍ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ପାଇଁ ଏକ ମୂଲ୍ୟବାନ ସନ୍ଦର୍ଭ ସାମଗ୍ରୀ ଭାବରେ କାର୍ଯ୍ୟ କରେ। ନ୍ୟୁଜଲେଟରର ମୁଖ୍ୟ ସମ୍ପାଦକ ପ୍ରଫେସର ମନୋରଞ୍ଜନ ପାଢୀ, ସହଯୋଗୀ ସମ୍ପାଦକ ଡକ୍ଟର ସାୟନ୍ତନ ଗୁହା, ସହଯୋଗୀ ସମ୍ପାଦକ ଡକ୍ଟର ଆଶିଷ କୁମାର ପତି, ସହଯୋଗୀ ସମ୍ପାଦକ ମୀନାକ୍ଷୀ ଦାସ ଏବଂ ଏହାର ପ୍ରସ୍ତୁତିରେ ସାମିଲ ସମସ୍ତ ଯୋଗଦାନକାରୀଙ୍କ ପ୍ରୟାସକୁ ଉଚ୍ଚ ପ୍ରଶଂସା କରାଯାଇଛି। ଏହା ଡାଟା ସାଇନ୍ସ ଶିକ୍ଷାରେ ଗବେଷଣା, ନବସୃଜନ ଏବଂ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ ସିଡିଏସ୍ର ଦୃଷ୍ଟିକୋଣକୁ ମଧ୍ୟ ପୁନଃନିର୍ଦ୍ଦେଶିତ କରିଛି।

# ଓଡ଼ିଶାରେ ୪୫୯ ନୂତନ ବ୍ୟାଙ୍କିଙ୍ଗ ସେବା କେନ୍ଦ୍ର ସ୍ଥାପନ ହେବ

ଭୁବନେଶ୍ୱର,୨୮।୬ (ମହାଭାରତ): ଗ୍ରାମୀଣ ଓଡ଼ିଶାରେ ବ୍ୟାଙ୍କିଙ୍ଗ ସେବାର ପହଞ୍ଚ ବୃଦ୍ଧି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ବିଏଲଏସ୍ ଇ-ସର୍ଭିସେସ୍ ଲିମିଟେଡ୍ର ସହଯୋଗୀ ସଂସ୍ଥା ଜିରୋ ମାସ୍ ରାଜ୍ୟରେ ୪୫୯ଟି ନୂତନ କଷ୍ଟମର ସର୍ଭିସ ପଏଟ୍ ସ୍ଥାପନ ପାଇଁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ (ଆଂଚଳିକ ଗ୍ରାମୀଣ ବ୍ୟାଙ୍କ) ଠାରୁ ଏକ ନୂତନ ମାଣ୍ଡେଟ୍ ହାସଲ କରିଛି। ଉକ୍ତ ବ୍ୟାଙ୍କଟି ସରକାରୀ ମାଲିକାନାଭୁକ୍ତ ହୋଇଥିବା ବେଳେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ଏହାର ପ୍ରାୟୋଜକ ବ୍ୟାଙ୍କ ଭାବେ କାର୍ଯ୍ୟ କରୁଛି। ଏହି ନୂତନ କେନ୍ଦ୍ରଗୁଡ଼ିକ ବ୍ୟାଙ୍କର ବ୍ରହ୍ମପୁର, ପିପିଲି ଓ ଖୋର୍ଦ୍ଧା ଅଂଚଳରେ ସ୍ଥାପିତ ହେବ। ଏହା ମାଧ୍ୟମରେ ଗ୍ରାମ ଓ ଅର୍ଦ୍ଧ-ସହରାଂଚଳର ହଜାର ହଜାର ଲୋକଙ୍କ ନିକଟରେ ଆବଶ୍ୟକୀୟ ବ୍ୟାଙ୍କିଙ୍ଗ ସେବା ପହଂଚିପାରିବ। ବର୍ତ୍ତମାନ ସଂସ୍ଥାଟି ଓଡ଼ିଶାରେ ୧୦୦ରୁ ଅଧିକ ଆଉଟଲେଟ୍ ପରିଚାଳନା କରୁଥିବା ବେଳେ, ଏହି ନୂତନ ମାଣ୍ଡେଟ୍ ପରେ ସିଏସପି ସଂଖ୍ୟା ୫୫୦ରୁ ଅଧିକକୁ ବୃଦ୍ଧି ପାଇବ। ଏହି ପଦକ୍ଷେପ ଔପଚାରିକ ବ୍ୟାଙ୍କିଙ୍ଗ ସେବାର ପହଂଚ ବୃଦ୍ଧି କରିବା ସହ ସ୍ଥାନୀୟ ଯୁବକ-ଯୁବତୀଙ୍କ ପାଇଁ ରୋଜଗାର ସୁଯୋଗ ମଧ୍ୟ ସୃଷ୍ଟି କରିବ। ଏହି ଅବସରରେ ବିଏଲଏସ୍ ଇ-ସର୍ଭିସେସ୍ ଲିମିଟେଡ୍ର ସିଓଓ ଲୋକନାଥ ପଣ୍ଡା କହିଛନ୍ତି, "ଭାରତୀୟ ରିଜର୍ଭ ବ୍ୟାଙ୍କର ଜାତୀୟ ଆର୍ଥିକ ସମାବେଶ କୌଶଳ (ଏନ୍ଏସ୍ଏଫ୍ଆଇ ୨୦୨୫-୩୦) ଅନ୍ତର୍ଗତ କାର୍ଯ୍ୟଯୋଜନା ଅନୁଯାୟୀ, ଓଡ଼ିଶାରେ ଆର୍ଥିକ ସମାବେଶକୁ ଆହୁରି ବିସ୍ତାର କରିବା ପାଇଁ ଆମ ସହଯୋଗୀ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ସହ ୪୫୯ଟି ନୂତନ ବ୍ୟାଙ୍କିଙ୍ଗ ଆଉଟଲେଟ୍ ସ୍ଥାପନର ମାଣ୍ଡେଟ୍ ପାଇ ଆମେ ଆନନ୍ଦିତ। ଏହି ନୂତନ ସିଏସପିଗୁଡ଼ିକ ଲୋକମାନଙ୍କ ଘର ନିକଟରେ ଆବଶ୍ୟକୀୟ ବ୍ୟାଙ୍କିଙ୍ଗ ସେବା ପହଂଚାଇବ। ଆର୍ଥିକ ସେବାର ପହଞ୍ଚ ସହିତ ସ୍ଥାନୀୟ ଯୁବପିଢ଼ିଙ୍କ ପାଇଁ ଜୀବିକାର ସୁଯୋଗ ସୃଷ୍ଟି ହେବ ଏବଂ ରାଜ୍ୟର ଆର୍ଥିକ ବିକାଶରେ ମଧ୍ୟ ଏହା ଅବଦାନ ରଖିବ।"

# ବିଜେପି ଯୁବମୋର୍ଚ୍ଚା ପରିବର୍ଦ୍ଧିତ କାର୍ଯ୍ୟକାରଣୀ ବୈଠକ



ଭୁବନେଶ୍ୱର, ୨୮।୬ (ମହାଭାରତ): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରରେ ବିଜେପି ସରକାରର ୧୨ ବର୍ଷ ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝିଙ୍କ ନେତୃତ୍ୱରେ ରାଜ୍ୟରେ ବିଜେପି ସରକାର ୨ ବର୍ଷ ସଫଳତାର ସହ ପୂର୍ତ୍ତି କରିଛି। ଆମ ଯୁବ କାର୍ଯ୍ୟକର୍ତାମାନଙ୍କ ଅଦମ୍ୟ ବିଶ୍ୱାସ ଓ କଠିନ ପରିଶ୍ରମ ହିଁ ୨୦୩୬ ସୁଦ୍ଧା ରାଜ୍ୟକୁ 'ସମୃଦ୍ଧ ଓଡିଶା' ଗଠନ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଆଗାମୀ ଦିନରେ ଓଡିଶାକୁ ଉଭୟ ସରକାରଙ୍କ ସଫଳତା, ଜନକଲ୍ୟାଣ ଯୋଜନାଗୁଡିକୁ ଜନ ଜନରେ ପହଂଚାଇବା ସହ ସଂଗଠନକୁ ଆହୁରି ଅଧିକ ସୁଦୃଢ଼ କରିବାକୁ ଗୁରୁବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଭାରତୀୟ ଜନତା ଯୁବ ମୋର୍ଚ୍ଚାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଯୋଗ ଦେଇ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଆହ୍ୱାନ ଦେଇଛନ୍ତି। ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ଅଭିଳାଷ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ସାଧାରଣ ସଂପାଦକ ଶାରଦା ପ୍ରସାଦ ଶତପଥୀ, ପୂର୍ବତନ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସମସ୍ତ ନୂତନ କାର୍ଯ୍ୟକାରିଣୀ ସଦସ୍ୟମାନଙ୍କୁ ନିଜର ଦାୟିତ୍ୱ ସମ୍ପର୍କରେ ଅବଗତ କରାଇବା ସହ ସଫଳତା ପାଇଁ ଗୁରୁମନ୍ତ୍ର ଦେଇଛନ୍ତି। ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ପଣ୍ଡା କହିଛନ୍ତି ଯେ; ରାଷ୍ଟ୍ର ହେଉଛି ସର୍ବୋପରୀ। ସଂଗଠନକୁ ଶକ୍ତିଶାଳୀ କରି ତଳ ସ୍ତରରେ ପହଁଚାଇବା ଆମର ଲକ୍ଷ୍ୟ। ଭାରତୀୟ ଜନତା ପାର୍ଟିର ସଫଳତା, କାର୍ଯ୍ୟକର୍ତାଙ୍କ ତ୍ୟାଗ, ତପସ୍ୟା ଓ ବଳିଦାନକୁ ପାଥେୟ କରି ସମାଜର ତଳ ଶ୍ରେଣୀର ଥିବା ଲୋକମାନଙ୍କ ପାଇଁ ବିଜେପି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ପହଁଚାଇବା ପାଇଁ ଯୁବମୋର୍ଚ୍ଚା କାର୍ଯ୍ୟକର୍ତାମାନେ କାର୍ଯ୍ୟ କରୁଛନ୍ତି। ବିଜେପି ସରକାରରେ ଯୁବବର୍ଗଙ୍କ ବିକାଶ ପାଇଁ ଶିକ୍ଷାୟନ, ଦକ୍ଷତା ବିକାଶ, ଷ୍ଟାର୍ଟଅପ୍ ?କୁ ଗୁରୁତ୍ୱ ଦିଆଯାଉଛି। ଅନ୍ୟ ପଟେ ଇତିହାସକୁ ସ୍ମରଣ କରି କଂଗ୍ରେସର କଳା ଇତିହାସ, ସମ୍ବିଧାନର ହତ୍ୟା, ଜରୁରୀକାଳୀନର କ୍ରୁରତା ଓ ବର୍ବରତା ଆଦି ବିଷୟକୁ ବ୍ୟାପକ ଭାବରେ ନୂତନ ପିଢୀକୁ ଅବଗତ କରିବାକୁ ଶ୍ରୀ ପଣ୍ଡା ଗୁରୁତ୍ୱ ଦେଇଛନ୍ତି। ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟର ସାଂପ୍ରତିକ, ରାଜନୈତିକ ଓ ସାମାଜିକ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରାଗଲା ବୋଲି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ଏହି ବୈଠକରେ ରାଜ୍ୟ ଯୁବମୋର୍ଚ୍ଚା ସାଧାରଣ ସଂପାଦକ ଶ୍ରୀ ମାନସ କୁମାର ସାହୁ, ଶ୍ରୀ ଶକ୍ତି ରଞ୍ଜନ ଶତପଥୀ ଓ ଶ୍ରୀ ରତନ ବାଣୀକଙ୍କ ସମେତ ଯୁବମୋର୍ଚ୍ଚାର ସମସ୍ତ ପଦାଧିକାରୀ, ଜିଲ୍ଲା ସଭାପତି ଏବଂ କାର୍ଯ୍ୟକାରିଣୀ ସଦସ୍ୟମାନେ ଯୋଗ ଦେଇଥିଲେ।

# ସଂରକ୍ଷଣ ବ୍ୟବସ୍ଥା

ସଂରକ୍ଷଣ ବ୍ୟବସ୍ଥାକୁ ନେଇ ଭାରତରେ ଦୀର୍ଘ ବର୍ଷ ହେବ ବିବାଦ ଓ ବିତର୍କ ଚାଲିଆସିଛି। ଏବେ ସଂଖ୍ୟାଲଘୁ ବର୍ଗ ପାଇଁ ସଂରକ୍ଷଣ ବ୍ୟବସ୍ଥା ବିବାଦକୁ ନୂଆ ମୋଡ଼ ଦେଇଛି। ସେହିପରି ଜାତିଭିତ୍ତିକ ଜନଗଣନା ମଧ୍ୟ ନିଆଁରେ ଘିଅ ଢାଳିବା ପରି ହୋଇଛି। ସମ୍ବିଧାନରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗ ନିମନ୍ତେ ଶିକ୍ଷା ଓ ଚାକିରୀ କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ରହିଛି। କିନ୍ତୁ ସମ୍ବିଧାନରେ ଏହା ଏକ ଅସ୍ଥାୟୀ ବ୍ୟବସ୍ଥା ଭାବେ ରହିଛି। କିଛି ବର୍ଷ ମଧ୍ୟରେ ଯେତେବେଳେ ସଂରକ୍ଷିତ ବର୍ଗର ଲୋକେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଯିବେ ଏବଂ ସେମାନଙ୍କର ଆର୍ଥିକ ତଥା ସାମାଜିକ ସ୍ଥିତିରେ ଉନ୍ନତି ଆସିବ ଏବଂ ସେମାନେ ଅନ୍ୟ ଉଚ୍ଚ ବର୍ଗର ଲୋକଙ୍କ ସହ ସମାନ ବୋଲି ଅନୁଭବ କରାଯିବ, ସେତେବେଳେ ଏହି ବ୍ୟବସ୍ଥାକୁ ପ୍ରତ୍ୟାହାର କରାଯିବ ବୋଲି ସମ୍ବିଧାନରେ ରହିଛି। କିନ୍ତୁ ସଂରକ୍ଷଣ ବ୍ୟବସ୍ଥା କିଛି ବର୍ଗର ଲୋକଙ୍କ ପାଇଁ ଏତେ ଅନୁକୂଳ ହୋଇଯାଇଛି ଯେ, ସେମାନେ ଏହାର ପ୍ରତ୍ୟାହାର କଥା ଶୁଣିଲେ ଚିହିଁକି ଉଠୁଛନ୍ତି। ସେମାନେ ଚାହୁଁଛନ୍ତି ଯେ, ଏହା ଅନନ୍ତ କାଳ ପର୍ଯ୍ୟନ୍ତ ଚାଲିଥାଉ। କୌଣସି ଦଳର ସତସାହସ ନାହିଁ ଯେ, ସଂରକ୍ଷଣ ବ୍ୟବସ୍ଥାର ପ୍ରତ୍ୟାହାର ସମ୍ପର୍କରେ କହିବେ। ସବୁ ଦଳ ତୁଷ୍ଟିକରଣ ରାଜନୀତିରେ ମାତିଛନ୍ତି। ଯିଏ ସଂରକ୍ଷଣ ବ୍ୟବସ୍ଥା ହଟାଇବାକୁ ଦାବି କରିବ ଏବଂ କ୍ଷମତାକୁ ଆସିଲେ ଏହାକୁ ପ୍ରତ୍ୟାହାର କରିବ ବୋଲି କହିବ, ସେ ସଂରକ୍ଷିତ ବର୍ଗର ଭୋଟ ପାଇବ ନାହିଁ। ତା ଛଡ଼ା ଏହି ବର୍ଗର ସାଂସଦ ତଥା ବିଧାୟକମାନେ ଏଭଳି ପ୍ରସ୍ତାବକୁ ସଂସଦ ଓ ବିଧାନସଭାରେ ତୀବ୍ର ବିରୋଧ କରିବେ। ତେଣୁ ସଂରକ୍ଷଣ ବ୍ୟବସ୍ଥା ଭାରତରୁ ହଟିବ ଏକଥା ଚିନ୍ତା ବାହାରେ। କିଛି ବର୍ଷ ତଳେ ସୁପ୍ରିମକୋର୍ଟ ଏସଟି/ଏସଟି ଅତ୍ୟାଚାର ନିରୋଧ ଆଇନରେ ସାମାନ୍ୟ ସଂଶୋଧନ ନିମନ୍ତେ ପ୍ରସ୍ତାବ ଦେଲେ। କେବଳ ଅଭିଯୋଗ ଆସିଲେ ଅଭିଯୁକ୍ତଙ୍କୁ ଗିରଫ କରାଯାଇପାରିବନି, ଜଣେ ଡିଏସପି ପାହ୍ୟାର ଅଧିକାରୀ ଏହାର ତଦନ୍ତ କରି ଅଭିଯୋଗର ପ୍ରାଥମିକ ପ୍ରମାଣ ରହିଛି ବୋଲି ରିପୋର୍ଟ ଦେଲେ ଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିଲେ। ଉଦ୍ଦେଶ୍ୟ ଥିଲା ଏସଟି/ଏସସି ଅତ୍ୟାଚାର ନିରାକରଣ ଆଇନର ଦୁରୁପଯୋଗ ନହେଉ। କିନ୍ତୁ ସୁପ୍ରିମକୋର୍ଟଙ୍କ ଏହି ରାୟ ବିରୋଧରେ ଦେଶବ୍ୟାପୀ ହିଂସାତ୍ମକ ଆନ୍ଦୋଳନ ହେଲା। ଫଳରେ ସୁପ୍ରିମକୋର୍ଟଙ୍କ ଏହି ରାୟ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏଥିରୁ ଅନୁମାନ କରାଯାଇପାରେ ଯଦି ସଂରକ୍ଷଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ପ୍ରତ୍ୟାହାର ଦୂର କଥା, ଯଦି ଏହାକୁ ହ୍ରାସ କରିବା ପାଇଁ ମଧ୍ୟ କୁହାଯିବ ତେବେ ଭାରତରେ କିଭଳି ହିଂସାକାଣ୍ଡ ସୃଷ୍ଟି ହେବ। ନବେ ଦଶକ ପ୍ରାରମ୍ଭରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଭି ପି ସିଂହ ମଣ୍ଡଳ କମିଶନଙ୍କ ସୁପାରିସ ଆଧାରରେ ଅନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ପାଇଁ ଶିକ୍ଷା ଓ ଚାକିରୀ କ୍ଷେତ୍ରରେ ୨୭% ସ୍ଥାନ ସଂରକ୍ଷଣ କରିବାକୁ ନିଷ୍ପତ୍ତି ନେଲେ। ଏହା ବିରୋଧରେ ସାରା ଦେଶରେ ଭୟଙ୍କର ଆନ୍ଦୋଳନ ହେଲା। ଅନେକ ଯୁବକ ଯୁବତୀ ପ୍ରାଣ ହରାଇଲେ। ତଥାପି ସରକାର କେବଳ ଭୋଟ ରାଜନୀତି ପାଇଁ ନିଜ ଯିଦରେ ଅଟଳ ରହିଲେ। ଶେଷରେ ଓବିସି ବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କାଏମ ରହିଲା। ସମ୍ବିଧାନରେ ସ୍ପଷ୍ଟଭାବେ ଉଲ୍ଲେଖ ରହିଛି ଯେ, କୌଣସି ପରିସ୍ଥିତିରେ ବି ମୋଟ ସଂରକ୍ଷଣ ବ୍ୟବସ୍ଥା ୫୦ ପ୍ରତିଶତରୁ ଅଧିକ ହେବ ନାହିଁ। କିନ୍ତୁ କିଛି ରାଜନୈତିକ ଦଳ ଏବେ ଓବିସି ବର୍ଗଙ୍କ ସଂଖ୍ୟା ଦୃଷ୍ଟିରୁ ସଂରକ୍ଷଣ ବ୍ୟବସ୍ଥାକୁ ୫୦%ରୁ ଅଧିକ କରିବା ନିମନ୍ତେ ଦାବି କରୁଛନ୍ତି।

# ୧୦୮ର ମହାତ୍ମ୍ୟ

॥ ରଜତ କୁମାର ବୋଷ ॥

ବିଜ୍ଞାନ ଅନୁଯାୟୀ : ହାସିୟମର ଆଣବିକ ସଂଖ୍ୟା ୧୦୮। ମନୁଷ୍ୟର ଆଭ୍ୟନ୍ତରୀଣ ତାପ ୧୦୮ ଫାରେନ୍‌ଡିଟରେ ପହଞ୍ଚିଲେ ଶରୀରର ମୁଖ୍ୟ ଅଂଶଗୁଡ଼ିକ ଅଚଳ ହେବା ଆରମ୍ଭ ହୋଇଯାଏ। ଯୋଗରେ ୧୦୮ ଜପମାଳାକୁ ଗୁରୁତ୍ୱ ଦିଆଯାଏ। କିନ୍ତୁ ଅଧିକାଂଶ ସମୟରେ ବିଦେଶୀ ଛାତ୍ରମାନେ ପଚାରନ୍ତି ୧୦୦ ସଂଖ୍ୟା ଗଣିବା ପାଇଁ ସହଜ। ତେଣୁ ୧୦୮ ବଦଳରେ ଜପମାଳି ୧୦୦ ହେଲେ ସୁବିଧା ହୁଅନ୍ତା। ଲୁସିଆନା ରାଜ୍ୟ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଭାଷ କାକଙ୍କ ଅନୁଯାୟୀ ଆକାଶରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଗତିପଥକୁ ୨୭ଟି ସମାନ ଭାଗରେ ବିଭକ୍ତ କରାଯାଏ।

ଗୌଡ଼ିୟ ବୈଷ୍ଣବ ମତରେ ବୃନ୍ଦାବନରେ ୧୦୮ଜଣ ଗୋପୀ ଥିଲେ। ତେଣୁ ଜପମାଳାର ମାଳି ସଂଖ୍ୟା ୧୦୮ ହେବା ଉଚିତ। ବୈଷ୍ଣବ ପରମ୍ପରା ଅନୁଯାୟୀ ଭଗବାନ ବିଷ୍ଣୁଙ୍କର ୧୦୮ଟି ନିବାସ ରହିଛି। ବିଶ୍ୱର ବୃହତ୍ତମ ହିନ୍ଦୁ ମନ୍ଦିର ଭାବରେ ଖ୍ୟାତ କାମ୍ବୋଡ଼ିଆର ଆଙ୍ଗକୋର ୱାଟ ମନ୍ଦିରରେ ୫୪ଜଣ ଦେବତା ଓ ୫୪ ଜଣ ଅସୁର ସର୍ପକୁ ଦୁଇ ପାର୍ଶ୍ୱରୁ ଧରି ସମୁଦ୍ର ମନ୍ଥନ କରୁଥିବାର ମୂର୍ତ୍ତି ରହିଛି। ଆଙ୍ଗକୋର ଥୋମ୍‌ର ଦୁର୍ଗିକୃତ ମନ୍ଦିରର ୫ଟି ପ୍ରବେଶ ପଥରେ ଫାଟକର ବାମ ପାର୍ଶ୍ୱରେ୫୪ ଜଣ ଦେବତା ଓ ଡାହାଣ ପାର୍ଶ୍ୱରେ ୫୪ଜଣ ଅସୁରଙ୍କର ମୂର୍ତ୍ତି ରହିଛି। ତିବ୍ବତିୟ ବୌଦ୍ଧମାନେ ଜପମାଳିରେ ୧୦୮ଟି ମାଳି ବ୍ୟବହାର କରନ୍ତି। ତିବ୍ବତୀୟ ଭାଷାରେ ବୁଦ୍ଧଙ୍କ ୧୦୮ ବାଣୀର ପ୍ରତୀକ ଭାବରେ ବିବେଚନା କରାଯାଏ ଏହାକୁ। ଜେନ୍ ବୌଦ୍ଧ ସନ୍ନ୍ୟାସୀମାନେ ସେମାନଙ୍କ କଟଟିରେ ପିନ୍ଧୁଥିବା ଜପମାଳି ଜୁଜୁରେ ୧୦୮ଟି ମାଳି ଥାଏ। ବୌଦ୍ଧ ଧର୍ମର ଲଙ୍କାବତାର ସୂତ୍ରରେ ବୋଧିସତ୍ତ୍ୱ ମହାମତି ବୁଦ୍ଧଙ୍କୁ ୧୦୮ଟି ପ୍ରଶ୍ନ ପଚାରିଥିବା ଉଲ୍ଲେଖ ଅଛି। ଅନେକ ବୌଦ୍ଧ ମନ୍ଦିରରେ ୧୦୮ଟି ପାହାଚ ରହିଛି। କେତେକ ବୌଦ୍ଧ ଗୋଷ୍ଠିର ମତ ଅନୁଯାୟୀ ମନୁଷ୍ୟର ୧୦୮ଟି ଭାବନା ଅଛି। ଜାପାନରେ ବର୍ଷ ଶେଷରେ ବୌଦ୍ଧ ମନ୍ଦିରରେ ଗୋଟିଏ ଘଣ୍ଟି ୧୦୮ ଥର ବଜାଯାଇ ପୁରାତନ ବର୍ଷକୁ ବିଦାୟ ଦେଇ ନବବର୍ଷକୁ ସ୍ୱାଗତ କରାଯାଏ। ପ୍ରତ୍ୟେକଟି ଘଣ୍ଟିର ଶବ୍ଦ ମନୁଷ୍ୟର ୧୦୮ଟି ବାସନାର ନିବାରଣ ପାଇଁ। ଏସବୁ ବାସନା ନିବାରଣ ଦ୍ୱାରା ମନୁଷ୍ୟ ନିର୍ବାଣ ପ୍ରାପ୍ତ ହୋଇପାରେ। ଇହୁଦିମାନେ ଉପହାର ଓ ଦାନ ଅର୍ଥ ୧୦୮ରୁ ଗୁଣକ ଭାବରେ ଦିଅନ୍ତୁ। ୧୦୮କୁ ହବ୍ରୃ ଭାଷାରେ କୁହାଯାଏ ଚାଲ। ଏହାର ଅର୍ଥ ଜୀବନ।

ଆଦ୍ୟ ପ୍ରାଚୀନ ଖ୍ରୀଷ୍ଟିୟାନ ମତବାଦ ଅନୁଯାୟୀ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଅହଙ୍କାର ତ୍ୟାଗ କରିବା ପାଇଁ ପ୍ରକୃତି ୧୦୮ଥର ସୁଯୋଗ ଦିଏ। ଏହା ନହୋଇପାରିଲେ ସେ ଏହି ପ୍ରାର୍ଥିବ ଜଗତ ଛାଡ଼ିବା ପୂର୍ବରୁ ଏହି ଅହଂ ପ୍ରକୃତିର ଜୋର ରକି ଛଡ଼ାଇ ନିଏ। ପୂର୍ବ ଏସିଆର ଅଧିକାଂଶ ସମର କଳା ବୌଦ୍ଧ ଧର୍ମ ବିଶେଷ କରି ଶାଓଲିନ୍ ବୌଦ୍ଧ ମଠ ସହ ସମ୍ପର୍କିତ। ବୌଦ୍ଧଧର୍ମ ସହ ସଂଯୁକ୍ତ ଥିବାରୁ ଅଧିକାଂଶ ସାମରିକ କ୍ରୀଡ଼ା ବା ସମର କଳାଗୁଡ଼ିକରେ ୧୦୮ଟି ଭିନ୍ନ ଭିନ୍ନ ଶୈଳୀ ଥାଏ। ମର୍ମ ଆଦି ଓ ଆୟୁର୍ବେଦ ଅନୁଯାୟୀ ପ୍ରତ୍ୟେକ ଶରୀରରେ ୧୦୮ଟି ପ୍ରେସର ପଏଣ୍ଟ ଅଛି। ଏହି ପଏଣ୍ଟ ସବୁରେ ଚେତନା ଓ ରକ୍ତ-ମାଂସର ମିଳନ ଘଟି ମନୁଷ୍ୟକୁ ଜୀବନ୍ତ ଦେଇଛି। ଚୀନା ଓ ଦକ୍ଷିଣ ଭାରତୀୟ ସମର କଳା ଅନୁଯାୟୀ ଶରୀରରେ ୧୦୮ଟି ପ୍ରେସର ପଏଣ୍ଟ ଅଛି। ଜାପାନୀ ସମର କଳା ଗୋଜୁ-ର୍ୟୁ କରାଟେରେ ୧୦୮ଟି ଗୁରୁତ୍ୱପୂର୍ଣ୍ଣ ଆକ୍ରମଣ ଶୈଳୀ ଅଛି। ସେହିପରି ଯାଙ୍ଗ ତେିଜିକ୍ୱାନ ସମର କଳାରେ ୧୦୮ଟି ଚାଲ ଅଛି। ଇଗଲ କ୍ଲ କୁଙ୍ଗ ଫୁ ସମର କଳାରେ ପଞ୍ଚ ଲଢ଼େଇର ୧୦୮ଟି କୌଶଳ ଅଛି। ଏହି କୌଶଳଗୁଡ଼ିକ ଉପରୋକ୍ତ ପଞ୍ଚା ଲଢ଼େଇର ବିଶେଷତ୍ୱ।

ବିଜ୍ଞାନ ଅନୁଯାୟୀ : ହାସିୟମର ଆଣବିକ ସଂଖ୍ୟା ୧୦୮। ମନୁଷ୍ୟର ଆଭ୍ୟନ୍ତରୀଣ ତାପ ୧୦୮ ଫାରେନ୍‌ଡିଟରେ ପହଞ୍ଚିଲେ ଶରୀରର ମୁଖ୍ୟ ଅଂଶଗୁଡ଼ିକ ଅଚଳ ହେବା ଆରମ୍ଭ ହୋଇଯାଏ। ଯୋଗରେ ୧୦୮ ଜପମାଳାକୁ ଗୁରୁତ୍ୱ ଦିଆଯାଏ। କିନ୍ତୁ ଅଧିକାଂଶ ସମୟରେ ବିଦେଶୀ ଛାତ୍ରମାନେ ପଚାରନ୍ତି ୧୦୦ ସଂଖ୍ୟା ଗଣିବା ପାଇଁ ସହଜ। ତେଣୁ ୧୦୮ ବଦଳରେ ଜପାମାଳି ୧୦୦ ହେଲେ ସୁବିଧା ହୁଅନ୍ତା। ଲୁସିଆନା ରାଜ୍ୟ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଭାଷ କାକଙ୍କ ଅନୁଯାୟୀ ଆକାଶରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଗତିପଥକୁ ୨୭ଟି ସମାନ ଭାଗରେ ବିଭକ୍ତ କରାଯାଏ। ଏହାକୁ ନକ୍ଷତ୍ର କୁହାଯାଏ। ପ୍ରତି ନକ୍ଷତ୍ରକୁ ଚାରୋଟି ଭାଗ ବା ଚାରୋଟି ପଦରେ ବିଭକ୍ତ କରାଯାଏ। ଏହି ୨୭ ଡ ୪ = ୧୦୮ ଆକାଶରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ୧୦୮ଟି ପଦ ସହ ସମାନ। ପ୍ରତ୍ୟେକ ପଦ ଗୋଟିଏ ଗୋଟିଏ ଆଶୀର୍ବାଦ ସହ ଜଡ଼ିତ। ଜପମାଳାର ଆରମ୍ଭ ବା ମୁଖ୍ୟ ମାଳିକୁ କୁହାଯାଏ କୃଷ୍ଣ। ବିଶ୍ୱାସ କରାଯାଏ କୃଷ୍ଣଙ୍କର ୧୦୮ଜଣ ଶ୍ରେଷ୍ଠ ଅନୁଚର ଅଛନ୍ତି। ସେମାନେ ସର୍ବଦା କୃଷ୍ଣ ନାମ କରୁଥାନ୍ତି। ତେଣୁ ଜପମାଳାର କୃଷ୍ଣମାଳିରେ ଜପ କରାଯାଏ ନାହିଁ। ପୃଥିବୀଠାରୁ ସୂର୍ଯ୍ୟର ଦୂରତା ପ୍ରାୟ ୧୦୮ (୧୦୭.୫୧)ଗୁଣ। ପୃଥିବୀ ଠାରୁ ଚନ୍ଦ୍ରଙ୍କ ଦୂରତା ଚନ୍ଦ୍ରଙ୍କ ବ୍ୟାସର ୧୦୮ଗୁଣ। ଏଥିସହ ସୂର୍ଯ୍ୟଙ୍କ ବ୍ୟାସ ପୃଥିବୀ ବ୍ୟାସର ପ୍ରାୟ ୧୦୮ଗୁଣ। ବୋଧହୁଏ ଏହି କାରଣରୁ ପୁରାତନ ମୁନିଋଷିମାନେ ୧୦୮ ସଂଖ୍ୟାକୁ ଏତେ ଗୁରୁତ୍ୱ ଦେଇଛନ୍ତି। ଯେମିତି ଆମ ସୌରଜଗତରେ ସୂର୍ଯ୍ୟ ଚନ୍ଦ୍ରଙ୍କ ୧୦୮ଟି ପାଦ ଗତି ଅଛି ସେମିତି ଆମ ଅନ୍ତର ଭିତରେ ଥିବା ସୂର୍ଯ୍ୟଙ୍କୁ ପରିକ୍ରମା କରିବା ପାଇଁ ୧୦୮ ସଂଖ୍ୟାର ଗୁରୁତ୍ୱ ରହିଛି। ୟୁରୋପୀୟ ଓ ମଧ୍ୟପ୍ରାଚ୍ୟର ଧାର୍ମିକ ବିଶ୍ୱାସ ଅନୁଯାୟୀ ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି ମାତ୍ର ୬୦୦୦ ବର୍ଷ ତଳର କଥା। କିନ୍ତୁ ଭାରତୀୟ ବେଦ ଉପନିଷଦ ଅନୁଯାୟୀ ଆମର ବର୍ତ୍ତମାନର ବ୍ରହ୍ମାଣ୍ଡ କୋଟି କୋଟି ପୁରାତନ। ଏମିତି କେତେ ବିଶ୍ୱ ସୃଷ୍ଟି ହୋଇଛି ଓ ସମୟ କ୍ରମେ ଧ୍ୱଂସ ହୋଇ ମହାଆକାଶ ମଧ୍ୟରେ ଲୀନ ହୋଇଯାଇଛି। ପୁରାତନ ଅନୁଯାୟୀ ଆମର ବର୍ତ୍ତମାନର ସୌରଜଗତ କ୍ଷୀରସାଗରରୁ ଉଦ୍ଭବ ହୋଇଛି। ପୁରାଣର ବର୍ଣ୍ଣନା ଅନୁଯାୟୀ ଆମ ସୌରଜଗତ କ୍ଷୀର ସାଗର ମଧ୍ୟରୁ ଉଦ୍ଭବ। ସ୍ରଷ୍ଟାଙ୍କ ଇଚ୍ଛାନୁସାରେ ଅନନ୍ତ ଅସୀମ ବିଷ୍ଣୁ ଭଗବାନଙ୍କ ନାଭିରୁ ଏକ କମଳ ପୁଷ୍ପ ବାହାରି ମହାଶୂନ୍ୟ ଆଡ଼କୁ ଗଲା। ଏହାକୁ ହିରଣ୍ୟଗର୍ଭ ବୋଲି କୁହାଯାଏ। ଏଥିରୁ କ୍ରମଶ ଆମ ପୃଥିବୀ ସୃଷ୍ଟି ହେଲା। ଶାସ୍ତ୍ରମତ ଅନୁଯାୟୀ ସୃଷ୍ଟି ହେବାର ନିୟୁତ ନିୟୁତ ବର୍ଷ ପରେ ଯେତେବେଳେ ସୂର୍ଯ୍ୟର ଆକାର ଆହୁରି ବଡ଼ ହୋଇଯିବ ସେତେବେଳେ ଏହା ସମଗ୍ର ପୃଥିବୀର ଜୀବସତ୍ତାକୁ ଗ୍ରାସ କରିବ। ମହାଜାଗତିକ ବାୟୁ ଭସ୍ମୀଭୂତ ଭୂ-ଲୋକର ଭସ୍ମକୁ ମହାକାଶକୁ ଉଡାଇ ନେବ। ବର୍ତ୍ତମାନ ବିଜ୍ଞାନ ମଧ୍ୟ ଠିକ୍ ସେୟା କହୁଛି।

ଭାରତୀୟ ପରମ୍ପରାରେ ସୂର୍ଯ୍ୟ ସିଦ୍ଧାନ୍ତ ସର୍ବପୁରାତନ ଜ୍ୟୋତିଷ ଶାସ୍ତ୍ର। ଏହା ପଞ୍ଚମ-ଷଷ୍ଠ ଶତାବ୍ଦୀର ସୃଷ୍ଟି ବୋଲି ପାଶ୍ଚାତ୍ୟ ବୈଜ୍ଞାନିକମାନଙ୍କ ମତ। ସୂର୍ଯ୍ୟ ସିଦ୍ଧାନ୍ତରେ ଉଲ୍ଲେଖ ଅଛି ପୃଥିବୀ ଗୋଲକରେ ଭାରତ ଯେଉଁ ସ୍ଥାନରେ ଅଛି ତାର ଠିକ୍ ବିପରୀତରେ ଏକ ମହାନ ସହର ଅଛି। ଭାରତରେ ଯେତେବେଳେ ସୂର୍ଯ୍ୟ ଅସ୍ତ ହୁଅନ୍ତି, ସେଠାରେ ଠିକ୍ ସେତିକିବେଳେ ସୂର୍ଯ୍ୟ ଅସ୍ତ ଯାଆନ୍ତି। ଏହି ସହରରେ ଜ୍ଞାନୀଗୁଣୀମାନେ ବାସ କରନ୍ତି। ଗ୍ଲୋବରେ ଭାରତ ଯେଉଁଠି ଅଛି ତାର ଠିକ ବିପରୀତରେ ରହିଛି ମେକ୍ସିକୋ। ମେକ୍ସିକୋର ମାୟା ସଭ୍ୟତାର ବାସିନ୍ଦାମାନେ ମହାନ ଜ୍ୟୋତିଷ ଥିଲେ ବୋଲି ପ୍ରମାଣ ମିଳିଛି। ଅର୍ଥାତ୍ କଲମ୍ବସ ଆମେରିକା ଆବିଷ୍କାର କରିବାର ବହୁ ଶତାବ୍ଦୀ ପୂର୍ବରୁ ଭାରତୀୟ ମୁନିଋଷିମାନେ କେନ୍ଦ୍ର ଆମେରିକାର ଏହି ମହାନ ସଭ୍ୟତା ସମ୍ପର୍କରେ ଅବଗତ ଥିଲେ। ଏଥିରୁ ସ୍ପଷ୍ଟ ଜଣାପଡୁଛି ପ୍ରାଚୀନ ଭାରତୀୟ ଋଷିମୁନିମାନଙ୍କ ପାଇଁ ଆଧୁନିକ ଜ୍ୟୋତିଷୀୟ ଉପକରଣର ଆବଶ୍ୟକତା ନଥିଲା। ସେମାନେ ଯୋଗ ଦ୍ୱାରା ସମସ୍ତ ଜ୍ଞାନ ଲାଭ କରିପାରୁଥିଲେ। ତେଣୁ ପ୍ରାଚୀନ ଭାରତୀୟ ଶାସ୍ତ୍ରରେ ୧୦୮ ସଂଖ୍ୟାକୁ ଗୁରୁତ୍ୱ ଦିଆଯାଉଥିବାରୁ ଓ ବର୍ତ୍ତମାନ ବିଜ୍ଞାନ ଦ୍ୱାରା ଏହା ପ୍ରମାଣିତ ହେଉଥିବାରୁ ଆମେ ଏହାର ମହତ୍ୱ ବିଷୟରେ ଜାଣିବା ଉଚିତ। (କ୍ରମଶଃ)

# ବିମାତା, କୁମାତା ନୁହେଁ

॥ ଅଲେଖ ଚନ୍ଦ୍ର ସାମଲ ॥

ସାମାଜିକ ଚଳଣି ଭିତରେ ମାଆ ଚରିତ୍ରକୁ ନେଇ ଏବେବି ମତଭେଦ ରହିଛି । ମା' ଓ ସାବତମାଆର ଭୂମିକାକୁ ସମଭାବରେ ଗ୍ରହଣ କରିପାରୁନାହିଁ ସମାଜ । ପୌରାଣିକ ଯୁଗରୁ ସାବତ ମା'କାହାଣୀ ମନଗଢ଼ା ହେଲେ ବି ଲୋକ ଚକ୍ଷୁରେ ଏହା ଜୀବନ୍ତ ଥିବା ଲକ୍ଷ୍ୟ କରାଯାଏ । ସାବତମାଆ ଯେ ମାଆର ସ୍ନେହ, ମମତାଠାରୁ ସନ୍ତାନମାନଙ୍କୁ କମ୍ ସ୍ନେହ ଦିଏନାହିଁ, ତାହା ଅନେକ କ୍ଷେତ୍ରରେ ଉପଲବ୍ଧି କରାଯାଉଥିଲେ ମଧ୍ୟ ପ୍ରଚଳିତ ବ୍ୟବସ୍ଥା ଓ ପାରିପାର୍ଶ୍ୱିକ ଅବସ୍ଥା ଏହି ସାବତ ମାଆର ଚିତ୍ରକୁ ବଦଳାଇବାରେ ସକ୍ଷମ ହୋଇପାରିନାହିଁ । ଛୋଟ ଛୋଟ ଶିଶୁ ସନ୍ତାନଙ୍କ ଲାଳନପାଳନର ଆବଶ୍ୟକତା ପୂରଣ କରିବା ପାଇଁ ପରିବାରର ଚାପରେ ଅନେକ ଦ୍ୱିତୀୟ ବିବାହ କରିବାକୁ ବାଧ୍ୟ ହୁଅନ୍ତି । ନବବଧୂଟି ପରିବାରକୁ ଆସିବା ପରେ ପିଲାଙ୍କୁ ଯେତେ ସ୍ନେହ ମମତା ଅଜାଡ଼ି ଦେଲେବି ସାହି ପଡ଼ୋଶୀ ତା'ର ଆତ୍ମୀୟତାକୁ ସହଜରେ ଗ୍ରହଣ କରିପାରନ୍ତି ନାହିଁ । ମାଆର ଆକଟ ହିଁ ଦୁର୍ବିସହ ହୋଇପଡ଼େ ଅନ୍ୟମାନଙ୍କ ପାଇଁ । ସାବତ ମାଆର ଚରିତ୍ର ମୃତ୍ୟୁ ପର୍ଯ୍ୟନ୍ତ ନିଭେଇବାକୁ ପଡ଼ିଥାଏ ତାକୁ ।

ପ୍ରାଚୀନ କାଳରେ ପତ୍ନୀ ଥାଇ ମଧ୍ୟ ଦ୍ୱିତୀୟ ପତ୍ନୀ ଗ୍ରହଣ କରିବା ସଂଭ୍ରାନ୍ତ ପରିବାରର ଏକ ପରମ୍ପରା ଥିଲା । ପ୍ରଥମ ପତ୍ନୀର ସନ୍ତାନଙ୍କୁ ନିଜ ସନ୍ତାନ ସଦୃଶ ଦେଖିଥିଲେ ମଧ୍ୟ ଦୁଇ ପତ୍ନୀଙ୍କ ପାରିବାରିକ କଳହ ଓ ଉଭୟଙ୍କ ମନାନ୍ତର ବହୁ ପରିମାଣରେ ପ୍ରଭାବିତ କରୁଥିଲା ପିଲାମାନଙ୍କୁ । ସେମାନଙ୍କ କୋମଳ ମନ ଭିତରେ ସାବତମାଆର କାହାଣୀକୁ ଜୋରଜବରଦସ୍ତ ଲଦି ଦେଉଥିଲା ସମାଜ । ଅତ୍ୟାଧୁନିକ ସମାଜରେ ସାବତମାଆର ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ମନେହୁଏ । ପିଲାଙ୍କ ଲାଳନପାଳନ, ଶିକ୍ଷାଦାନ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ମାଆ ପାଇଁ କଷ୍ଟସାଧ୍ୟ ହୋଇପଡ଼ିଛି । ଅଧିକ ପରିଶ୍ରମ ମଧ୍ୟ କରିବାକୁ ହେଉଛି ସେମାନଙ୍କୁ । ମାଆ ଭୂମିକାରେ ଥିବା ସାବତମାଆ ମଧ୍ୟ ଏଥିରୁ ନିଜକୁ ନିବୃତ୍ତ ରଖିପାରୁନାହାନ୍ତି । ସାବତମାଆର ଲାଳନ ପାଳନ ସ୍ନେହ, ଶ୍ରଦ୍ଧା ଅନେକ ମାତୃହୀନ ନବଜାତଙ୍କୁ ମଣିଷ କରି ଗଢ଼ି ତୋଳିବାରେ ସହାୟକ ହୋଇ ପାରିଛି ।

ଯେଉଁଠି ମାଆ ଥାଇ ସାବତ ମାଆ ଆସୁଛି ସେ ପରିବାରରେ ଦୁଇ ମହିଳାଙ୍କ ମଧ୍ୟରେ ମନାନ୍ତର ଦେଖାଯାଉଛି । ପିଲାମାନେ ଉଭୟ ମାଆଙ୍କ ସାନିଧ୍ୟ ଲାଭ କରୁଛନ୍ତି । କୌଣସି ମହିଳା ସନ୍ତାନମାନଙ୍କ ପ୍ରତି ଅସୂୟା ମନୋଭାବ ରଖିବା ଦେଖାଯାଏ ନାହିଁ । ପ୍ରାଚୀନକାଳର କିଛି କାହାଣୀ ଓ ପରମ୍ପରା ସାବତ ମାଆ ଚରିତ୍ରକୁ ବିଶୃଙ୍କଳିତ ବ୍ୟବସ୍ଥା ଭିତରକୁ ନେଇ ଆସିଛି ଯାହା ଏବେବି ଲୋକଙ୍କ ମନଭିତରୁ ସେ ବ୍ୟକ୍ତିତ୍ୱ ବାହାରି ଆସିପାରୁନାହିଁ । ଗାଁ ଗହଳିରେ ସାବତମାଆ, ମାଆଠାରୁ ଅଧିକ ମମତା ଦେଇଥାଏ । ଲୋକକଥା ଓ ପଡ଼ୋଶୀଙ୍କ ଈର୍ଷାଭାବ ହିଁ ତାକୁ ବାଧ୍ୟ କରିଥାଏ ପିଲାମାନଙ୍କର ଠିକ୍‌ଭାବେ ଯତ୍ନନେବା ପାଇଁ । ସହରାଞ୍ଚଳରେ ଅତ୍ୟାଧୁନିକ ଚାଲି ଚଳଣି ଭିତରେ ସାବତମାଆର ଆତ୍ମୀୟତା ପିଲାମାନଙ୍କ ଉପରୁ ଊଣାହେବା ଦେଖାଯାଏ ନାହିଁ । ସାବତମାଆଟିଏ ସବୁବେଳେ ମାନସିକ ଚାପର ବଶବର୍ତ୍ତୀ ହୋଇଥାଏ । ସବୁ ସମୟରେ ତାକୁ ଯେଉଁ ସମ୍ବୋଧନ କରାଯାଇଥାଏ ତାହା ତା ମନଭିତରେ ଗଭୀର ଆଘାତ ସୃଷ୍ଟି କରିଥାଏ । ବିଳାସ ବ୍ୟସନରେ ରହୁଥିବା ଧନାଢ୍ୟ ପରିବାରରେ ପିଲାମାନେ ମାଆ ଓ ସାବତମାଆର ପାର୍ଥକ୍ୟ ସେଭଳି ଅନୁଭବ କରନ୍ତି ନାହିଁ । ସେମାନେ ଯେଉଁ ଧାରାରେ ପ୍ରତିପାଳିତ ହୋଇଥାଆନ୍ତି ସେଥିରୁ ଅଚାନକ ବିଚ୍ୟୁତ ଘଟିଲେ ମାନସିକ ଆଘାତ ପାଆନ୍ତି । ମାଆ ସହ ସେମାନଙ୍କର ଥିବା ସମ୍ପର୍କର ରଜ୍ଜୁ ବିଚ୍ଛିନ୍ନ ହେଲେ ମମତାରେ ଏକ ବ୍ୟତିକ୍ରମ ଲକ୍ଷ୍ୟ କରାଯାଇଥାଏ । ଜନ୍ମରୁ ଯେଉଁ ଆତ୍ମୀୟତା ସେମାନଙ୍କ କଅଁଳ ମନକୁ ବାନ୍ଧି ରଖିଥାଏ ସେଥିରେ ପରିବର୍ତ୍ତନ, ସ୍ୱାଭାବିକଭାବେ ସେମାନଙ୍କୁ ଆଘାତ ଦେଇଥାଏ । ସହଜରେ ସେମାନେ ଆଉଜଣେ ମାଆର ଆତ୍ମୀୟତାକୁ ଗ୍ରହଣ କରିପାରିନଥାନ୍ତି । ସମୟକ୍ରମେ ଅଭ୍ୟସ୍ତ ହୋଇପଡ଼ିଲେ ଏହି ବ୍ୟବଧାନ ଦୂରେଇ ଯାଇଥାଏ । ଅନ୍ୟମାନଙ୍କ ଆଖିରେ ସାବତମାଆ ସବୁବେଳେ ସାବତମାଆର ପାରମ୍ପରିକ ଚରିତ୍ର ହୋଇ ରହିବା ଦେଖାଯାଏ ଯାହା ବାସ୍ତବ କ୍ଷେତ୍ରରେ ଯଥେଷ୍ଟ ପରିବର୍ତ୍ତନ ଆଣିଥାଏ ସେ କଥା କେହି ସହଜରେ ବୁଝିବାକୁ ଚେଷ୍ଟା କରନ୍ତି ନାହିଁ ।

ସମାଜରେ ଅନେକ ସାବତମାଆ ଅଛନ୍ତି ଯେଉଁମାନଙ୍କ ଜୀବନ ପିଲାଙ୍କ ପାଇଁ ସମର୍ପିତ । ସନ୍ତାନପ୍ରସବ କ୍ଷମତା ଉପରେ ସ୍ୱଇଚ୍ଛାରେ ସେମାନେ ପ୍ରତିବନ୍ଧକ ଲଗାଉଥିବା ଦେଖାଯାଏ । ନିଜ ସନ୍ତାନ ପାଇଁ ବ୍ୟାକୁଳତା ପ୍ରକାଶ କରନ୍ତି ନାହିଁ; ଛୋଟ ଛୋଟ ପିଲାଙ୍କୁ ଛାଡ଼ି ଇହଲୀଳା ସମ୍ବରଣ କରୁଥିବା ମହିଳାଙ୍କ ପ୍ରତି ଏମାନଙ୍କ ମନୋଭାବ ସ୍ୱତଃ ଏକ ନୂଆ ଚେତନା ଆଣିଦେଇଥାଏ । ଯେଉଁ ପରିବାରରେ ପିଲାମାନେ ବଡ଼ ହେବାପରେ ପୁରୁଷଟିଏ ଦ୍ୱିତୀୟ ବିବାହ କରେ, ସେଠି ପିଲାମାନେ ବାପା, ମାଆଙ୍କ ସ୍ନେହଠାରୁ ନିଜକୁ ଦୂରେଇ ରଖନ୍ତି । ସାବତମାଆ ଯେତେ ଚେଷ୍ଟା କଲେବି ସେମାନଙ୍କ ମନରେ ପରିବର୍ତ୍ତନ ଆଣିବାରେ ସକ୍ଷମ ହୁଏନାହିଁ । ମାଆ ଓ ସନ୍ତାନଙ୍କ ବୟସର ତାରତମ୍ୟ, ସ୍ନେହ ଶ୍ରଦ୍ଧା ଅପେକ୍ଷା ଈର୍ଷା ଓ ଅସ୍ୱଚ୍ଛ ମନୋଭାବ ସୃଷ୍ଟି କରିଥାଏ । ଅନେକ କ୍ଷେତ୍ରରେ ପୁଅ ଝିଅଙ୍କ ବିବାହ ପରେ ବି ଅସହାୟ ବୟସ୍କ ବାପାମାନେ ଦ୍ୱିତୀୟ ବିବାହକୁ ବାଛି ନେଇଥାଆନ୍ତି । ଏଭଳି କ୍ଷେତ୍ରରେ ସାବତମାଆଙ୍କ ଠାରୁ ସେଭଳି ସ୍ନେହ ମିଳିନଥାଏ । ପିଲାମାନେ ସବୁବେଳେ ଏହି ପାରିବାରିକ ବଳୟ ଭିତରୁ ନିଜକୁ ଦୂରେଇ ରଖିଥାଆନ୍ତି । ଯେଉଁଠି ଆତ୍ମୀୟତା ସେମାନଙ୍କୁ ସ୍ପର୍ଶ କରିଥାଏ ସେ କ୍ଷେତ୍ରରେ ସାବତମାଆ ହୋଇପଡ଼େ ମାଆଠାରୁ ଅଧିକ ମମତା ପ୍ରଦାୟିନୀ । ଏବେ ମାଆ ଥିଲେ ସାବତମାଆ ଘରକୁ ଆସିବା ପରମ୍ପରା ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି । ସାବତମାଆ ଅପେକ୍ଷା ଅତ୍ୟାଧୁନିକ ସମାଜରେ ରକ୍ଷିତାମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି ।

ଗୋଟିଏ ପରିବାରରେ ପତ୍ନୀ ଓ ଦ୍ୱିତୀୟ ପତ୍ନୀଙ୍କୁ ରଖିବା ବ୍ୟବସ୍ଥାଠାରୁ ଦୂରେଇ ରହୁଛନ୍ତି ପୁରୁଷମାନେ । ପରିବାର ବାହାରେ ରକ୍ଷିତାମାନଙ୍କ ପାଇଁ ସ୍ଥାନ ବାଛୁଛନ୍ତି । ଘରଭିତରେ ଦୁଇ ମହିଳାଙ୍କ ବିବାଦର ଆଶଙ୍କା ଓ ଲୋକଲଜ୍ଜାକୁ ଭୟକରି ଅନେକ ଶିକ୍ଷିତ ବ୍ୟକ୍ତି, ରକ୍ଷିତାକୁ ସମ୍ପର୍କୀୟ ମାନଙ୍କଠାରୁ ଦୂରରେ ରଖୁଛନ୍ତି । ନାରୀ ସ୍ୱାଧୀନତା ସାବତମାଆ ପରମ୍ପରାରେ ଘୋର ପ୍ରତିବନ୍ଧକ ସୃଷ୍ଟି କରିଛି । ସାବତମାଆର ସ୍ୱଭାବ ଓ ମାନସିକତାକୁ ନେଇ ଯେଉଁସବୁ ଚର୍ଚ୍ଚା ଏବେବି ସାମାଜକ ଚଳଣି ଭିତରେ ପରମ୍ପରା ହୋଇ ରହିଯାଇଛି, ତାହା ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଭିନ୍ନ । ସାବତମାଆ କୋଳରେ ବଢ଼ିଥିବା ପିଲାମାନେ ଜୀବନସାରା ଏଇ ମାଆମାନଙ୍କୁ ଭୁଲିପାରନ୍ତି ନାହିଁ । ନାରୀ ମାନସିକତା ଭିତରେ ଯେଉଁ ମାଆର ହୃଦୟ ରହିଛି, ତାହା ଜନ୍ମିତ ମାଆଠାରୁ ଯେତିକି ପରିମାଣରେ ମିଳିଥାଏ ଠିକ୍ ସେତିକି ମିଳେ ସାବତମାଆଠାରୁ । ଭୁଲ ବୁଝାମଣା, ଅସୂୟା ମନୋଭାବ ରଖୁଥିବା ମହିଳାଙ୍କ ଆଲୋଚନା ଏବଂ ସାଧାରଣ ତ୍ରୁଟି ବିଚ୍ୟୁତିକୁ ନେଇ ସାବତମାଆ ଉପରେ ଯେଉଁ ଧାରଣା ତିଆରି କରାଯାଇଛି ସେସବୁ ଠିକ୍ ନୁହେଁ ପ୍ରମାଣିତ କରିଛନ୍ତି ସାବତମାଆମାନେ । ଏହି ବ୍ୟବସ୍ଥା ଏବେବି ପ୍ରଚଳିତ ଅଛି । ମାଆ ଓ ସାବତମାଆ ଚରିତ୍ରକୁ ନେଇ ରହିଛି ଭିନ୍ନମତ ।

**ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩**

# ପ୍ରକୃତି ସହ ସୁସମ୍ପର୍କରେ ହିଁ ବଞ୍ଚିବା

॥ ବିପିନ ବିହାରୀ ରାଉତ ॥

ବିଶ୍ୱ ଆଗରେ ନିୟମିତ ଗୋଟିଏ ପରେ ଗୋଟିଏ ବିପଦ ଉଭା ହେଉଛି। କରୋନା ଭଳି ମହାମାରୀ ଅଚାନକ ନେଇଗଲା ଲକ୍ଷ ଲକ୍ଷ ଜୀବନ। ତେବେ ଯେଉଁ ବଡ଼ ବିପଦ ଆମ ମୁଣ୍ଡ ଉପରେ ଡେମୋକ୍ଲିସର ଖଣ୍ଡା ହୋଇ ଝୁଲୁଛି, ତାହା ହେଉଛି ପରିବେଶ। ପରିବେଶ ପ୍ରଦୂଷଣ କାରଣରୁ ଭୟଙ୍କର ପରିସ୍ଥିତି ଆଡ଼କୁ ବିଶ୍ୱ ଗତି କରୁଥିଲାବେଳେ କେବଳ ଦିନଟିଏ ପାଇଁ କିମ୍ବା ସପ୍ତାହେ ପାଇଁ ଏହି ଦିବସ ପାଳନ କରିଦେଇ ଆମେ ଚୁପ ହୋଇ ରହିଗଲେ ବିପଦକୁ ସମ୍ପୂର୍ଣ୍ଣ ଏଡ଼ାଇ ପାରିବା ନାହିଁ। ଦାୟିତ୍ୱ ସମସ୍ତଙ୍କର। ଜୁନ ୫ ତାରିଖ ପରିବେଶ ସୁରକ୍ଷା ଓ ସଂରକ୍ଷଣ ପାଇଁ ବିଶ୍ୱ ପାଳନ କରିଛି ବିଶ୍ୱ ପରିବେଶ ଦିବସ। ପରିବେଶ ଦିଗରେ ସଚେତନା ସୃଷ୍ଟି ନିମନ୍ତେ ୧୯୭୪ ମସିହାରୁ ଏହି ଦିବସ ପାଳନ କରାଯାଉଛି। ଭାରତରେ ମଧ୍ୟ ଏଭଳି କାର୍ଯ୍ୟକ୍ରମର ଧୁମଧାମ ଆୟୋଜନ ହୋଇଥାଏ। ହେଲେ ପରେ ଆମେ ଏହି ଦିନ ନେଇଥିବା ନିଷ୍ପତ୍ତିକୁ କେତେ ସଫଳତାର ସହ ପୂରଣ କରିଛେ ତାକୁ ଭୁଲିଯାଇଥାଏ।

ଧରିତ୍ରୀ ଆମର ମା', ପ୍ରକୃତି ଆମର ଜୀବନ। ପ୍ରକୃତି ବିନା ଜୀବନ ଅସମ୍ଭବ ଏହା ଆମେ ସମସ୍ତେ ଜାଣିଛେ। ମାତ୍ର ବିକାଶ ଓ ଆଧୁନିକତାର ପ୍ରତିଯୋଗିତାର ନିୟମିତ ପରିବେଶକୁ କ୍ଷତି ପହଞ୍ଚାଉଛେ। ଶିଳ୍ପ ପ୍ରତିଷ୍ଠାନ ପାଇଁ ହେଉ ଅବା ବିଧାୟକଙ୍କ ଘର କିମ୍ବା ସଂସଦ ଭବନ, ସବୁଠି ବଳି ପଡୁଛି ବୃକ୍ଷ। କିଛି ଦିନ ହୋହଲ୍ଲା ପରେ ସମସ୍ତେ ଚୁପଚାପ। କୋଟି କୋଟି ଟଙ୍କା ଖର୍ଚ୍ଚ କରି ଗଛ ଲଗାଇବାର ପ୍ରତିଶ୍ରୁତି ସାଧାରଣ ଜନତାଙ୍କୁ ସରକାର ଦେଉଥିଲାବେଳେ ପରେ ଗୋଟିଏ ଗଛ ବଞ୍ଚିଛି ନା ନାହିଁ ତାକୁ ଦେଖିବାକୁ କେହି ନାହାନ୍ତି। କ୍ରମାଗତ ଭାବେ ଆମେ ପ୍ରକୃତି ଠାରୁ ଦୂରେଇ ଚାଲିଛେ। ଝରଣା, ନଦୀ, ହ୍ରଦ, ଜଙ୍ଗଲ ଦେଖିବାକୁ ଦୂରକୁ ଯିବାକୁ ପଡୁଛି। ଆଉ ପ୍ରକୃତିକୁ କ୍ଷତ ପହଞ୍ଚାଇବାର ପରିଣାମ ନିୟମିତ ଭୋଗୁଛେ। ଜଳବାୟୁ ପରିବର୍ତ୍ତନ କାରଣରୁ କେତେବେଳେ ତାତି ୪୫ ଡିଗ୍ରୀ ଟପିଲାଣି ତ ଆଉ କେତେବେଳେ ଅବିଶ୍ରାନ୍ତ ବର୍ଷା। ଜନ ଜୀବନକୁ ବିପର୍ଯ୍ୟସ୍ତ କରି ପକାଉଛି। ଖରା, ବର୍ଷା, ଶୀତ ସବୁଥିରେ ଅନିଶ୍ଚିତତା। ଜଳସ୍ତର ହ୍ରାସ କାରଣରୁ ଜଳ ସଙ୍କଟ ବଢ଼ିବାରେ ଲାଗିଛି। ଗଛ କାଟିବାରୁ ପ୍ରଦୂଷିତ ହେଉଛି ବାୟୁ। ଆଉ କେବଳ ଏହି ବାୟୁ ପ୍ରଦୂଷଣ କାରଣରୁ ବର୍ଷକରେ ବିଶ୍ୱରେ ୧ କୋଟିରୁ ଅଧିକ ଲୋକଙ୍କର ଯାଉଛି ଜୀବନ। ସହରାଞ୍ଚଳରେ ଶାନ୍ତିରେ ନିଶ୍ୱାସ ନେବା କଷ୍ଟକର ହୋଇପଡୁଥିଲା ବେଳେ ଗ୍ରାମାଞ୍ଚଳ ସ୍ଥିତି ମଧ୍ୟ ସେହି ଆଡ଼କୁ ମୁହାଁଇଲାଣି।

ସବୁରି ମୂଳର ବଡ଼ କାରଣ ହେଉଛି ଜୀବନଧାରଣର ମାନ ବଦଳିବା। ନିଜକୁ ଆରାମଦାୟକ ସ୍ଥିତିରେ ରଖିବା ପାଇଁ ଯେଉଁସବୁ ପଦକ୍ଷେପ ଆମେ ନେଉଛେ ତାହା ଅନ୍ୟମାନଙ୍କ ପାଇଁ ବିପଦ ଡାକୁଛି। ଆଉ ଏହି ବିପଦରେ ମଧ୍ୟ ଆମେ ହିଁ ପଡୁଛେ। ପ୍ରକୃତି ଠାରୁ ଦୂରେଇ ରହିବା କାରଣରୁ ଏଭଳି ରୋଗ ଦେଖିବାକୁ ମିଳୁଛି ଯାହାର ଔଷଧ ବୈଜ୍ଞାନିକଙ୍କ ହାତରେ ମଧ୍ୟ ନାହିଁ। ନଦୀ, ଝରଣାର ଦିଗ ବଦଳିବା, ଜଙ୍ଗଲ ନଷ୍ଟ ହେବା ଏହି କାରଣରୁ ପ୍ରଦୂଷଣ ବଢ଼ିବା ଆମ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି ବର୍ତ୍ତମାନ ସମୟରେ। ତେଣୁ ନିଜକୁ ବଞ୍ଚାଇ ପୃଥିବୀକୁ ବଞ୍ଚାଇ ରଖିବାର ଉଦ୍ୟମ କ୍ରମେ ଜୁନ ୫ ତାରିଖକୁ ଯଦିଓ ଆମେ ବିଶ୍ୱ ପରିବେଶ ଦିବସ ଭାବେ ପାଳନ କରୁଛେ ତେବେ ଏହି ଗୋଟିଏ ଦିନର ସଚେତନତା ଯଥେଷ୍ଟ ନୁହେଁ। ଯେ ପର୍ଯ୍ୟନ୍ତ ଆମେ ନିଜେ ଚେତି ନାହେଁ ସେ ପର୍ଯ୍ୟନ୍ତ ଅନ୍ୟକୁ ଓ ସମାଜକୁ ସଚେତନ କରାଇ ପାରିବା ନାହିଁ। ଗୋଟିଏ ଦିନର ଭାଷଣବାଜି, ପ୍ରତିଶ୍ରୁତି ବିଶ୍ୱକୁ ସୁରକ୍ଷା ଦେବାରେ ଯଥେଷ୍ଟ ନୁହେଁ। ତେଣୁ ପ୍ରତ୍ୟେକ ଦେଶ ମିଳିତ ଭାବେ ଏହି ବିପଦର ମୁକାବିଲା ପାଇଁ ଆଗେଇ ଆସିବା ଦରକାର। ହେଲେ କିଛି ଦେଶ ନିଜର ସ୍ୱାର୍ଥ ପାଇଁ ଏଭଳି ଉଦ୍ୟମକୁ ଭଣ୍ଡୁର କରିବାର ଯେଉଁ ଅପଚେଷ୍ଟା କରୁଛନ୍ତି ତାହା ଖାଲି ଅନ୍ୟ ଦେଶ ପାଇଁ ନୁହେଁ ସେମାନଙ୍କ ପାଇଁ ମଧ୍ୟ ବିପଦ ବୋଲି ବୁଝିବା ଦରକାର। ଆଧୁନିକ ବିଶ୍ୱ ପାଇଁ ଆଜି ସବୁଠି ବଡ଼ ବିପଦ ହେଉଛି ଜଳବାୟୁ ପରିବର୍ତ୍ତନ। ତେଣୁ ଏହାକୁ କେବଳ ସଭାସମିତିରେ, ପ୍ଲାକାର୍ଡ଼ ଭିତରେ ସୀମିତ ରଖିବା ଅନୁଚିତ। ବିକାଶ ନାମରେ ଆମେ ଯେ ଏକ ବିନାଶ ଆଡ଼କୁ ଗତି କରିଛେ ତାହା ସମସ୍ତେ ବୁଝିବା ଦରକାର। ଧରିତ୍ରୀ ଆମର ଘର। ତେଣୁ ଏଥିରେ ଦେଖାଦେଉଥିବା ପରିବର୍ତ୍ତନକୁ ନ ବୁଝିବା ଅର୍ଥ ହେଉଛି ଆମେ ଆମର ଘର ଓ ପରିବାରର ଦାୟିତ୍ୱକୁ ବୁଝିପାରୁନାହୁଁ। ଯଦିଓ ଏହା କଠିନ ତେବେ ଏଥିରେ ମଧ୍ୟ ସଫଳତା ସେତେବେଳେ ମିଳିପାରିବ ଯେତେବେଳେ ଆମେ ସମସ୍ତେ ଏକାଠି ହୋଇ ଏହି ଅଭିଯାନରେ ନିଜକୁ ସାମିଲ କରିବା।

**ଶ୍ରୀବିହାର କଲୋନୀ, କଟକ
ଦୂରଭାଷ : ୯୪୩୭୬୬୬୪୫୩**



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ରାସ୍ତା କାମରେ ଏଆରଏସଏସର ଠକେଇ

କୃଷ୍ଣପ୍ରସାଦ, (ମହାଭାରତ ) : ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ର ଗଞ୍ଜାମ ଜିଲ୍ଲା ସୀମା ଠାରୁ କୃଷ୍ଣପ୍ରସାଦ ଗଡ଼ ଯାଏଁ ପକ୍କା ରାସ୍ତା ନିର୍ମାଣ କରୁଛି। ୨୩ କୋଟି ଟଙ୍କାର କାମ ଅତି ନିମ୍ନ ମାନର ହୋଇଥିବା ଅଭିଯୋଗ ହେଉଛି। କାମ ଆରମ୍ଭ ରୁ ସୂଚନା ଫଳକ ଲଗାଯିବା ନିୟମ ଥିବାବେଳେ ବିନା ସୂଚନା ଫଳକ ରେ କାମ ଶେଷ କରିବା ପାଇଁ ବସିଛି। ସୂଚନା ଫଳକ ଲାଗି ନ ଥିବା ଯୋଗୁଁ ଜନସାଧାରଣ ଅଟକଳ ମୂଲ୍ୟ, କାମ ଆରମ୍ଭ, ଅବଧି ଶେଷ, କଣ୍ଟ୍ରାକ୍ଟର ର ନାମ ଆଦି କୌଣସି ସୂଚନା ଜାଣିବା ସମ୍ଭବ ହେଉନାହିଁ। ଏନେଇ ସୁପର ଭାଇଜର, ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଙ୍କୁ ପଚାରିବାରେ ସୂଚନା ଫଳକ ଲାଗିବ ନାହିଁ ବୋଲି ରୋକଠୋକ ମନା କରୁଛନ୍ତି। ସିଆଳ ଗ୍ରାମର ଚିଲିକାରେ ଲୁଣି ପାଣିରେ ସିମେଣ୍ଟ ଗୋଳାଇ ନିମ୍ନ ମାନର କାର୍ଯ୍ୟ କରିଛନ୍ତି। ପାଣିରେ କଂକ୍ରିଟ କରିବା ଜନସାଧାରଣ ବିରୋଧ କରିବା ପରେ କିଛି ପ୍ରତିଷ୍ଠିତ ବ୍ୟକ୍ତି ଙ୍କୁ ଧରି କାର୍ଯ୍ୟ ଆରମ୍ଭ କରିଛନ୍ତି। ବ୍ରିଜ ? କାମ ସାରି ରାସ୍ତା ପୋତା କାମ ସରିଯାଇଥିବା ବେଳେ ଆଇରନ କୋଟ ନାହିଁ ଯାହା ବ୍ରିଜ ? ର ଆୟୁଷ ଅବଧି ପୂର୍ବରୁ ଶେଷ ହେବ। ଲୋକ ମନେ କିଛି ମାସ ପରେ ପୁଣି ଦଦରା ରାସ୍ତାରେ ଯାତାୟତ କରିବେ। ସେହିଭଳି ରାମଲଙ୍କା ଗ୍ରାମ ନିକଟରେ ତିଆରି ହୋଇଥିବା ପିଚୁ ଏତେ ନିମ୍ନ ମାନର ହୋଇଛି ଯେ ଯୁବକ ସଂଘ କାମକୁ ବନ୍ଦ କରିଛନ୍ତି। ତିଆରି ହୋଇଥିବା ପିଚୁ ହାତ ରେ ଧରିଲେ ଉଠି ଯାଉଛି। ଯୁବକ ମାନେ ନିମ୍ନ ମାନର କାମକୁ ବିରୋଧ କରି ବନ୍ଦ କରିବା ଯୋଗୁଁ ଏ ଆରଯନ୍ତ୍ରୀ ଠିକାଦାର ମଧୁଚନ୍ଦ୍ରିକା ରେ କାମ ଚାଲିଛି। ଏ ଆର ଏସ ଏସ ପୋଲିସ ର ସାହାଯ୍ୟ ନେଇ ଧମକେଇ କାମ କରିବାକୁ ଚେଷ୍ଟା ଚଳାଇ ଥିଲେ। ଗ୍ରାମର ଯୁବକ ନିଜ ଜିଦ ରେ ଅଟଳ ହେବାରୁ କାମ ବନ୍ଦ କରି ଫେରି ଯାଇଥିବା ଜଣାପଡ଼ିଛି। ପିଚୁ କାମର ଉଭୟ ପାର୍ଶ୍ୱରେ ବାଲି ବଦଳ ରେ ଚିକିଟା କାଦୁଅ ମାଟି ପକାଇ ଠକିବାରେ ଲାଗିଛି। ସାଧାରଣ ଝିପି ଝିପି ବର୍ଷାରେ ରାସ୍ତା ସାରା କାଦୁଅ ମାଟି ଧୋଇବାରେ ଲାଗିଛି। ରାସ୍ତା କାମ ନ ସରୁଣୁ ରାସ୍ତା ଧୋଇବାରେ ଲାଗିଛି। ୨୩ କୋଟି ଟଙ୍କାର କାମ ୨୩ ଦିନ ନ ପୂରୁଣୁ ପିଚୁ ହାତରେ ଉଠିଯାଉଛି। ଯନ୍ତ୍ରୀ ଠିକାଦାର ମଧୁଚନ୍ଦ୍ରିକା ରେ ନିମ୍ନ ମାନର କାମ ରାତିରେ ବିନା ଯନ୍ତ୍ରୀ ରେ କରି ଚାଲିଛନ୍ତି। କେଉଁ ନେତା ଙ୍କୁ ହାତ କରି ନିର୍ଭୟ ରେ ଏଭଳି କାର୍ଯ୍ୟ କରୁଛନ୍ତି ତାହା ଜନସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୨୩ କୋଟି ଟଙ୍କାର ଘୋଟଲା କରିଥିବା ରାସ୍ତା କାମ କୁ ସି ବି ଆଇ ତଦନ୍ତ ଦାବି ହେଉଛି।

## ସାର କଳାବଜାରୀକୁ ନେଇ ଚାଷୀଙ୍କ ବିଶାଳ ବିକ୍ଷୋଭ, ପ୍ରଶାସନକୁ ଦାବିପତ୍ର




ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକରେ ସାରର କୃତ୍ରିମ ଅଭାବ, କଳାବଜାରୀ ଓ ଅତ୍ୟଧିକ ଦରରେ ବିକ୍ରିକୁ ନେଇ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହାର ପ୍ରତିବାଦରେ ବ୍ଲକର ୨୬ଟି ପଞ୍ଚାୟତର ଶତାଧିକ ଚାଷୀ କୃଷକ ସଂଘର ଆହ୍ୱାନକ୍ରମେ ବିଶାଳ ବାଇକ୍ ରାଲି କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ସେମାନେ ରାଇଘର ଗୋଷ୍ଠୀ କୃଷି ଅଧିକାରୀ ରଶ୍ମି ରଞ୍ଜନ ସାହୁ ଓ ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠୀଙ୍କୁ ଦାବିପତ୍ର ପ୍ରଦାନ କରି ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଥିଲେ।ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, ସରକାର ନିର୍ଦ୍ଧାରିତ ମୂଲ୍ୟରେ ସାର ମିଳୁନାହିଁ। ଡିଏପି ସାରର ସରକାରୀ ମୂଲ୍ୟ ୧,୩୫୦ ଟଙ୍କା ଥିବାବେଳେ କେତେକ ବ୍ୟବସାୟୀ ଏହାକୁ ୨,୦୦୦ରୁ ୨,୫୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରୁଥିବା ଏବଂ ୟୁରିଆ ସାରର ସରକାରୀ ମୂଲ୍ୟ ୨୬୬.୫୦ଟଙ୍କା ଥିଲେ ମଧ୍ୟ ଏହାକୁ ରାଇଘର ବୁଲୁ ପାଣିଗ୍ରାହୀ ୟୁରିଆ କୁ ୩୫୦ ଏବଂ ଜିଙ୍କ ୨୫୦ ଏବଂ ୨ ବସ୍ତା ୧୭୦୦ ବିକ୍ରି କରାଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହା ଫଳରେ ଚାଷୀମାନେ ଆର୍ଥିକ ଭାବେ ଭାରି କ୍ଷତିଗ୍ରସ୍ତ ହେଉଥିବା କହିଛନ୍ତି। ଚାଷୀମାନଙ୍କ କହିବା ଅନୁସାରେ, କେତେକ ଅସାଧୁ ବ୍ୟବସାୟୀ ସାରର କୃତ୍ରିମ ଅଭାବ ସୃଷ୍ଟି କରି ସରକାରୀ ଦରଠାରୁ ଅନେକ ଅଧିକ ମୂଲ୍ୟରେ ବିକ୍ରି କରୁଛନ୍ତି। ଏହା ଯୋଗୁଁ ଚାଷ ଋତୁରେ ଚାଷୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।ଏହି ଘଟଣାକୁ ନେଇ ଗଣମାଧ୍ୟମ ପକ୍ଷରୁ କୃଷି ବିଭାଗର ଅଧିକାରୀଙ୍କ ପ୍ରତିକ୍ରିୟା ଲୋଡ଼ାଯାଇଥିଲେ ମଧ୍ୟ ସ୍ପଷ୍ଟ ଉତ୍ତର ମିଳିନଥିବା ଅଭିଯୋଗ କରାଯାଇଛି। ଫଳରେ ପ୍ରଶାସନର ଭୂମିକାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି।ଚାଷୀମାନେ ଦାବି କରିଛନ୍ତି ଯେ, ତୁରନ୍ତ କଳାବଜାରୀ ବନ୍ଦ କରାଯାଇ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ ସରକାରୀ ଦରରେ ପର୍ଯ୍ୟାପ୍ତ ସାର ଯୋଗାଇ ଦିଆଯାଉ। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ପାରଳାଖେମୁଣ୍ଡିରେ ପ୍ରସିଦ୍ଧ ଶ୍ରୀ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ

ଆଜି ସକାଳୁ ମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ସମ୍ପନ୍ନ ହେବା ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଶୋଭାଯାତ୍ରାରେ ସ୍ନାନବେଦୀକୁ ପହଣ୍ଡି ରେ ଆଣି ପାରମ୍ପରିକ ରୀତିନୀତି ଅନୁସାରେ, ସୁବର୍ଣ୍ଣ କୂଅର ୧୦୮ କଳସ ସୁଗନ୍ଧିତ ଜଳରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରା ଓ ସୁଦର୍ଶନଙ୍କୁ ସ୍ନାନ କରିଥିଲେ ସ୍ନାନ ବିଧି ପରେ ପ୍ରଭୁ 'ଗଜାନନ' ବେଶରେ ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି। ମହାପ୍ରଭୁ ଏହି ସମୟରେ ବହୁ ସଂଖ୍ୟାରେ ଭକ୍ତ ଜଗନ୍ନାଥଙ୍କ ଦର୍ଶନ ପାଇଁ ମନ୍ଦିରରେ ଭିଡ଼ ହୋଇଥିବା ଦେଖିବାକୁ ମିଳିଛି ସ୍ନାନ ପୂର୍ଣ୍ଣିମା ପରେ ପ୍ରଭୁ ଅସୁସ୍ଥ ହୋଇ ଅଣସର ପିଣ୍ଡିକୁ ବିଜେ କରିଥାନ୍ତି, ପରେ ଠାକୁର ପଟି ଦି ଆଁ ରେ ପୂଜା ପାଇବେ ପରେ ରଥ ଯାତ୍ରା ଅନୁଷ୍ଠିତ ହୋଇଥାଏ । ପାରଳାଖେମୁଣ୍ଡି ରାଜପରିବାରର ତତ୍ତ୍ୱାବଧାନରେ ଏହି ପର୍ବ ବେଶ୍ ଶୃଙ୍ଖଳିତ ଭାବେ ପାଳିତ ହୁଏ।

## ସ୍ତ୍ରୀ ଓ ଝିଅକୁ ହତ୍ୟା କରିଥିବା ସ୍ୱୀକାର କଲା ସ୍ୱାମୀ : ଅଭିଯୁକ୍ତ ଗିରଫ

କରଞ୍ଜିଆ, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ମହୁଲଡ଼ିହା ଥାନା ଅନ୍ତର୍ଗତ ମୁକ୍ତାଝରି ଗ୍ରାମରେ ଗତ ଶନିବାର ଘଟିଥିବା ମା' ଓ ଝିଅଙ୍କ ବିଭତ୍ସ ହତ୍ୟାକାଣ୍ଡ ଘଟଣାରେ ନୂଆ ମୋଡ଼ ଆସିଛି। ଘଟଣାର ମୂଳ ଅଭିଯୁକ୍ତ ଭାବେ ମୃତକ ମହିଳାଙ୍କ ସ୍ୱାମୀ ଚୈତନ୍ୟ ଟୁଡୁଙ୍କୁ ପୋଲିସ ଗିରଫ କରିଛି। ପୋଲିସ ନିକଟରେ ପଚରାଉଚରା ସମୟରେ ସେ ନିଜ ସ୍ତ୍ରୀ ଓ ଝିଅଙ୍କୁ ହତ୍ୟା କରିଥିବା କଥା ସ୍ୱୀକାର କରିଥିବା ଜଣାପଡ଼ିଛି। ମୃତକ ମହିଳାଙ୍କ ଭାଇ ଫୁର୍ମାଲ ମୁର୍ମୁଙ୍କ ଅଭିଯୋଗକ୍ରମେ ମହୁଲଡ଼ିହା ଥାନାରେ କେସ୍ ନମ୍ବର ୧୦୨/୨୬ ଅନୁଯାୟୀ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିବା ପରେ ଘଟଣାର ଅନେକ ଚମକପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ସୂଚନା ଅନୁଯାୟୀ, ଚୈତନ୍ୟ ଟୁଡୁ ଓ ତାଙ୍କ ସ୍ତ୍ରୀ ସୀତାମଣି ଟୁଡୁ (୩୬)ଙ୍କ ମଧ୍ୟରେ ପ୍ରାୟ ସମୟରେ ପରିବାରିକ କଳହ ଲାଗି ରହୁଥିଲା। ଏହି କଳହକୁ କେନ୍ଦ୍ର କରି ପରିବାରରେ ଅଶାନ୍ତି ଚାଲିଥିବା ଗ୍ରାମବାସୀମାନେ ମଧ୍ୟ କହିଛନ୍ତି। ଘଟଣା ଦିନ ସକାଳ ପ୍ରାୟ ୧୦ଟା ବେଳେ ଚୈତନ୍ୟ ଘରେ ଖାଇ ସାରି କଦାଳ ଓ ଫାଳ ପଜେଇବା ପାଇଁ ଗ୍ରାମ ନିକଟସ୍ଥ କାମାରଶାଳକୁ ଯାଇଥିଲେ। ପରେ ଦିନ ପ୍ରାୟ ୧୨ଟା ବେଳେ ସେ ନିଶାଶକ୍ତ ଅବସ୍ଥାରେ ଘରକୁ ଫେରିଥିଲେ। ସେତେବେଳେ ତାଙ୍କ ସ୍ତ୍ରୀ ସୀତାମଣି ଓ ୮ ବର୍ଷର ଝିଅ ଜବାମଣି ଘର ଭିତରୁ କବାଟ ବନ୍ଦ କରି ଶୋଇଥିଲେ। ଚୈତନ୍ୟ ବାରମ୍ବାର କବାଟ ଖୋଲିବାକୁ ଡାକିଥିଲେ, କିନ୍ତୁ ଭିତରୁ କୌଣସି ସର ଶବ୍ଦ ମିଳିନଥିଲା। ଏହାପରେ ସେ ଏକ ଶିଡ଼ି ଆଣି ଘରର ସ୍କାଇଲାଇଟ ଭାଙ୍ଗି ଭିତରକୁ ପଶିଥିଲେ। ଭିତରେ ସ୍ତ୍ରୀଙ୍କୁ ନିଦରେ ଶୋଇଥିବା ଦେଖି ଚୈତନ୍ୟ ରାଗି ଯାଇଥିଲେ । ପୋଲିସ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ସେ ପ୍ରଥମେ ଏକ ଦୌଡ଼ି ସାହାଯ୍ୟରେ ସ୍ତ୍ରୀଙ୍କ ଗଳା ଚିପି ହତ୍ୟା କରିଥିଲେ। ପରେ ପାଖରେ ଶୋଇଥିବା ନିଜ ୮ ବର୍ଷର ଝିଅଙ୍କୁ ମଧ୍ୟ କୁରାଢ଼ୀ ସାହାଯ୍ୟରେ ଆକ୍ରମଣ କରି ହତ୍ୟା କରିଥିଲେ। ହତ୍ୟା ପରେ ଦୁଇ ମୃତଦେହକୁ ଲୁଗା ଢାଙ୍କି ରଖି ସେ ବାହାରକୁ ଆସିଥିଲେ ଏବଂ ପଡ଼ୋଶୀମାନଙ୍କୁ କହିଥିଲେ ଯେ କେହି ଅଜଣା ଲୋକ ତାଙ୍କ ସ୍ତ୍ରୀ ଓ ଝିଅଙ୍କୁ ହତ୍ୟା କରି ଚାଲିଯାଇଛନ୍ତି। କିନ୍ତୁ ଘଟଣାସ୍ଥଳର ପରିସ୍ଥିତି ଓ ତାଙ୍କ ବୟାନରେ ଅସଙ୍ଗତି ଦେଖି ପୋଲିସ ସନ୍ଦେହ କରିଥିଲା। ପୋଲିସ ଚୈତନ୍ୟଙ୍କୁ ଅଟକ ରଖି ଗଭୀର ପଚରାଉଚରା କରିବା ପରେ ସେ ନିଜ ଅପରାଧ ସ୍ୱୀକାର କରିଥିଲେ। ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ କୁରାଢ଼ୀ ଓ ଦୌଡ଼ି ଜବତ କରିଛି। ଏହି ଦୁଇ ନିର୍ଦ୍ଦୋଷ ଜୀବନର ନିର୍ମମ ହତ୍ୟାକାଣ୍ଡ ସମଗ୍ର ଅଞ୍ଚଳରେ ଶୋକ ଓ ଚଞ୍ଚଳତା ସୃଷ୍ଟି କରିଛି। ମହୁଲଡ଼ିହା ଥାନାର ଆଇଆଇସି ତୁଷାର ରଞ୍ଜନ ନାଏକଙ୍କ ନେତୃତ୍ୱରେ ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ଏମ୍ଭି-୭୯ ଶ୍ରୀଜଗନ୍ନାଥ ଗୋବିନ୍ଦ ମନ୍ଦିରରେ ନୀତିକାନ୍ତି ସହ ସମ୍ପନ୍ନ ହେଲା ଦେବସ୍ନାନ ପୂର୍ଣ୍ଣିମା



ଏମ୍ ଭି-୭୯, (ମହାଭାରତ ): ଏମ୍ଭି-୭୯ସ୍ଥିତ ଶ୍ରୀଜଗନ୍ନାଥ (ଗୋବିନ୍ଦ) ମନ୍ଦିରରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଉତ୍ସବ ଭକ୍ତିମୟ ପରିବେଶ ମଧ୍ୟରେ ନୀତିକାନ୍ତି ଅନୁଯାୟୀ ସୁଚାରୁ ଭାବେ ସମ୍ପନ୍ନ ହୋଇଯାଇଛି। ବୈଦିକ ମନ୍ତ୍ରୋଚ୍ଚାରଣ ଓ ପାରମ୍ପରିକ ବିଧିବିଧାନ ଅନୁସାରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପବିତ୍ର ମହାସ୍ନାନ ନୀତି ସମ୍ପନ୍ନ ହେବା ପରେ ସମସ୍ତ ପାରମ୍ପରିକ ନୀତିକାନ୍ତି ଯଥାରୀତି ପାଳନ କରାଯାଇଥିଲା। ଉତ୍ସବ ଅବସରରେ ଅଞ୍ଚଳର କିଛି ଭକ୍ତଙ୍କ ମିଳିତ ପ୍ରୟାସରେ ଅନ୍ନଭୋଗ ବିତରଣର ବ୍ୟବସ୍ଥା କରାଯାଇଥିଲା। ବହୁ ସଂଖ୍ୟକ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ କରିବା ସହ ମହାପ୍ରସାଦ ସେବନ କରି ଆଧ୍ୟାତ୍ମିକ ପରିବେଶର ଆନନ୍ଦ ଉପଭୋଗ କରିଥିଲେ। ଦେବସ୍ନାନ ପୂର୍ଣ୍ଣିମା ପରେ ମହାପ୍ରଭୁ ଅନସର ଘରକୁ ବିଜେ କରିଥିବାରୁ ଅନସର ନୀତି ଆରମ୍ଭ ହୋଇଛି। ଆସନ୍ତାକାଲିଠାରୁ ମନ୍ଦିରରେ ଭକ୍ତମାନଙ୍କ ପାଇଁ ପଟିଦିଅ ଦର୍ଶନର ବ୍ୟବସ୍ଥା କରାଯିବ ବୋଲି ମନ୍ଦିର ପକ୍ଷରୁ ସୂଚନା ଦିଆଯାଇଛି। ଏହାପରେ ଆଗାମୀ ନବଦିନାତ୍ମକ ରଥଯାତ୍ରାକୁ ନେଇ ମନ୍ଦିର କମିଟି ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି। ପ୍ରତିବର୍ଷ ଏମ୍ ?ଭି-୭୯ରେ ଅନୁଷ୍ଠିତ ରଥଯାତ୍ରାରେ ବହୁ ସଂଖ୍ୟକ ଭକ୍ତଙ୍କ ସମାଗମ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ରଥର ମରାମତି, ମନ୍ଦିର ପରିସରର ସୌନ୍ଦର୍ଯ୍ୟକରଣ, ଆଲୋକସଜ୍ଜା ଓ ଅନ୍ୟାନ୍ୟ ପ୍ରସ୍ତୁତି କାର୍ଯ୍ୟ ଏବେଠାରୁ ଆରମ୍ଭ କରାଯାଇଛି। ରଥଯାତ୍ରାକୁ ସୁଚାରୁ ଓ ସଫଳ କରିବା ପାଇଁ ମନ୍ଦିର କମିଟି ପକ୍ଷରୁ ସମସ୍ତ ଅଞ୍ଚଳବାସୀ, ଭକ୍ତ ଓ ଦାନଦାତାଙ୍କୁ ସହଯୋଗର ହାତ ବଢ଼ାଇବାକୁ ଅନୁରୋଧ କରାଯାଇଛି। ଈଈଉଲ୍ଲେଖଯୋଗ୍ୟ ଯେ,ଈ ସୀମାନ୍ତ ଅଞ୍ଚଳରେ ଅବସ୍ଥିତ ଏହି ଶ୍ରୀଜଗନ୍ନାଥ (ଗୋବିନ୍ଦ) ମନ୍ଦିରରେ ଅଞ୍ଚଳବାସୀଙ୍କ ସ୍ୱତଃପ୍ରବୃତ୍ତ ସହଯୋଗ ଓ ଭକ୍ତିଭାବରେ ପ୍ରତିବର୍ଷ ଦେବସ୍ନାନ ପୂର୍ଣ୍ଣିମା, ନବଦିନାତ୍ମକ ରଥଯାତ୍ରା ଏବଂ ଅନ୍ୟାନ୍ୟ ନୀତିକାନ୍ତି ସଫଳତାର ସହ ଅନୁଷ୍ଠିତ ହୋଇଆସୁଛି। ତେବେ ରାଜ୍ୟ ସରକାରଙ୍କ ଈଈଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗଈଈ ଏବଂ ଈଈଦେବୋତ୍ତର ବିଭାଗଈଈ ପକ୍ଷରୁ ଆବଶ୍ୟକ ସହଯୋଗ, ପ୍ରୋତ୍ସାହନ ଓ ଆର୍ଥିକ ସହାୟତା ମିଳିଲେ ଏହି ପାରମ୍ପରିକ ଆୟୋଜନ ଆହୁରି ଭବ୍ୟ ଓ ଦିବ୍ୟ ରୂପ ନେବ। ଏହାଦ୍ୱାରା ସୀମାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା, ସଂସ୍କୃତି ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ଅଧିକ ବ୍ୟାପକ ହୋଇପାରିବ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି। ଏହି ଅବସରରେ ଅଞ୍ଚଳବାସୀଙ୍କ ମତ ହେଉଛି ଯେ, ସୀମାନ୍ତ ଅଞ୍ଚଳରେ ଜଗନ୍ନାଥ ସଂସ୍କୃତିର ସୁରକ୍ଷା, ସଂରକ୍ଷଣ ଓ ପ୍ରସାର ପାଇଁ ସରକାରୀ ସ୍ତରରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ସହ ଏପରି ଗ୍ରାମୀଣ ଜଗନ୍ନାଥ ମନ୍ଦିରଗୁଡ଼ିକୁ ପର୍ଯ୍ୟାୟକ୍ରମେ ବିକାଶ ଯୋଜନାରେ ସାମିଲ କରାଗଲେ ସ୍ଥାନୀୟ ଧାର୍ମିକ ପରମ୍ପରା ସହ ଓଡ଼ିଆ ଅସ୍ମିତାର ମଧ୍ୟ ସୁରକ୍ଷା ଓ ବିକାଶ ସମ୍ଭବ ହେବ।

## କୁଜଙ୍ଗ କୃଷକ ସମାଜ ଏକତା ପାଇଁ ପ୍ରସ୍ତୁତି ବୈଠକ



ପାରାଦୀପ/ କୁଜଙ୍ଗ, (ମହାଭାରତ) : କୁଜଙ୍ଗ ତହସିଲ ଅନ୍ତର୍ଗତ ମୂଷାଡ଼ିଆ, ବିଜୟଚାନ୍ଦପୁର, ଭିତରଗଡ଼, ଉଦୟବଟ, ଉଦୟଚାନ୍ଦପୁର ପ୍ରଭୃତି ମୌଜାର ପଟ୍ଟାଧାରୀଙ୍କ ପୈତୃକ ଜମିବାଡ଼ି ସମୂହକୁ ଯେଉଁଭଳିଭାବେ ମାଫିଆ ଚିନ୍ତାଧାରାରେ ବେଆଇନିଭାବେ ଅନଧିକାର ପ୍ରୟୋଗ କରି ଇଫକୋ, ପିପିଏଲ, କାର୍ବନ, କାର୍ଗିଲ ପ୍ରଭୃତି କାରଖାନା ମାଧ୍ୟମରେ ଜବର ଦଖଲ କରିବାର ଗଳିବାଟ ତିଆରି କରିଛି,ତାହା ଆଜି ଜଗତି ସ୍ଥିତ ରାଧା କୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକରେ ଆଲୋଚ୍ୟ ପ୍ରସଙ୍ଗ ହୋଇଥିଲା। ଗତ କିଛିଦିନ ତଳେ ତ୍ରିବେଣୀ ଆର୍ଥ ମୁଭର୍ସ ନାମକ ଗୋଟିଏ ବହିରାଗତ କମ୍ପାନୀର ପ୍ରରୋଚନରେ ସ୍ଥାନୀୟ ପ୍ରଶାସନ(ତହସିଲଦାର)ସମ୍ପୂର୍ଣ୍ଣ ରୂପେ ଦୋମୁହାଁ ନୀତି ଅବଲମ୍ବନ କରିବା ଦ୍ୱାରା ଅଞ୍ଚଳର ଚାଷୀସମୂହ ଏକଜୁଟ ହୋଇ ବିଚାରଳୟର ଦ୍ୱାରସ୍ଥ ହେବାକୁ କୃଷକନେତା ସୁଶାନ୍ତ ଶେଖର ସ୍ୱାଇଁ ଉପସ୍ଥିତ ଆଗଧାଡ଼ିର କୃଷକମାନଙ୍କୁ ପରାମର୍ଶ ଦେଇଥିଲେ। ଦୀର୍ଘ ବର୍ଷଧରି ଅବହେଳିତ ଅବସ୍ଥାରେ ଥିବା ପୁରାତନ କୁଜଙ୍ଗ ରାଜ୍ୟର ଚାଷି ସମୂହଙ୍କ ହକ ପାଇଁ ଏକ ଦୁର୍ବାର ଆନ୍ଦୋଳନ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଅଞ୍ଚଳର ବିଭିନ୍ନ ସ୍ଥାନରୁ ଆସିଥିବା କୃଷକ ନେତାମାନଙ୍କ ମଧ୍ୟରେ ସର୍ବଶ୍ରୀ ପ୍ରଶାନ୍ତ ଚୌଧୁରୀ,ଶୁକଦେବ ଦାସ, ତ୍ରୈଲୋକ ସାମନ୍ତରାୟ, ହରେକୃଷ୍ଣ ମାଝୀ, ଶ୍ରୀଧର ବେହେରା, ରବିନ୍ଦ୍ର ସ୍ୱାଇଁ, ଦୀନବନ୍ଧୁ ବେହେରା,ଭାଗ୍ୟଧର ସାହୁ,ଅଦେଇତ ଜୁଝିୟାରସିଂହ, ରବିନ୍ଦ୍ରନାଥ ସ୍ୱାଇଁ, କୈଳାସ ଦାସ, ସନ୍ତୋଷ ନାୟକ, ରୋହିତ ଦାସ ସୁରେଶ ସାମଲ,ନେହେରୁ ମହାନ୍ତି, ସନାତନ ସ୍ୱାଇଁ,କାଙ୍ଗାଳି ବେହେରା,ଧ୍ରୁବ ବେହେରା, ଅଶୋକ ସାହୁ,ପ୍ରଦୀପ ବେହେରା, ସନାତନ ବେହେରା, ଅରୂପାନନ୍ଦ ବେହେରା,ରଶ୍ମିରଂଜନ ଚୌଧୁରୀ,ସନ୍ତୋଷ ନାୟକ ପ୍ରମୁଖ ଯୋଗଦେଇ ପାରାଦ୍ୱୀପ ବନ୍ଦର ସହିତ ଅଞ୍ଚଳରେ ବେଆଇନି ଭାବେ ପ୍ରତିଷ୍ଠା ହୋଇଥିବା ଶିଳ୍ପ ସମୂହଙ୍କର କାର୍ଯ୍ୟଧାରାକୁ ଦୃଢ଼ ବିରୋଧ କରିଥିଲେ।

## ଗୋଡ଼ିଗଦା ଭିତରୁ ବାହାରିଲା ଯୁବକଙ୍କ ମୃତଦେହ

ନୟାଗଡ଼, ( ମହାଭାରତ ) : ଗୋଡ଼ି ଅନ୍ ଲୋଡ୍ କରିବା ବେଳେ ବାହାରିଲା ଯୁବକଙ୍କ କ୍ଷତବିକ୍ଷତ ମୃତଦେହ। ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରିବା ପରେ ଏପରି ଗୋଡ଼ିଗଦା ଭିତରେ ନେଇ ଫିଙ୍ଗିଦେବାକୁ ଷଡ଼ଯନ୍ତ୍ର ଚାଲିଥିଲା ବୋଲି କହିଛନ୍ତି ମୃତ ଯୁବକଙ୍କ ମା। ଅନ୍ୟପଟେ ଗୋଡ଼ିଗଦା ଭିତରୁ ଯୁବକଙ୍କ ମୃତଦେହ ବାହାରିବା ଘଟଣା ପ୍ରଚାରିତ ହୋଇଯିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏପରି ଘଟଣା ଘଟିଛି ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ବିଜିପୁର ପଞ୍ଚାୟତ ସୁନାଖଳା ଗ୍ରାମରେ। ହାଇୱା ଚାଳକ ଘଟଣାସ୍ଥଳରୁ ଚମ୍ପଟ୍ ମାରିଥିବା ଜଣାପଡ଼ିଛି। ଭାପୁର ବ୍ଲକ୍ ବିଜିପୁର ପଞ୍ଚାୟତ ସୁନାଖଳା ଗ୍ରାମର ଦିବାକର ରାଉତଙ୍କ ପତ୍ନୀ ଜୟନ୍ତୀ ରାଉତ ଭାପୁର ପୁଲିସ ବିଟ୍‌ହାଉସ୍‌ରେ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ପୁଅ ମୁନା ରାଉତ (୧୯) ଫତେଗଡ଼ ଥାନା ରାକମା ପଞ୍ଚାୟତ ବାଦିଲୋ ଗ୍ରାମର ହାଇୱା ମାଲିକ ଏବଂ ଚାଳକ ରବୀନ୍ଦ୍ର ଜେନାଙ୍କ ହାଇୱା (ଓଡି-୧୫ଜେ-୭୫୮୨)ରେ ଗତ ମାସେ ହେଲା ହେଲ୍ପର ଭାବେ କାମ କରୁଥିଲେ। ଶନିବାର ବଡ଼ମ୍ବା ଥାନା ତିଗିରିଆ ଅଞ୍ଚଳର ଏକ କ୍ରସର୍‌ରୁ ଚିପ୍‌ସ ପାଇଁ ଯାଇଥିଲେ। ସେଠାରୁ ସନ୍ଧ୍ୟା ପ୍ରାୟ ୮ଟାରେ ମୁନା ତାଙ୍କ ମା'ଙ୍କ ନିକଟକୁ ଫୋନ୍ କରିଥିଲେ। କହିଥିଲେ, ହାଇୱା ମାଲିକ ତାଙ୍କୁ ଦରମା ଦେଉନାହାନ୍ତି। ଖାଇବାକୁ ବି ଦେଉନାହାନ୍ତି। ସବୁବେଳେ ହଇରାଣ କରୁଛନ୍ତି ସେ ଆଉ ଗାଡ଼ିରେ କାମ କରିବ ନାହିଁ ବୋଲି ଫୋନ୍‌ରେ କହିଥିଲେ। ଆଜି ଦିନ ପ୍ରାୟ ୧୦ଟାରେ ଜୟନ୍ତୀ ଫୋନ୍ ପାଇଥିଲେ ଯେ ଭାପୁର ବଜାର ନିକଟ କଇଁଫୁଲିଆ ରାସ୍ତା ମଧ୍ୟଭାଗରେ ଥିବା ଆଡ଼ିପଡ଼ା ଗ୍ରାମର ସନ୍ତୋଷ ସାହୁଙ୍କ ପାଇଁ ହାଇୱା ଟ୍ରକ୍‌ରେ ଗୋଡ଼ି ଆଣି ଅନ୍‌ଲୋଡ୍ କରିବା ସମୟରେ ତାଙ୍କ ପୁଅ ମୁନାର ମୃତଦେହ ସେହି ଗୋଡ଼ି ଭିତରେ ରହିଛି। ଏହା ଶୁଣି ଗ୍ରାମର ସମସ୍ତ ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏ ସଂପର୍କରେ ଭାପୁର ପୁଲିସ ବିଟ୍ ହାଉସରେ ଲିଖିତ ଅଭିଯୋଗ କରିଛନ୍ତି ଯେ ତାଙ୍କ ପୁଅ ମୁନାକୁ ଯୋଜନାବଦ୍ଧ ଭାବେ ହତ୍ୟା କରି ଗୋଡ଼ି ଭର୍ତ୍ତି ହାଇୱା ରେ ପକାଇ ଦେଇଛନ୍ତି।

## ପାରାଦୀପ କଲେଜ ଏନ୍‌ସିସି ଆଲୁମ୍ନି ଆସୋସିଏସନ୍ ପକ୍ଷରୁ ୧୦୧ତମ ସ୍ୱଚ୍ଛତା ଅଭିଯାନ



ପାରାଦୀପ, (ମହାଭାରତ) : ପାରାଦୀପ କଲେଜ ଏନ୍‌ସିସି ଆଲୁମ୍ନି ଆସୋସିଏସନ୍ ପକ୍ଷରୁ ରବିବାର ଦିନ ସମୁଦ୍ର ବେଳାଭୂମିରେ ୧୦୧ତମ ସ୍ୱଚ୍ଛତା ଅଭିଯାନ ସଫଳତାର ସହ ଆୟୋଜିତ ହୋଇଯାଇଛି । ସଂଘର ସଦସ୍ୟମାନେ ଏଥିରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ବେଳାଭୂମିକୁ ସଫା କରିଥିଲେ। ସଂଘର ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର କହିଥିଲେ ଯେ, ସାଧାରଣ ଲୋକଙ୍କ ମଧ୍ୟରେ ସ୍ୱଚ୍ଛତା ଓ ପରିବେଶ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ପ୍ରତ୍ୟେକ ରବିବାର ଏହି ସ୍ୱଚ୍ଛତା ଅଭିଯାନ ଚାଲିଆସୁଛି। ଏହି ଅଭିଯାନରେ ବେଳାଭୂମିରୁ ବହୁ ପରିମାଣର ପ୍ଲାଷ୍ଟିକ୍ ଆବର୍ଜନା, ମଦ ବୋତଲ ଏବଂ ଭଙ୍ଗା କାଚ ବୋତଲ ସଂଗ୍ରହ କରାଯାଇଥିଲା। ସେ ସମସ୍ତ ପର୍ଯ୍ୟଟକ ଓ ସାଧାରଣ ଲୋକଙ୍କୁ ପ୍ଲାଷ୍ଟିକ୍, ମଦ ବୋତଲ ଓ ଅନ୍ୟାନ୍ୟ ଆବର୍ଜନା ଏଣେତେଣେ ନ ଫିଙ୍ଗି ଡଷ୍ଟବିନ୍‌ରେ ପକାଇବାକୁ ଅନୁରୋଧ କରିଥିଲେ। ପ୍ଲାଷ୍ଟିକ୍‌କୁ ଠିକ୍ ଭାବେ ବ୍ୟବସ୍ଥିତ କଲେ ତାହାର ପୁନଃ ବ୍ୟବହାର (ରିସାଇକ୍ଲିଂ) ସମ୍ଭବ ବୋଲି ସେ କହିଥିଲେ। ଏହାସହ ସେ ସମ୍ପୃକ୍ତ ସରକାରୀ ଅଧିକାରୀମାନଙ୍କୁ ପାରାଦୀପ ସମୁଦ୍ର ବେଳାଭୂମି ପରିଦର୍ଶନ କରି ପ୍ରକୃତ ସ୍ଥିତି ଅନୁଧ୍ୟାନ କରିବା ସହ ସ୍ୱଚ୍ଛତା ଓ ବର୍ଜ୍ୟ ପରିଚାଳନା ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଏତଦବ୍ୟତୀତ ସ୍ୱଚ୍ଛ ପରିବେଶ ଗଠନରେ ସହଯୋଗ କରିବା ଓ ଡଷ୍ଟବିନ୍ ବ୍ୟବହାର କରିବା ପାଇଁ ଆସୋସିଏସନ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା ।

## ଗଣିଆରେ ମହାପ୍ରଭୁଙ୍କ ପବିତ୍ର ସ୍ନାନଯାତ୍ରା ଅନୁଷ୍ଠିତ

ଗଣିଆ,(ମହାଭାରତ): ଗଣିଆ ଅଞ୍ଚଳରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ସ୍ନାନଯାତ୍ରା ମହୋତ୍ସବ ସମ୍ପୂର୍ଣ୍ଣ ରୀତିନୀତି ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଯାଇଛି। ଦେବସ୍ନାନ ପୂର୍ଣ୍ଣିମାର ଏହି ଶୁଭ ଅବସରରେ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ମିଳିଥିବା ସୂଚନା ମୁତାବକ, ଭୋର ସମୟରୁ ମହାପ୍ରଭୁଙ୍କ ମଙ୍ଗଳ ଆଳତି ଓ ଅନ୍ୟାନ୍ୟ ପ୍ରାରମ୍ଭିକ ପୂଜାକାର୍ଯ୍ୟ ଶେଷ ହେବା ପରେ, ତିନି ଠାକୁର ଓ ଶ୍ରୀସୁଦର୍ଶନଙ୍କୁ ରୀତିମତ ଭାବେ ସ୍ନାନ ବେଦୀକୁ ବିଜେ କରାଯାଇଥିଲା। ସେଠାରେ ସେବାୟତମାନଙ୍କ ଦ୍ୱାରା ଶାସ୍ତ୍ରୀୟ ବିଧି ଅନୁସାରେ ପ୍ରସ୍ତୁତ ଶହେ ଆଠ ଗରା ସୁବାସିତ ଓ ମନ୍ତ୍ରପୂତ ଜଳରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନ କରାଯାଇଥିଲା। ପୂଜକମାନଙ୍କ ମନ୍ତ୍ରୋଚ୍ଚାରଣ ଏବଂ ଘଣ୍ଟଘଣ୍ଟା, ଶଙ୍ଖ ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ସ୍ନାନ ପରବର୍ତ୍ତୀ ସମୟରେ ମହାପ୍ରଭୁଙ୍କର ବିଶେଷ ଆଳତି ଓ କର୍ପୂର ପୂଜା ଅନୁଷ୍ଠିତ ହୋଇଥିଲା। ପାରମ୍ପରିକ ବସ୍ତ୍ର ଓ ଅଳଙ୍କାରରେ ସଜ୍ଜିତ ତିନି ଠାକୁରଙ୍କ ଏହି ଦେବଦୁର୍ଲ୍ଲଭ ରୂପକୁ ଦର୍ଶନ କରିବା ପାଇଁ ସ୍ଥାନୀୟ ତଥା ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଭକ୍ତ ସମାଗମ ହୋଇଥିଲା।

## ରାସ୍ତା କାମ ନାଁରେ ବନ୍ଦ ହେଲା ବସୁଧା ପାଣି, ଅଧାରେ ଅଟକିଲା ନିର୍ମାଣ

## ପିଇବା ପାଣି ବିନା ଦୁର୍ଦ୍ଦଶାରେ ପରିବାର, ପ୍ରଶାସନର ନୀରବତାକୁ ନେଇ ବଢୁଛି କ୍ଷୋଭ




ଲକ୍ଷ୍ମୀପୁର, ୨୯/୦୬: ଗ୍ରାମାଞ୍ଚଳର ବିକାଶ, ସୁଗମ ଯାତାୟତ ଓ ବିଶୁଦ୍ଧ ପିଇବା ପାଣି ଯୋଗାଇବାକୁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ବାସ୍ତବ ଚିତ୍ର ସରକାରୀ ଦାବିକୁ ପ୍ରଶ୍ନବାଚୀ କରୁଥିବା ଅଭିଯୋଗ ଉଠିଛି କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର କୁସୁମଗୁଡା ପଞ୍ଚାୟତ ଅନ୍ତର୍ଗତ କେଲ୍ଲାର ଗ୍ରାମରୁ। ରାସ୍ତା ନିର୍ମାଣ କାମ ସମୟରେ ବସୁଧା ଯୋଜନାର ପିଇବା ପାଣି ପାଇପ କ୍ଷତିଗ୍ରସ୍ତ ହୋଇଥିବା ବେଳେ, ଦିନ ପରେ ଦିନ ବିତୁଥିଲେ ମଧ୍ୟ ତାହାର ମରାମତି ନ ହେବାରୁ ଗ୍ରାମବାସୀ ଚରମ ସଙ୍କଟରେ ଜୀବନ ବିତାଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, ମୌଳକୋନାରୁ କେଲ୍ଲାର ପର୍ଯ୍ୟନ୍ତ ଆର୍ଡି ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇଥିଲା। କିନ୍ତୁ କାମ ଚାଲିଥିବା ବେଳେ ବସୁଧା ପିଇବା ପାଣି ପାଇପ ଫାଟିଯାଇଥିଲା। ଏହା ପରେ ନା ପାଇପର ମରାମତି ହେଲା, ନା ରାସ୍ତା କାମ ଶେଷ ହେଲା। ଫଳରେ ପ୍ରାୟ ୧୦ରୁ ୧୫ ପରିବାର ଗତ କିଛି ଦିନ ଧରି ବିଶୁଦ୍ଧ ପିଇବା ପାଣିରୁ ବଞ୍ଚିତ ହୋଇ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଅଭିଯୋଗ ରହିଛି ଯେ, ରାସ୍ତା ନିର୍ମାଣ ନାଁରେ ମାଟି ଖୋଳି କାମକୁ ଅଧାରେ ଛାଡ଼ି ଦିଆଯାଇଛି। ଏହା ଯୋଗୁଁ ଗ୍ରାମରେ ଯାତାୟତ ବ୍ୟବସ୍ଥା ମଧ୍ୟ ବାଧାପ୍ରାପ୍ତ ହୋଇଛି। ଅର୍ଥାତ୍ ଲୋକେ ଏବେ 'ନା ଭଲ ରାସ୍ତା ପାଉଛନ୍ତି, ନା ପିଇବା ପାଣି' ବୋଲି କ୍ଷୋଭ ପ୍ରକାଶ କରୁଛନ୍ତି।ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଏହି ସମସ୍ୟା ସମ୍ପର୍କରେ ବାରମ୍ବାର ସମ୍ପୃକ୍ତ ଆର୍ଡି ବିଭାଗୀୟ ଯନ୍ତ୍ରୀ ଓ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ କୌଣସି ତତ୍ପରତା ଦେଖାଯାଇନାହିଁ। ସମସ୍ୟା ଦିନକୁ ଦିନ ଗମ୍ଭୀର ହେଉଥିଲେ ମଧ୍ୟ ପ୍ରଶାସନିକ ନୀରବତା ଲୋକଙ୍କ ଅସନ୍ତୋଷକୁ ଆହୁରି ବଢ଼ାଇଛି।ଗ୍ରାମବାସୀଙ୍କ ପ୍ରଶ୍ନ, 'ଯଦି ବିକାଶ ନାଁରେ ହେଉଥିବା କାମ ଲୋକଙ୍କ ମୌଳିକ ଅଧିକାର ହିଁ ଛଡ଼ାଇ ନେଉଛି, ତେବେ ଏଭଳି ବିକାଶର ମୂଲ୍ୟ କ'ଣ ? ରାସ୍ତା କାମ ପାଇଁ ପିଇବା ପାଣି ବନ୍ଦ ହେଲେ ତାହାର ଦାୟିତ୍ୱ କିଏ ନେବ ?' ଗ୍ରାମବାସୀଙ୍କ ଦାବି, ଜିଲ୍ଲା ପ୍ରଶାସନ ତୁରନ୍ତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ବସୁଧା ପାଣି ଯୋଗାଣକୁ ସ୍ୱାଭାବିକ କରନ୍ତୁ, ଅଧାରେ ପଡ଼ିଥିବା ରାସ୍ତା କାମ ଶୀଘ୍ର ଶେଷ କରନ୍ତୁ ଏବଂ ଯଦି କୌଣସି ଅବହେଳା କିମ୍ବା ନିୟମ ଉଲ୍ଲଂଘନ ହୋଇଥାଏ, ତେବେ ସମ୍ପୃକ୍ତ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି-ଲୋକଙ୍କୁ ପିଇବା ପାଣି ଯୋଗାଇବା ପ୍ରଶାସନର ପ୍ରାଥମିକ ଦାୟିତ୍ୱ ନୁହେଁ କି ? ରାସ୍ତା କାମ ନାଁରେ ଯଦି ପାଣି ବନ୍ଦ ହୁଏ, ତେବେ ଏହାକୁ ବିକାଶ କୁହାଯିବ ନା ଅବ୍ୟବସ୍ଥା ? ଏବେ ଦେଖିବାକୁ ବାକି ରହିଲା, ପ୍ରଶାସନ ତୁରନ୍ତ ପଦକ୍ଷେପ ନେବ ନା ଏହି ଅଭିଯୋଗ ମଧ୍ୟ କେବଳ ଫାଇଲ ଭିତରେ ସୀମିତ ହୋଇ ରହିଯିବ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ବେଆଇନ ମଦ ଭାଟି ଛାରଖାର, ୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ ଦେଶୀ ମଦ ଓ ପୋଚ ଜବତ



ପାରଳାଖେମୁଣ୍ଡି, : ଗଜପତି ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଦୀପ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଚୋରା ମଦ କାରବାରକୁ ଜିଲ୍ଲାରୁ ସମ୍ପୂର୍ଣ ବିଲୋପ ପାଇଁ ସମଗ୍ର ଜିଲ୍ଲାରେ ଅବକାରୀ ଚଢଉ ଲଗାତାର ଭାବେ ଜାରି ରହିଛି। ଗତକାଲି ଓ ଆଜି ପାରଳାଖେମୁଣ୍ଡି ସଦର ଓ ଭ୍ରାମ୍ୟମାଣ ଅବକାରୀ ସ୍କ୍ୱାର୍ଡ ପକ୍ଷରୁ ଚଢାଉ କରାଯାଇ ଦେଶୀ ମଦ ରନ୍ଧା ଭାଟି ଗୁଡିକୁ ଭାଙ୍ଗି ଚୁରମାର କରାଯିବା ସହ ୫ ଲକ୍ଷରୁ ଉର୍ଦ୍ଧ ଟଙ୍କାର ଦେଶୀ ମହୁଲ ମଦ ଓ ମହୁଲ ପୋଚକୁ ଜବତ କରାଯାଇଥିବା ଜଣା ଯାଇଛି। ଗଜପତି ଜିଲ୍ଲାର ରାୟଗଡ ଓ ଗୁରାଣ୍ଡି ଥାନା ଅଞ୍ଚଳର ଗୋଠେଇ, ଗୋବିନ୍ଦପୁର ଗ୍ରାମର ପାହାଡ଼ ପାର୍ଶ୍ୱରେ ଥିବା ଏକ ନାଳ ନିକଟରେ ଚାଲୁ ରହିଥିବା ବେଆଇନ ମଦ ଭାଟିକୁ ଚଢାଉ କରି ଭାଙ୍ଗି ଚୁରମାର କରାଯାଇଛି। ଏହି ଚଢଉରେ ୬୨୦ ଲିଟର ଦେଶୀ ମହୁଲ ମଦ, ୬ ହଜାର ୪୦୦ ଲିଟର ମହୁଲ ପୋଚ ଆଦି ସହ ଦେଶୀ ମଦ ତିଆରିରେ ବ୍ୟବହୃତ ସରଞ୍ଜାମ ଗୁଡିକୁ ଜବତ କରାଯାଇ ନଷ୍ଟ କରାଯାଇଥିବା ସୂଚନା ମିଳିଛି। ଏହି ଚଢାଉରେ ମୋବାଇଲ ଅବକାରୀ ନିରୀକ୍ଷକ ମନୁ ଆୟଲ, ପାରଳାଖେମୁଣ୍ଡି ସଦର ଓଆଇସି ଦଣ୍ଡ ଶବର, ମିନତି ପାଇକ, ଦେବଦ□ ଶବର, ଉଷାଦେବୀ ଶବର, ସୁଶୀଲ ଘାଟିଆ, ମାନିନୀ ବେହେରା, ସର୍ବେଶ୍ୱର ଦାସ ପ୍ରମୁଖ ଅବକାରୀ କର୍ମଚାରୀ ସାମିଲ ହୋଇଥିଲେ।

## କାରକୁ ଧକ୍କା ଦେଇ ଓଲଟିଲା ଟ୍ରକ, ୨ ଆହତ

ପାରଳାଖେମୁଣ୍ଡି, : ଗଜପତି ଜିଲା ଅଡବା ଥାନା ଅନ୍ତର୍ଗତ ଖାରିଗୁଡ଼ା ପଞ୍ଚାୟତ ନିକଟ ଭୀମଦଲି ଘାଟିରେ ଶନିବାର ଏକ ଟାୟାର ବୋଝେଇ ଟ୍ରକ କାରକୁ ଧକ୍କା ଦେଇ ଓଲଟି ପଡିଛି। ଫଳରେ ୨ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଟ୍ରକ ଚାଳକ ସୌମ୍ୟରଞ୍ଜନ ପୃଷ୍ଟି (୨୬) ଓ କାରରେ ଥିବା ଗଞ୍ଜାମ ଜିଲା ଦିଗପହଣ୍ଡି ଗ୍ରାମର ଟ୍ୱିଙ୍କିଲ ପଣ୍ଡା (୨୦)। ରାୟଗଡାରୁ ଗୋଟିଏ ପରିବାରର ୪ ଜଣ ମହିଳା ପୁରୁଷ ଏକ ମାରୁତି କାର (ଓଡ଼ି୧୮ସି ୪୫୭୭)ରେ ଦିଗପହଣ୍ଡି ଯାଉଥିବା ବେଳେ ଅପର ପାର୍ଶ୍ୱରୁ କଟକ ଜିଲା ଜଗତପୁରରୁ ଟାୟାର ବୋଝେଇ କରି ଜୟପୁର ଆସୁଥିବା ଟ୍ରକ (ଓଡ଼ି୦ ୨ଡ଼ିଏମ ୯୯୮୧) ଭୀମଦଲି ଘାଟିର ଏକ ବୁଲାଣିଆ ରାସ୍ତାରେ ଭାରସାମ୍ୟ ହରାଇ କାରକୁ ଟ୍ରକ ଧକ୍କା ଦେଇ ରାସ୍ତା କଡରେ ଓଲଟି ପଡ଼ିଥିଲା। ଫଳରେ ଦୁର୍ଘଟଣାରେ ଉଭୟ ଗାଡିର ଉପରୋକ୍ତ ୨ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ବିରିକୋଟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବର ପାଇ ଅଡବା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

## ୨୦ ତମ ଜାତୀୟ ପରିସଂଖ୍ୟାନ ଦିବସ




ପାରଳାଖେମୁଣ୍ଡି :(ମହାଭାରତ):ଆଜି ଗଜପତି ଜିଲ୍ଲା ମୁଖ୍ୟାଳୟ ପାରଳାଖେମୁଣ୍ଡିରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ୨୦ ତମ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ ହୋଇଯାଇଛି । ଭାରତରେ ଆଧୁନିକ ପରିସଂଖ୍ୟାନ ପ୍ରଣାଳୀ ଏବଂ ଅର୍ଥନୈତିକ ଯୋଜନାର ଅଗ୍ରଦୂତ ପ୍ରଫେସର ପି. ସି. ମହଲାନୋବିସଙ୍କ ଜନ୍ମ ଜୟନ୍ତୀ ସ୍ମୃତିଚାରଣ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମଟି ଆୟୋଜିତ ହୋଇଅଛି। ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ଦ୍ୱାରା କାର୍ଯ୍ୟକ୍ରମର ସୁନ୍ଦର ଆୟୋଜନ କରାଯାଇଥିଲା। ଜିଲ୍ଲାରେ ଚାଲିଥିବା ବିଭିନ୍ନ କୃଷି ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଗୁଡିକରେ ଯୋଜନା ଓ ପର୍ଯ୍ୟେକ୍ଷଣ କାର୍ଯ୍ୟାଳୟର ଭୂମିକା ପାୱାର ପଏ□ ମାଧ୍ୟମରେ ଉପସ୍ଥାପନା କରାଯାଇଥିଲା ।ମଞ୍ଚଉପରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଫାଲଗୁନି ମାଝୀ, ପ୍ରକଳ୍ପ ନିର୍ଦ୍ଦଶକ ଆଦିବାସୀ ଉନ୍ନୟନ ବିଭାଗ ଶ୍ରୀ ଅଂଶୁମାନ ମହାପାତ୍ର, ଅର୍ଥଶାସ୍ତ୍ର ଅଧ୍ୟାପକ ପ୍ରିୟବ୍ରତ ଶତପଥୀ ଓ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ଉପ ନିର୍ଦ୍ଦେଶକ ପ୍ରକାଶ ରାଉତ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯକ୍ରମରେ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରିନିଧି ଓ ବିଦ୍ୟାର୍ଥୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ମାଧ୍ୟମରେ ସୁଚିନ୍ତିତ ନିର୍ଣ୍ଣୟ ପାଇଁ ସଠିକ୍ ତଥ୍ୟ ଏବଂ ପ୍ରଗତିଶୀଳ ରାଷ୍ଟ୍ର ପାଇଁ ଉନ୍ନତ ପରିସଂଖ୍ୟାନର ଆହ୍ୱାନ ଦିଆଗଲା ।

## ଆବାସ ତାଲିକା ନାଁ ନ ଥିବା ରୁ ବିଡିଓଙ୍କ ଦ୍ୱାରସ୍ତ ହେଲେ ହିତାଧିକାରୀ



ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତ ମଧ୍ୟ ରୁ ଚେମଣା,ବୁଢ଼ୀକାପୁଡ଼ି ପଞ୍ଚାୟତ ବିଧବା, ଅସହାୟ ପରିବାର ଗୁଡିକ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରେ ପଞ୍ଚାୟତ ଗୁଡିକ ଆବାସ ପାଇଁ ଯ ଆବେଦନ କରିଥିବା ହିତାଧିକାରୀ ମାନ ଙ୍କ ପଞ୍ଚାୟତ ତାଲିକା ରେ ନାଁ ନ ଥିବା ବେଳେ ଅନ୍ୟ ପରିବାର ଲୋକେ ସବୁ ଥାଇ ବା ଆଗରୁ ଆବାସ ଯୋଜନା ଆବାସ ପାଇ ଥିଲେ ବି ଏମାନେ ଆବାସ ଯୋଜନାରେ ଆବାସ ନ ପାଇ ହିତାଧିକାରୀ ମାନେ ପାଟଣା ବ୍ଲକ କାର୍ଯ୍ୟାଳୟ କୁ ଆସି ବିଡିଓ ମାନସ କୁମାର ଦଣ୍ଡପାଟ ଙ୍କୁ ସାକ୍ଷାତ କରି ବୁଢିକାପୁଡ଼ି ପଞ୍ଚାୟତ ପୁରେନ୍ଦପୁର ଗ୍ରାମ ଲଡୁ ମହାନ୍ତ, ଜେମାମଣି ମହାନ୍ତ,ପୂର୍ଣ୍ଣମୀ ମହାନ୍ତ,ବଉଳ ମହାନ୍ତ,ମିରାରଣି ମହାନ୍ତ, ସେହି ପରି ଚେମଣା ପଞ୍ଚାୟତ ଚେମଣା ଗ୍ରାମ ର କ୍ଷୀରମଣି ନାଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଭିତ୍ତି କରି ବିଡିଓ ଶ୍ରୀ ଦଣ୍ଡପାଟ କହିଛନ୍ତି ଘଟଣା ସଠିକ୍ ତଦନ୍ତ କରାଯାଇ ହିତାଧିକାରୀ ମାନଙ୍କ ସତ୍ୟତା ଜାଣିବା ସୂଚନା ଦେଇଛନ୍ତି।

## ରଣପୁର ଏନ୍‌ଏସି ରେ ପାଣି ପାଇଁ ହନ୍ତସନ୍ତ

# ପିଇବା ପାଣି ପାଇଁ ରାସ୍ତା କୁ ଓହ୍ଲାଇଲେ ଅଞ୍ଚଳବାସୀ

ରଣପୁର, ( ମହାଭାରତ ) : ରଣପୁର ଚାରି ନମ୍ବର ୱାର୍ଡ ରେ ପାଣି ଟୋପାଏ ପାଇଁ ରାସ୍ତାକୁ ଓହ୍ଲାଇଲେ ମହିଳା। ୧୫ ଦିନ ହେଲା ୱାର୍ଡ କୁ ପାଣି ଆସୁନଥିବା ଅଭିଯୋଗରେ ରାସ୍ତା ରୋକ କରି ପ୍ରତିବାଦ କରିଛନ୍ତି ଲୋକେ। ଘଟଣା ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ରଣପୁର ଏନ୍‌ଏସି ର ଚାରି ନମ୍ବର ୱାର୍ଡ ଅଞ୍ଚଳରେ। ହାତରେ ବାଲ୍ଟି, ମାଠିଆ ଧରି ରାସ୍ତା ଉପରେ ବସିଛନ୍ତି ମହିଳାୟ କାହାର ହାତରେ ପ୍ଲାକାର୍ଡ ତ ଆଉ କିଏ ସ୍ଲୋଗାନ ଦେଇ ପ୍ରତିବାଦ କରୁଛନ୍ତି। ନୟାଗଡ଼ ଜିଲ୍ଲା ରଣପୁର ଏନ୍‌ଏସି ର ଚାରି ନମ୍ବର ୱାର୍ଡ ରେ ଏହି ଦୃଶ୍ୟୟ ଅଭିଯୋଗ ହେଉଛି, ଗତ କିଛି ଦିନ ଧରି ୱାର୍ଡ କୁ



ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ଫଳରେ ଦୈନନ୍ଦିନ କାମକାର୍ଯ୍ୟ ଠାରୁ ଆରମ୍ଭ କରି ପିଇବା ପାଣି ପର୍ଯ୍ୟନ୍ତ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ବାରମ୍ବାର ସମସ୍ୟା ସମ୍ପର୍କରେ ସ୍ଥାନୀୟ ପ୍ରଶାସନ ଓ ଜନପ୍ରତିନିଧିଙ୍କୁ ଜଣାଇଥିଲେ ମଧ କୌଣସି ସ୍ଥାୟୀ ସମାଧାନ ହୋଇନଥିବା ଅଭିଯୋଗ କରିଛନ୍ତି ୱାର୍ଡ ବାସୀୟ ଶେଷରେ ବାଧ ହୋଇ ମୁଖ୍ୟ ରାସ୍ତା ଅବରୋଧ କରି ପ୍ରତିବାଦକୁ ଓହ୍ଲାଇଥିବା କହିଛନ୍ତି। ତୁରନ୍ତ ପାଣି ଯୋଗାଣ ସ୍ୱାଭାବିକ କରାନଗଲେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଚେତାବନୀ ଦେଇଛନ୍ତି। ପାଣି ଭଳି ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରାସ୍ତା ରୋକ କରିବାକୁ ବାଧ ହୋଇଛନ୍ତି ୱାର୍ଡ ର ଲୋକେ। କିନ୍ତୁ ରଣପୁର ଏନ୍‌ଏସି ର ଅଧକ୍ଷା ରଙ୍ଗୀନ ମହାନ୍ତି ରାସ୍ତା ରୋକ ଖବର ପାଇବା ସଙ୍ଗେ ସଙ୍ଗେ ଏକ ପାଣି ଟ୍ୟାଙ୍କର ପଠାଇ ସମସ୍ୟା ର ସମାଧାନ କରିଛନ୍ତି। କିନ୍ତୁ ସାଧାରଣ ରେ ଏବେ ପ୍ରଶ୍ନ ଉଠୁଛି, କେବେ ଦୂର ହେବ ଏହି ଜଳ ସଙ୍କଟ ଏବଂ କେବେ ଲୋକଙ୍କ ସମସ୍ୟାର ସ୍ଥାୟୀ ସମାଧାନ କରିବ ପ୍ରଶାସନ।

## ରେତ ଡାହାଣ କେନାଲ ସମ୍ପ୍ରସାରଣ ଦାବି ତେଜିଲା
## କୃଷକ ବିକାଶ ମଞ୍ଚର ନୂତନ କମିଟି ଗଠିତ



ଲାଞ୍ଜିଗଡ଼,(ମହାଭାରତ )-ଇନ୍ଦ୍ରାବତୀ ବୃହତ ଜଳବିଦ୍ୟୁତ ପ୍ରକଳ୍ପ ପରେ ଜିଲ୍ଲାରେ ଦ୍ୱିତୀୟ ଜଳସେଚନ ପ୍ରକଳ୍ପ ଭାବେ କଳାହାଣ୍ଡି ଜିଲ୍ଲାର ନର୍ଲା ଓ ଲାଞ୍ଜିଗଡ଼ ବ୍ଲକର ସୀମାନ୍ତରେ ପ୍ରବାହିତ ରେତ ନଦୀ ଉପରେ ନିର୍ମାଣ ହୋଇଥିଲା ରେତ ମଧ୍ୟମ ଜଳସେଚନ ପ୍ରକଳ୍ପ। ଏହି ପ୍ରକଳ୍ପ ଦ୍ୱାରା ଉଭୟ ବ୍ଲକ ସମେତ କେସିଙ୍ଗା ବ୍ଲକର କିଛି ଅଞ୍ଚଳକୁ ମିଶାଇ ସମୁଦାୟ ୧୦ ହଜାର ହେକ୍ଟର ଜମିକୁ ଜଳସେଚନ ପାଇଁ ବ୍ୟବସ୍ଥା ହୋଇଥିଲା। କିନ୍ତୁ ଦୁଃଖ ଓ ପରିତାପର ବିଷୟ ହେଲା, ଲାଞ୍ଜିଗଡ଼ ବ୍ଲକର ଶତାଧିକ ହେକ୍ଟର ଜମି ଏହି ପ୍ରକଳ୍ପରେ ବୁଡ଼ିଯାଇଥିବାବେଳେ ଲାଞ୍ଜିଗଡ଼ ବ୍ଲକର ଗୁଣ୍ଡରୀ ପଞ୍ଚାୟତର ଲୋକେ ବିସ୍ଥାପିତ ହୋଇଥିଲେ। ଆଉ ଲାଞ୍ଜିଗଡ଼ ବ୍ଲକର ୧୫ରୁ ଅଧିକ ଗାଁ ଏହି ପ୍ରକଳ୍ପ ଯୋଗୁଁ ଜଳବନ୍ଦୀ ହୋଇଥିଲେ। କିନ୍ତୁ ନର୍ଲା ଓ କେସିଙ୍ଗା ବ୍ଲକରେ ରେତ ପ୍ରକଳ୍ପର ପାଣି ପହଁଞ୍ଚି ସାରିଥିବାବେଳେ ଆଜି ବି ଲାଞ୍ଜିଗଡ଼ ବ୍ଲକର ଗୋବର୍ଦ୍ଧନପୁର ପଞ୍ଚାୟତ ଏବଂ ନର୍ଲା ବ୍ଲକର କିଛି ଗାଁ ଆଜି ବି ଚାଷ ପାଇଁ ଇନ୍ଦ୍ର ଭରସାରେ ରହିଛନ୍ତି। ରେତ ଡାହାଣ କେନାଲ ସମ୍ପ୍ରସାରଣ ପାଇଁ ଏସବୁ ଅଞ୍ଚଳର ଚାଷୀମାନେ ଏବେ ଅଣ୍ଟା ଭିଡ଼ିଛନ୍ତି। ଚାଷୀମାନେ ଗୋଟିଏ ମଞ୍ଚରେ ସମବେତ ହେବା ସହ ଗଠନ କରିଛନ୍ତି କଳାହାଣ୍ଡି କୃଷକ ବିକାଶ ମଞ୍ଚ। ନର୍ଲା ଓ ଲାଞ୍ଜିଗଡ଼ ବ୍ଲକର ୨୦ଖଣ୍ଡ ଗାଁର ଚାଷୀଙ୍କୁ ନେଇ ଗଠିତ କୃଷକ ବିକାଶ ମଞ୍ଚର ଦ୍ୱିତୀୟ ବୈଠକ ଆଜି ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତ ଗୋପାଳପୁରଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଚାଷୀ ଅନୀଲ କୁମାର ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ରେତ ଡାହାଣ କେନାଲ ସମ୍ପ୍ରସାରଣ ପାଇଁ ଜୋରଦାର ଲଢ଼େଇ ପାଇଁ ଏକସୂତ୍ରୀ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଅଞ୍ଚଳର ଚାଷୀମାନଙ୍କ ଏହି ଦାବିକୁ ସରକାର ଓ ପ୍ରଶାସନ ନିକଟରେ ଦୃଢ଼ ଭାବେ ଉପସ୍ଥାପନ ପାଇଁ କୃଷକ ବିକାଶ ମଞ୍ଚର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ମାଝୀ, ସାଧାରଣ ସଂପାଦକ ଭାବେ ସାମ୍ବାଦିକ ତଥା ସମାଜସେବୀ ସୁଶୀଲ କୁମାର ବାଗଙ୍କୁ ମନୋନୀତ କରାଯାଇଥିଲା।ସେହିପରି ଉପସଭାପତି ଭାବେ ରତ୍ନାକର ପାତ୍ର, ଉମାଶଙ୍କର ବେହେରା, ଯୁଗ୍ମ ସଂପାଦକ ଭାବେ ବଳରାମ ଗଉଡ଼, କୋଷାଧକ୍ଷ ନୀଲେଶ କୁମାର ପାଢ଼ୀ, ସହ କୋଷାଧକ୍ଷ ଭକ୍ତରାମ ସାହୁ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ଉପଦେଷ୍ଟା ମଣ୍ଡଳୀରେ ବିଜୟ ପାଢ଼ୀ, ଅନୀଲ ପାଢ଼ୀ, ପୁରୁଷୋତ୍ତମ ପୁଟେଲ, ରୁଦ୍ରପ୍ରସାଦ ସାହୁ, ଟଙ୍କଧର ମେହେର, କିରଣ ମାଝୀ, ଅଶୋକ ପୁରୋହିତ, ବାଟି ମାଝୀ, କର୍ପୁର ଗଉଡ଼, ବୈବ ପୁଟେଲ, ମନୋଜ ପ୍ରଧାନ, ବିନୋଦ ପ୍ରସାଦ ସାହୁ, ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ସୁଶୀଲ କୁମାର ବାଗ ସଭା ପରିଚାଳନା କରିଥିବାବେଳେ ବୀରେନ କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।ଭକ୍ତରାମ ପୁଟେଲ, ସଞ୍ଜୟ ପାଢ଼ୀ, ତପିନ୍ଦ୍ର ପଧାନ, ସଞ୍ଜୟ ବିଶ୍ୱାଳ, ରଞ୍ଜିତ ପଣ୍ଡା, ଲଖଣ ବାଗ, ମୋହନ ପୁଟେଲ, ମଗଶିର ଗଉଡ଼, ଥବିର ପୁଟେଲ, ଭବାନୀଶଙ୍କର ବିଶ୍ୱାଳ, ପ୍ରଦ୍ୟୁମ୍ନ ବେହେରା, ଅଶୋକ ପୁରୋହିତ, ଯୁଧିଷ୍ଠିର କରୁଆଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ଗଜାନନ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧା ମୂର୍ତ୍ତି



ବିଷମକଟକ(ମହାଭାରତ): ରାୟଗଡ଼ା ଜିଲ୍ଲା ବିଷମ କଟକ ଶ୍ରୀଜଗନ୍ନାଥ ମନ୍ଦିରରେ ଠାରେ ଅତ୍ୟନ୍ତ ଭକ୍ତିଭାବ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଦେବସ୍ନାନ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ମହାପ୍ରଭୁଙ୍କ ଏହି ବାର୍ଷିକ ସ୍ନାନ ଯାତ୍ରାକୁ ଦେଖିବା ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା ।ପରମ୍ପରା ଅନୁଯାୟୀ, ସକାଳୁ ଶ୍ରୀଜୀଉଙ୍କ ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ପରେ ପଣ୍ଡାମାନେ ଶ୍ରୀଜୀଉଙ୍କୁ ରତ୍ନମଣ୍ଡପରୁ ସ୍ନାନମଣ୍ଡପକୁ ସୁସଜ୍ଜିତ ପହଣ୍ଡି ବିଜେ କରାଇଥିଲେ। ସେଠାରେ ୧୦୮ ସୁଗନ୍ଧିତ କଳସ ଜଳରେ ମହାପ୍ରଭୁଙ୍କୁ ବିଧିଭବ ଭାବେ ସ୍ନାନ କରାଯାଇଥିଲା। ସ୍ନାନ ପରେ ଶ୍ରୀଜୀଉ ଚତୁର୍ଦ୍ଧା ମୂର୍ତ୍ତି ଗଜାନନ ବେଶ ଧାରଣ କରି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ପ୍ରଭୁଙ୍କ ଏହି ଦିବ୍ୟ ରୂପ ଦେଖି ଭକ୍ତମାନେ କୃତାର୍ଥ ହୋଇଥିଲେ ।ଏହି ସମସ୍ତ ନୀତିକାନ୍ତି ଓ ପୂଜାବିଧିରେ ମନ୍ଦିରର ପୂଜକ ଜିତୁ ରଥ, ବାବୁଲି ଆଚାର୍ଯ୍ୟ ଓ ଚିଣ୍ଟୁ ଦାସଙ୍କ ସମେତ ସ୍ଥାନୀୟ ବ୍ରାହ୍ମଣ ସମାଜ ସକ୍ରିୟ ସହଯୋଗ କରିଥିଲେ ।ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ସ୍ଥାନୀୟ ପ୍ରଶାସନ ଓ ପୋଲିସ ବିଭାଗ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମନ୍ଦିର ପରିଚାଳନା କମିଟିର ସଦସ୍ୟ ଏବଂ ତହସିଲ କାର୍ଯ୍ୟାଳୟର କର୍ମଚାରୀମାନେ ନୀତି ନିର୍ଘ□କୁ ସୁଚାରୁ ରୂପେ ପରିଚାଳନା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

## ସ୍ୱଚ୍ଛତା ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି,(ମହାଭାରତ ): ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ଅନ୍ତର୍ଗତ ଏମ.ଭି.-୭୯ ସ୍ଥିତ ଡ଼ଃ ଶ୍ୟାମା ପ୍ରସାଦ ଡିଗ୍ରୀ କଲେଜରେ ଜାତୀୟ ସେବା ଯୋଜନା (ଏନଏସଏସ) ପକ୍ଷରୁ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।ଏହି ଅବସରରେ ଏନଏସଏସ ସ୍ୱେଚ୍ଛାସେବୀମାନେ ବ୍ୟାନର ଧରି ସଚେତନତା ରାଲି କରିଥିଲେ। ତାହା ସହ ଗଛ ଲଗାଇବା କାର୍ଯ୍ୟକ୍ରମ କରିଥିଲେ, ଏବଂ କଲେଜ ପରିସରରୁ ବାହାରି ସ୍ଥାନୀୟ ଅଞ୍ଚଳ ପରିକ୍ରମା କରି ସ୍ୱଚ୍ଛତା ବଜାୟ ରଖିବା, ପ୍ଲାଷ୍ଟିକ ବ୍ୟବହାର କମାଇବା ଏବଂ ପରିବେଶ ସୁରକ୍ଷା ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରିଥିଲେ ।କାର୍ଯ୍ୟକ୍ରମରେ କଲେଜର ଶିକ୍ଷକ, କର୍ମଚାରୀ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଯୋଗଦେଇ ସ୍ୱଚ୍ଛ ଓ ସବୁଜ ପରିବେଶ ଗଠନ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ଶେଷରେ ସ୍ୱେଚ୍ଛାସେବୀମାନେ ସ୍ୱଚ୍ଛତା ପ୍ରତି ସଚେତନ ରହିବା ଓ ଅନ୍ୟମାନଙ୍କୁ ସଚେତନ କରିବା ପାଇଁ ଶପଥ ଗ୍ରହଣ କରିଥିଲେ।

## ବିଷମକଟକରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି: ୧୦୦ ଅଭିଯୋଗ ପଞ୍ଜିକୃତ

ବିଷମକଟକ,(ମହାଭାରତ): ରାୟଗଡ଼ା ଜିଲ୍ଲାର ବିଷମକଟକ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ବହୁ ସଂଖ୍ୟକ ଜନସାଧାରଣ ନିଜ ନିଜ ସମସ୍ୟା ଓ ଅଭିଯୋଗ ପ୍ରଶାସନଙ୍କ ନିକଟରେ ଉପସ୍ଥାପନ କରିଥିଲେ ।କାର୍ଯ୍ୟକ୍ରମରେ ମୋଟ ୧୦୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ସେଥିମଧ୍ୟରୁ ୮୬ଟି ବ୍ୟକ୍ତିଗତ ଏବଂ ୧୪ଟି ସାମୂହିକ ଅଭିଯୋଗ ରହିଥିଲା। ଜିଲ୍ଲାପାଳ ପ୍ରତ୍ୟେକ ଅଭିଯୋଗର ଗୁରୁତ୍ୱକୁ ବିଚାର କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେଇ ଯଥାଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।ଏହି ଅବସରରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗକାରୀଙ୍କ ସମସ୍ୟା ଶୁଣିଥିଲେ ଏବଂ ଆଇନସମ୍ମତ ଓ ପ୍ରଶାସନିକ ଭାବେ ସମାଧାନ ପାଇଁ ଆବଶ୍ୟକ ପ୍ରକ୍ରିୟା ଆରମ୍ଭ କରିଥିଲେ ।ଜିଲ୍ଲାସ୍ତରୀୟ ଏହି ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ମାଧ୍ୟମରେ ସାଧାରଣ ଲୋକଙ୍କ ସମସ୍ୟାର ତ୍ୱରିତ ସମାଧାନ ଦିଗରେ ପ୍ରଶାସନର ତତ୍ପରତା ପ୍ରତିଫଳିତ ହୋଇଥିବାବେଳେ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶା ଓ ବିଶ୍ୱାସ ସୃଷ୍ଟି ହୋଇଛି।



## 'ପରିବେଶର ସୁରକ୍ଷା ପାଇଁ ବୃକ୍ଷ ରୋପଣ ନିତ୍ୟାନ୍ତ ଆବଶ୍ୟକ'

ରାଉରକେଲା,। : ରାଉରକେଲା ର ଅନ୍ୟତମ ସାମାଜିକ ସଂଗଠନ ଅଖିଳ ଭାରତୀୟ ଅଗ୍ରୱାଲ ମହିଳା ସମିତି ଦ୍ୱାରା ଆଜି ରେଲୱେ କଲୋନୀ ଅଞ୍ଚଳରେ ବୃହତ୍ତ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଏହି ଅବସରରେ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଜେ ବୃକ୍ଷ ରୋପଣ କରିବା ସହିତ ଆୟୋଜିତ ଏକ ଉତ୍ସବରେ ନିଜ ବକ୍ତବ୍ୟରେ ସୁସ୍ଥ ସମାଜ ଗଠନରେ ସୁସ୍ଥ ପରିବେଶ ନିର୍ମାଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଏକ ସୁସ୍ଥ ପରିବେଶ ନିର୍ମାଣ କରିବା ପାଇଁ ବ୍ୟାପକ ମାତ୍ରାରେ ବୃକ୍ଷ ରୋପଣ କରିବା ନିତ୍ୟାନ୍ତ ଆବଶ୍ୟକ ବୋଲି ମତ ରଖିଥିଲେ । ସ୍ମାର୍ଟ ଲେଡିଜ କ୍ଲବର ସହଯୋଗରେ ଆୟୋଜିତ ଏହି ମେଗା ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଉଭୟ ସଂଗଠନର ବହୁ କର୍ମକର୍ତ୍ତା ମାନେ ମଧ୍ୟ ଉପସ୍ଥିତ ଥିଲେ ।

## ହୀରାକୁଦ ନଦୀବନ୍ଧରେ ବିସ୍ଥାପିତ ଭଗବାନ ଶିବ ଓ ଜଗନ୍ନାଥଙ୍କୁ ଉପେକ୍ଷା
## ୭ବର୍ଷ ହେଲା ଗଠନ ହେଉନାହିଁ ଟ୍ରଷ୍ଟ ବୋର୍ଡ;

ସମ୍ବଲପୁର: ହୀରାକୁଦ ନଦୀବନ୍ଧ ଯୋଜନା ରେ ଜଳମଗ୍ନ ହୋଇ ଥିବା ୨୯୪ଟି ରାଜସ୍ୱ ଗ୍ରାମ ଗୁଡିକ ରେ ଥିବା ଅନେକ ଦେବାଦେବୀଙ୍କ ମନ୍ଦିର ଜଳମଗ୍ନ ହୋଇଥିଲା। ନଦୀବନ୍ଧ ଯୋଜନା ରେ ବିସ୍ଥାପିତ ପରିବାର ବର୍ଗ ଙ୍କ ଥଇଥାନ ପାଇଁ ସରକାର ଯେପରି ଦୃଢ ପ୍ରତିଶ୍ରୁତି ଦେଇଥିଲେ ଠିକ୍ ସେହିପରି ଜଳମଗ୍ନ ଦେବାଦେବୀଙ୍କ ମଧ୍ୟ ଉପଯୁକ୍ତ ଥଇଥାନ ପୂଜାବିଧି ଯାନିଯାତ୍ରା ଆଦି ର ବନ୍ଦୋବସ୍ତ କରାଯିବ ବୋଲି ଦୃଢ ପ୍ରତିଶ୍ରୁତି ଦେଇଥିଲେ। ତେବେ ପରିତାପ ର ବିଷୟ ଯେ ହୀରାକୁଦ ନଦୀବନ୍ଧ ଯୋଜନା କାର୍ଯ୍ୟକ୍ଷମ ହେବାର ୭ଦଶନ୍ଧି ବିତିବାକୁ ବସିଲାଣି। ନଦୀବନ୍ଧ ରେ କେତେ ପାଣି ଆସି ନିଷ୍କାସିତ ହୋଇ ସାରିଲାଣି। କିନ୍ତୁ ପରିତାପର ର ବିଷୟ ଯେ ବହୁମୁଖୀ ବିକାଶ ର ଉତ୍ସ କୁହାଯାଉଥିବା ନଦୀବନ୍ଧ ଯୋଜନା ରେ ବିସ୍ଥାପିତ ହୋଇଥିବା ଅନେକ ଦେବାଦେବୀ ଏବେ ବି ଅବହେଳିତ ହୋଇ ରହିଛନ୍ତି। ଦେବୋତ୍ତର କମିଶନର ଅଧିନ ରେ ଥିବା ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ବ୍ଲକ ର ଲପଙ୍ଗା ଗ୍ରାମର ୪ଶହ ବର୍ଷ ପୁରାତନ ପ୍ରସିଦ୍ଧ ଶିବ ମନ୍ଦିର ଏବଂ ଜଗନ୍ନାଥ ମନ୍ଦିର ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ଅଟେୟ ଉଭୟ ମନ୍ଦିର ଟ୍ରଷ୍ଟ ବୋର୍ଡ ର ଅବଧି ଗତ ୭ବର୍ଷ ହେଲା ସରିଯାଇଛି। କିନ୍ତୁ ନୂତନ ଟ୍ରଷ୍ଟ ବୋର୍ଡ ଗଠନ କରାଯାଉ ନାହିଁ ୟ ଗ୍ରାମବାସୀ ଅସଂଖ୍ୟ ଥର ବିଭାଗୀୟ କର୍ତ୍ତୃପକ୍ଷ,ନେତା ମନ୍ତ୍ରୀ,ବିଧାୟକ ଙ୍କୁ ଏଥି ପାଇଁ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ବି କୌଣସି ସୁଫଳ ମିଳୁନାହିଁ। ଦେବୋତ୍ତର କମିଶନର ୨୦୨୨ ମସିହା ଅପ୍ରେଲ ୨୫ ତାରିଖ ଦିନ ଲ' କମିଶନ କୁ ସୁପାରିଶ କରିଥିଲେୟ ଜଗନ୍ନାଥ ମନ୍ଦିର ର କେସ୍ ନମ୍ବର ୩୫୪/ ୨ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ବ୍ଲକ ର ଲପଙ୍ଗା ଗ୍ରାମର ୪ଶହ ବର୍ଷ ପୁରାତନ ପ୍ରସିଦ୍ଧ ଶିବ ମନ୍ଦିର ଏବଂ ଜଗନ୍ନାଥ ମନ୍ଦିର ର ଟ୍ରଷ୍ଟ ବୋର୍ଡ ଗଠନ ପାଇଁ ଦେବୋତ୍ତର କମିଶନର ୨୦୨୨ ମସିହା ଅପ୍ରେଲ ୨୫ ତାରିଖ ଦିନ ଲ' କମିଶନ କୁ ସୁପାରିଶ କରିଥିଲେ। ଜଗନ୍ନାଥ ମନ୍ଦିର ର କେସ୍ ନମ୍ବର ୩୫୪/ ୨୫ୟ୪ୟ୨୦୨୨ ଏବଂ ଶିବ ମନ୍ଦିର କେସ୍ ନମ୍ବର ୩୬୧/୨୫।୪।୨୦୨୨ ଫାଇଲ ଲ' କମିଶନ ପାଖରେ ଗତ ୪ବର୍ଷ ହେଲା ପଡି ଖତ ଖାଉଛି ବୋଲି ପୂର୍ବତନ ବ୍ଲକ ଉପାଧକ୍ଷ ତଥା ଏସଡିସିସି ବ୍ୟାଙ୍କ୍ ନିର୍ଦ୍ଦେଶକ କିରଣ ବେହେରା ଅଭିଯୋଗ କରିଛନ୍ତି। କମିଶନ ଏହାକୁ ଅନୁମୋଦନ କରୁ ନଥିବାରୁ ଟ୍ରଷ୍ଟ ବୋର୍ଡ ଗଠନ ହୋଇପାରୁନାହିଁ। ଫଳ ରେ ମହାପ୍ରଭୁଙ୍କ ମନ୍ଦିର ପରିଚାଳନା ଏବଂ ଯାନି ଯାତ୍ରା ପର୍ବ ପର୍ବାଣୀ ଆୟୋଜନ ରେ ସମସ୍ୟା ଦେଖାଦେଉଛି। ଟ୍ରଷ୍ଟ ବୋର୍ଡ ଗଠନ ହେଉ ନଥିବାରୁ ଦେବୋତ୍ତର ବିଭାଗ ଏବଂ ଅନ୍ୟାନ୍ୟ କୌଣସି ସରକାରୀ ଅନୁଦାନ ମିଳୁନାହିଁ। ଶ୍ରୀ ବେହେରା ଙ୍କ ଅଭିଯୋଗ ରୁ ପ୍ରକାଶ ଯେ ଗତ ପ୍ରାୟ ୭/୮ବର୍ଷ ହେଲା ଲପଙ୍ଗା ର ଜଗନ୍ନାଥ ମନ୍ଦିର ଓ ଶିବ ମନ୍ଦିର ଟ୍ରଷ୍ଟ ବୋର୍ଡ ର ୨ବର୍ଷିଆ ଅବଧି ଶେଷ ହୋଇଥିଲେ ମଧ୍ୟ ନୂତନ ଟ୍ରଷ୍ଟ ବୋର୍ଡ ଗଠନ ହୋଇନାହିଁ। ଦୁଇ ଦଶନ୍ଧି ପୂର୍ବେ ଟ୍ରଷ୍ଟ ବୋର୍ଡ ଗଠନ ଦେବୋତ୍ତର କମିଶନର ଙ୍କ କ୍ଷମତା ପରିସରଭୁକ୍ତ ଥିଲା। ଲ' କମିଶନ ର କୌଣସି ଭୂମିକା ନଥିଲା । କିନ୍ତୁ ଆଇନ ରେ ପରିବର୍ତ୍ତନ କରାଯାଇ ଲ'କମିଶନ ର ବିନା ଅନୁମୋଦନ ରେ ଟ୍ରଷ୍ଟ ବୋର୍ଡ ଗଠନ କରାଯାଇ ପାରିବ ନାହିଁ ବୋଲି ନିୟମ କରାଗଲା ପରେ ଏଭଳି ଅଚଳାବସ୍ଥା ଦେଖାଦେଇଛି। ଗ୍ରାମାଞ୍ଚଳ ର ଲୋକେ ଟ୍ରଷ୍ଟ ବୋର୍ଡ ଗଠନ ପାଇଁ କାମ ଧନ୍ଦା ଛାଡି ଲ'କମିଶନ ପାଖକୁ ଧାଁଦଉଡ କରିବା ଅସମ୍ଭବ ହେଉଥିବା ବେଳେ ଦେବୋତ୍ତର କମିଶନର ଟ୍ରଷ୍ଟ ବୋର୍ଡ ଗଠନ ପାଇଁ କରିଥିବା ସୁପାରିଶ ଫାଇଲ୍ ବର୍ଷ ବର୍ଷ ଧରି ଲ'କମିଶନ ଦପ୍ତର ରେ ଅନୁମୋଦନ ହେଉ ନାହିଁ।

## ଏୟାରକ୍ରାଫ୍ଟ ଦୁର୍ଘଟଣା ପାଇଲଟ୍ ଗୁରୁତର



ନୂଆଦିଲ୍ଲୀ: ଉତ୍ତର ପ୍ରଦେଶର କାସଗଞ୍ଜ ଜିଲ୍ଲାରେ ଏକ ଟ୍ରେନି ଏୟାରକ୍ରାଫ୍ଟ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ବିମାନଟି ହଠାତ୍ ନିର୍ମାଣାଧୀନ ହାଇୱେ ଉପରେ ଖସି ପଡ଼ିଲା । ଦୁର୍ଘଟଣା ପରେ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଥିଲା। ଏହି ଘଟଣା କାସଗଞ୍ଜର କ୍ୟାମପୁର ବହେଡ଼ିଆ ଭଡ଼ରିଆ ଅଞ୍ଚଳରେ ଘଟିଥିଲା । ଦୁର୍ଘଟଣା ପରେ ସ୍ଥାନୀୟ ଲୋକମାନଙ୍କର ଭିଡ଼ ଜମା ହୋଇଯାଇଥିଲା । ସୂଚନା ଅନୁଯାୟୀ, ଏୟାରକ୍ରାଫ୍ଟରେ ଜଣେ ମହିଳା ଟ୍ରେନି ପାଇଲଟ୍ ଥିଲେ। ଦୁର୍ଘଟଣାରେ ସେ ଗୁରୁତର ଭାବେ ଆହତ ହୋଇଛନ୍ତି । ସ୍ଥାନୀୟ ଲୋକଙ୍କ ସୂଚନା ପରେ ପୋଲିସ ଓ ପ୍ରଶାସନ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତ ପାଇଲଟଙ୍କୁ ପ୍ରଥମିକ ଚିକିତ୍ସା ପରେ ଜିଲ୍ଲା ହସ୍ପିଟାଲକୁ ପଠାଇଥିଲେ, ସେଠାରେ ତାଙ୍କର ଚିକିତ୍ସା ଚାଲିଛି । ଡାକ୍ତରମାନଙ୍କ ଅନୁଯାୟୀ ତାଙ୍କର ଅବସ୍ଥା ଏବେ ମଧ୍ୟ ଗୁରୁତର ରହିଛି । ଦୁର୍ଘଟଣା ପରେ ପୋଲିସ ଘଟଣାସ୍ଥଳକୁ ଘେରାବନ୍ଦୀ କରିଛି । ଦୁର୍ଘଟଣାଗ୍ରସ୍ତ ବିମାନକୁ ଦେଖିବା ପାଇଁ ଲୋକମାନଙ୍କର ବହୁତ ଭିଡ଼ ଜମା ହୋଇଥିଲା । ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ମୁତୟନ କରାଯାଇଛି । ଏୟାରକ୍ରାଫ୍ଟ ଦୁର୍ଘଟଣା ସମ୍ପର୍କରେ ସମ୍ବନ୍ଧିତ ବିମାନ କର୍ତ୍ତୃପକ୍ଷଙ୍କୁ ସୂଚନା ଦିଆଯାଇଛି । ପ୍ରାରମ୍ଭିକ ଭାବେ ଦୁର୍ଘଟଣାର କାରଣ ଜଣାପଡ଼ିନାହିଁ । ଟେକ୍ନିକାଲ ତ୍ରୁଟି କିମ୍ବା ଅନ୍ୟ କୌଣସି କାରଣରୁ ଏହି ଦୁର୍ଘଟଣା ହୋଇଥିବା ସନ୍ଦେହ କରାଯାଉଛି । ଏହାର ତଦନ୍ତ ମଧ୍ୟ ଚାଲିଛି । ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ଅଧିକାରୀମାନେ ତଦନ୍ତ କରୁଛନ୍ତି ।

# ଭୟଙ୍କର ରେଳ ଦୁର୍ଘଟଣା, ୨ ଶ୍ରମିକ ମୃତ



ନୂଆଦିଲ୍ଲୀ: ଆସାମର ଜୋଗୀଘୋପାସ୍ଥିତ ନରନାରାୟଣ ସେତୁ ଉପରେ ହୃଦୟବିଦାରକ ରେଳ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ରେଳବାଇର ନିର୍ମାଣ ଓ ରକ୍ଷଣାବେକ୍ଷଣ କାର୍ଯ୍ୟରେ ନିୟୋଜିତ ଦୁଇ ଜଣ ଶ୍ରମିକଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି । ଦୁର୍ଘଟଣା ପରେ ସମଗ୍ର ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଥିଲା । ଘଟଣା ସମ୍ପର୍କରେ ସୂଚନା ମିଳିବା ପରେ ରେଳବାଇ ଅଧିକାରୀ, ସ୍ଥାନୀୟ ପ୍ରଶାସନ ଏବଂ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ଆହତ ଦୁଇ ଶ୍ରମିକଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଏବଂ ସେଠାରେ ସେମାନଙ୍କର ଚିକିତ୍ସା ଜାରି ରହିଛି ।

ସୂଚନା ଅନୁଯାୟୀ, ଚାରି ଜଣ ଶ୍ରମିକ ରେଳ ଟ୍ରାକ୍ରେ ନିର୍ମାଣ ଓ ରକ୍ଷଣାବେକ୍ଷଣ କାମ ପାଇଁ ଯାଉଥିଲେ । ସେହି ସମୟରେ ଉଭୟ ଦିଗରୁ ଟ୍ରେନ୍ ଚଳାଚଳ ହେଉଥିଲା । ଏହି ସମୟରେ ଏକ ଦ୍ରୁତଗାମୀ ମାଲବାହୀ ଟ୍ରେନ୍ ସେମାନଙ୍କୁ ଧକ୍କା ଦେଇଥିବାରୁ ଏହି ଭୟାବହ ଦୁର୍ଘଟଣା ଘଟିଥିଲା । ଧକ୍କା ଏତେ ଜୋରଦାର ଥିଲା ଯେ ଦୁଇ ଜଣ ଶ୍ରମିକଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା ଏବଂ ଅନ୍ୟ ଦୁଇ ଜଣ ଗୁରୁତର ଆହତ ହୋଇଥିଲେ । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଦୁର୍ଘଟଣା ହଠାତ୍ ଘଟିଥିଲା ଏବଂ ଶ୍ରମିକମାନଙ୍କୁ ସତର୍କ ହେବା କିମ୍ବା ନିଜକୁ ବଞ୍ଚାଇବାର ସୁଯୋଗ ମିଳିନଥିଲା । ଘଟଣା ପରେ ସ୍ଥାନୀୟ ଲୋକମାନେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରି ଆହତମାନଙ୍କୁ ଟ୍ରାକ୍ରୁ ବାହାର କରି ହସ୍ପିଟାଲକୁ ପଠାଇଥିଲେ । ରେଳ ସୁରକ୍ଷା ବଳ (ଜଚର) ଏବଂ ସ୍ଥାନୀୟ ପୋଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ । ଘଟଣାର ତଦନ୍ତ ରେଳବାଇ ପକ୍ଷରୁ ଆରମ୍ଭ କରାଯାଇଛି । ପ୍ରାଥମିକ ତଦନ୍ତରେ ଦୁର୍ଘଟଣା ସମୟରେ ସୁରକ୍ଷା ନିୟମ ପାଳନ କରାଯାଇଥିଲା କି ନାହିଁ ତାହା ଯାଞ୍ଚ କରାଯାଉଛି । ସେହିପରି, ଟ୍ରାକ୍ରେ କାମ କରୁଥିବା ଶ୍ରମିକମାନଙ୍କୁ ଟ୍ରେନ୍ ଚଳାଚଳ ସମ୍ପର୍କରେ ପୂର୍ବରୁ ସୂଚନା ଦିଆଯାଇଥିଲା କି ନାହିଁ, ସେନେଇ ମଧ୍ୟ ତଦନ୍ତ ଚାଲିଛି । ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ପଚରାଉଚରା କରାଯାଉଛି । ଏହି ଦୁର୍ଘଟଣା ପରେ ରେଳବାଇ ପ୍ରଶାସନ ପକ୍ଷରୁ ମୃତ ଶ୍ରମିକମାନଙ୍କ ପରିବାର ପ୍ରତି ଗଭୀର ଶୋକ ଓ ସମବେଦନା ପ୍ରକାଶ କରାଯାଇଛି। ସେହିପରି ଆହତ ଶ୍ରମିକମାନଙ୍କୁ ଉନ୍ନତ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ବୋଲି ରେଳବାଇ କର୍ତ୍ତୃପକ୍ଷ ଆଶ୍ୱାସନ ଦେଇଛନ୍ତି। ଅଧିକାରୀମାନଙ୍କ କହିବା ଅନୁଯାୟୀ, ତଦନ୍ତ ରିପୋର୍ଟ ପ୍ରକାଶ ପାଇବା ପରେ ଯଦି କୌଣସି ସ୍ତରରେ ଅବହେଳା କିମ୍ବା ଦାୟିତ୍ୱହୀନତା ସାମ୍ନାକୁ ଆସେ, ତେବେ ସମ୍ପୃକ୍ତ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ନିୟମ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ଭୁଶୁଡ଼ିଲା ନିର୍ମାଣାଧୀନ କାନ୍ଥ, ଚାପି ହୋଇ ୩ ମୃତ

ରାଜସ୍ଥାନ : ରାଜସ୍ଥାନ ଆମେରରେ ବଡ଼ ଅଘଟଣ । ଅରାବଳୀ ପ୍ୟାଲେସ ହୋଟେଲ ପରିସରରେ ଏକ ନିର୍ମାଣାଧୀନ କାନ୍ଥ ଭୁଶୁଡ଼ି ପଡିଛି । ଏହି ଘଟଣାରେ ଧ୍ୱଂସାବଶେଷ ତଳେ ଅଧା ଡଜନରୁ ଅଧିକ ଶ୍ରମିକ ଦବିଥିବା ଜଣାପଡିଛି । ଘଟଣାରେ ୩ ଜଣ ଶ୍ରମିକଙ୍କ ଜୀବନ ଚାଲିଯାଇଥିବା ବେଳେ ଅନ୍ୟ ୩ ଜଣ ଆହତ ହୋଇଛନ୍ତି । ସେମାନଙ୍କୁ ହସପିଟାଲରେ ଭର୍ତ୍ତି କରାଯାଇଛି । ଘଟଣା ତାଲାମୋଡ ନିକଟରେ ହୋଇଛି । ଖବର ମୁତାବକ, ଅରାବଳୀ ପ୍ୟାଲେସ ହୋଟେଲର କାନ୍ଥ ନିର୍ମାଣ ଚାଲୁଥିଲା । ଶ୍ରମିକମାନେ କାନ୍ଥ ନିକଟରେ ସ୍ୱେରେଜ ପାଇଁ ଥିବା ଗାତ କାମ କରୁଥିବା ବେଳେ ହଠାତ୍ ନିର୍ମାଣାଧୀନ କାନ୍ଥ ଭୁଶୁଡି ପଡିଥିଲା । ଫଳରେ କାମ କରୁଥିବା ଶ୍ରମିକ ଏହା ତଳେ ଚାପି ହୋଇଯାଇଥିଲେ । କାନ୍ଥ ଭୁଶୁଡ଼ିବା ଯୋଗୁଁ ଲୋକଙ୍କ ଚିତ୍କାର ଶୁଣାଯାଇଥିଲା । ଦୁର୍ଘଟଣାର ଶବ୍ଦ ଶୁଣି ସ୍ଥାନୀୟ ଲୋକ ଦୌଡି ଆସିଥିଲେ ।

## ଜର୍ମାନୀ ଯୁବ କଲ୍ୟାଣ କେନ୍ଦ୍ରରେ ଗୁଳିକାଣ୍ଡ; ୫ ମୃତ

ନୂଆଦିଲ୍ଲୀ: ଉତ୍ତର ଜର୍ମାନୀର ଷ୍ଟେଡ ସହରରେ ଏକ ଯୁବ କଲ୍ୟାଣ କେନ୍ଦ୍ରରେ ବଡ଼ଧରଣର ଗୁଳିକାଣ୍ଡ ଘଟଣା ଘଟିଛି। ଏହି ଗୁଳିକାଣ୍ଡ ଘଟଣାରେ ଅତି କମ୍‌ରେ ପାଞ୍ଚ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଥିବା ନ୍ୟୁଜ ଏଜେନ୍ସି ରଏଟର୍ସ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ଜର୍ମାନ ସମ୍ବାଦ ସଂସ୍ଥା ଡିପିଏ ରିପୋର୍ଟ କରିଛି ଯେ, ଗୁଳିକାଣ୍ଡ ମାମଲାରେ ଦୁଇଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣେ ଗୁଳିଚାଳନାକାରୀ ଓ ଅନ୍ୟ ଜଣେ ସନ୍ଦିଗ୍ଧଙ୍କୁ ଭୂମିକା ସମ୍ପର୍କରେ ଜଣାପଡ଼ି ନଥିଲେ ମଧ୍ୟ ପୁଲିସ ହେପାଜତରେ ରଖିଛି। ତେବେ ଗୁଳିକାଣ୍ଡ ପଛର ଉଦ୍ଦେଶ୍ୟ ଜଣାପଡ଼ିନାହିଁ। ଗୁଳିକାଣ୍ଡ ଘଟଣା ପରେ ପୁଲିସ ସହର ବାହାରେ ବଡ଼ଧରଣର ଅପରେସନ ଆରମ୍ଭ କରିଛି। ଲୋକମାନଙ୍କୁ ଘଟଣାସ୍ଥଳରୁ ଦୂରେଇ ରହିବାକୁ ପୁଲିସ କହିଛି। ହାମବର୍ଗର ପଶ୍ଚିମରେ ଥିବା ଷ୍ଟେଡ ସହରରେ ୫୦,୦୦୦ ଲୋକ ବସବାସ କରନ୍ତି। ବର୍ତ୍ତମାନ ସ୍ଥାନୀୟ ଲୋକଙ୍କ ପାଇଁ ବିପଦ ନଥିବା ପୁଲିସ ପକ୍ଷରୁ କୁହାଯାଇଛି।

## ରାମ ମନ୍ଦିର ଦାନ ଚୋରି ମାମଲାରେ ଅଭିଯୁକ୍ତଙ୍କ ପକ୍ଷରେ ଲଢ଼ିଲେ ୫ ଲକ୍ଷ ଟଙ୍କା ଜରିମାନା

ନୂଆଦିଲ୍ଲୀ: ଅଯୋଧ୍ୟା ରାମ ମନ୍ଦିର ଦାନ ଚୋରି ମାମଲାରେ ଗିରଫ ଅଭିଯୁକ୍ତଙ୍କ ମାମଲା ଲଢ଼ିଲେ ୫ ଲକ୍ଷ ଟଙ୍କା ଜୋରିମାନା ଦେବାକୁ ପଡ଼ିବ ବୋଲି ଫୈଜାବାଦ ବାର୍ ଆସୋସିଏସନ୍ ପକ୍ଷରୁ ଏହାର ଓକିଲମାନଙ୍କୁ କଡ଼ା ଚେତାବନୀ ଜାରି କରାଯାଇଛି। ଉତ୍ତର ପ୍ରଦେଶର ଫୈଜାବାଦ ବାର ଆସୋସିଏସନ ଅଯୋଧ୍ୟାର ରାମ ମନ୍ଦିର ସହିତ ଜଡିତ ପାଣ୍ଠିର କଥିତ ଆତ୍ମସାତ୍ ମାମଲାରେ ଅଭିଯୁକ୍ତଙ୍କ ପ୍ରତିନିଧିତ୍ୱ ନକରିବାକୁ ନିଷ୍ପତ୍ତି ନେଇଛି। ସୋମବାର ବାର୍ ଆସୋସିଏସନ୍‌ର ସାଧାରଣ ପରିଷଦ ବୈଠକରେ ବାର ଚେତାବନୀ ଦେଇଛି ଯେ, ଅଭିଯୁକ୍ତଙ୍କ ପାଇଁ ମାମଲା ଲଢ଼ିଲେ ଯେକୌଣସି ସଦସ୍ୟଙ୍କୁ ୫ ଲକ୍ଷ ଟଙ୍କା ଜରିମାନା ଦେବାକୁ ପଡିବ। ବୈଠକ ସମୟରେ ଓକିଲମାନେ ଅଯୋଧ୍ୟା ରାମ ମନ୍ଦିର ଟ୍ରଷ୍ଟର ପୂର୍ବତନ ମୁଖ୍ୟ ଚମ୍ପତ ରାୟ, ଅନ୍ୟ ସଦସ୍ୟ ଅନିଲ ମିଶ୍ର ଓ ଗୋପାଳ ରାଓଙ୍କୁ ତିନି ଦିନ ମଧ୍ୟରେ ଅଯୋଧ୍ୟା ଛାଡିବାକୁ ଅନୁମତି ନ ଦେବା ପାଇଁ ଦାବି କରିଥିଲେ, ଯଦି ସେମାନେ ଏହା ନ ମାନିଲେ ସହର ଅବରୋଧ କରାଯିବ ବୋଲି ବାର୍ ଆସୋସିଏସନ୍ କହିଛି। ଚମ୍ପତ ରାୟ ଶ୍ରୀ ରାମ ଜନ୍ମଭୂମି ନ୍ୟାସର ସାଧାରଣ ସମ୍ପାଦକ ଥିଲେ ଓ ସମ୍ପ୍ରତି ଅନ୍ୟ ଜଣେ ଟ୍ରଷ୍ଟି ମିଶ୍ରଙ୍କ ସହିତ ପଦରୁ ଇସ୍ତଫା ଦେଇଥିଲେ। ବାର ଆସୋସିଏସନର ଏହି ନିଷ୍ପତ୍ତି ୨୦୦୫ ମସିହାରେ ରାମ ମନ୍ଦିର ଆତଙ୍କବାଦୀ ଆକ୍ରମଣ ମାମଲାରେ ଅଭିଯୁକ୍ତଙ୍କ ପ୍ରତିନିଧିତ୍ୱ କରିବାକୁ ମନା କରିଦେବାର ନିଷ୍ପତ୍ତିର ପ୍ରତିଫଳନ। ମନ୍ଦିରର ଦାନ ଚୋରି ଆମର ଭାବନାକୁ ଗଭୀର ଭାବରେ ଆଘାତ ଦେଇଛି ବୋଲି ବାର ଆସୋସିଏସନର ସମ୍ପାଦକ ଶୈଳେନ୍ଦ୍ର ଜୟସ୍ୱାଲ କହିଛନ୍ତି। ଫୈଜାବାଦର ସମସ୍ତ ଓକିଲ ଗିରଫ ଅଭିଯୁକ୍ତଙ୍କ ପକ୍ଷ ନ ରଖିବାକୁ ରାଜି ହୋଇଛନ୍ତି। ବାର୍ ଆସୋସିଏସନ୍ ସଭାପତି କଳିକା ପ୍ରସାଦ ମିଶ୍ର ଓକିଲଙ୍କ ପାଇଁ ଜାରି କରିଥିବା କଡ଼ା ଚେତାବନୀ ସମ୍ପର୍କିତ ଭିଡିଓ ଭାଇରାଲ ହେବାରେ ଲାଗିଛି। ବାର୍ ଆସୋସିଏସନ ସଭାପତି ନ୍ୟୁଜ୍ ଏଜେନ୍ସି ଏଏନ୍‌ଆଇକୁ ଏହା ମଧ୍ୟ କହିଛନ୍ତି, ଚମ୍ପତ ରାୟ, ଗୋପାଳ ରାଓ ଓ ଅନିଲ ମିଶ୍ରଙ୍କ ଭଳି ଟ୍ରଷ୍ଟ ମୁଖ୍ୟଙ୍କ ଅଜାଣତରେ ଏତେ ବଡ଼ ଘଟଣା ଘଟି ପାରିନଥାନ୍ତା। ବାର୍ ଆସୋସିଏସନ୍ ଚମ୍ପତ ରାୟ, ଅନିଲ ମିଶ୍ର ଓ ଗୋପାଳ ରାଓଙ୍କ ବିରୋଧରେ ମାମଲା ପଞ୍ଜିକରଣ ପାଇଁ ଧାରା ୧୫୬(୩) ଅନୁଯାୟୀ କୋର୍ଟକୁ ଆବେଦନ କରିବ ଓ ମାମଲାରେ ସିବିଆଇ ତଦନ୍ତ ମଧ୍ୟ ଦାବି କରିବ ବୋଲି ମିଶ୍ର କହିଛନ୍ତି।

# ୩ ଦଶନ୍ଧି ପରେ ୟାସିନ୍ ମଲିକ ବିରୋଧରେ ଚାର୍ଜସିଟ୍ ଦାଖଲ



ନୂଆଦିଲ୍ଲୀ: ଜମ୍ମୁ-କାଶ୍ମୀରରେ ୩ ଦଶନ୍ଧିରୁ ଅଧିକ ପୁରୁଣା କାଶ୍ମୀରୀ ପଣ୍ଡିତ ନର୍ସ ସରଳା ଭଟ୍ଟଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ତଦନ୍ତକାରୀ ସଂସ୍ଥା ବଡ଼ ପଦକ୍ଷେପ ନେଇଛି। ଜେକେଏଲ୍‌ଏଫ୍‌ର ପାଞ୍ଚଜଣ ଆତଙ୍କବାଦୀଙ୍କ ବିରୋଧରେ ସୋମବାର ଚାର୍ଜସିଟ୍ ଦାଖଲ ହୋଇଛି। ୧୯୯୦ ମସିହାରେ କାଶ୍ମୀରୀ ପଣ୍ଡିତ ନର୍ସ ସରଳା ଭଟ୍ଟଙ୍କ ଅପହରଣ ଓ ଅତି ବୀଭତ୍ସ ଭାବେ ହତ୍ୟା ମାମଲାରେ ଦାଖଲ ହୋଇଥିବା ୭୩୭ ପୃଷ୍ଠାର ଚାର୍ଜସିଟ୍‌ରେ ଉଲ୍ଲେଖ କରାଯାଇଥିବା ପ୍ରମୁଖ ପ୍ରମାଣ ମଧ୍ୟରେ ସାକ୍ଷୀ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ, ଫରେନସିକ୍ ପ୍ରମାଣ ଓ ପୂର୍ବତନ ଜମ୍ମୁ-କାଶ୍ମୀର ଲିବରେସନ ଫ୍ରଣ୍ଟ (ଜେକେଏଲଏଫ୍) ଆତଙ୍କବାଦୀ ବିଟ୍ଟା କରାଟେଙ୍କ ଏକ ପ୍ରାମାଣିକ ସାକ୍ଷାତ୍କାର ରହିଛି। ଜମ୍ମୁ-କାଶ୍ମୀରର ସ୍ୱତନ୍ତ୍ର ତଦନ୍ତ ସଂସ୍ଥା (ଏସ୍‌ଆଇଏ) ଦ୍ୱାରା ଶ୍ରୀନଗରର ଏକ ସ୍ୱତନ୍ତ୍ର ଟାଡା କୋର୍ଟରେ ଦାଖଲ କରାଯାଇଥିବା ଚାର୍ଜସିଟ୍‌ରେ ପୂର୍ବତନ ଜେକେଏଲ୍‌ଏଫ୍ କମାଣ୍ଡର ୟାସିନ ମଲିକ ସମେତ ପାଞ୍ଚ ଜଣ ଅଭିଯୁକ୍ତଙ୍କ ନାମ ରହିଛି। ପାଞ୍ଚ ଜଣଙ୍କ ମଧ୍ୟରୁ ଅଦ୍ୟାବଧି ତିନି ଜଣଙ୍କର ମୃତ୍ୟୁ ହୋଇସାରିଛି, ଜଣେ ଫେରାର ଅଛି ଓ ମଲିକ ବର୍ତ୍ତମାନ ଏକ ଆତଙ୍କବାଦ-ଫଣ୍ଡିଂ ମାମଲାରେ ଦିଲ୍ଲୀର ତିହାର ଜେଲରେ ଆଜୀବନ କାରାଦଣ୍ଡ ଭୋଗୁଛି। ଏସ୍ ?ଆଇଏ ମଲିକକୁ ଏହି ଘଟଣାର ମାଷ୍ଟରମାଇଣ୍ଡ ବୋଲି ଦର୍ଶାଇଛି।

## ତାମିଲନାଡୁରେ ପୁଣି ୬ମାସ ପରେ ହେବ ବିଧାନସଭା ନିର୍ବାଚନ, ଷ୍ଟାଲିନଙ୍କ ବୟାନ ପରେ ସରଗରମ ରାଜନୀତି



ତାମିଲନାଡୁ : ତାମିଲନାଡୁ ରାଜନୀତିକୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି। ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନଙ୍କ ଏକ ଦାବିକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି । ଷ୍ଟାଲିନ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟଙ୍କ ନେତୃତ୍ୱାଧୀନ ଟିଭିକେ ସରକାର ଖୁବଶୀଘ୍ର ଭାଙ୍ଗିପଡ଼ିବ। ରବିବାର (୨୮ ଜୁନ୍) ଏକ କାର୍ଯ୍ୟକ୍ରମରେ ଡିଏମକେ ମୁଖ୍ୟ ଷ୍ଟାଲିନ ଏହି ଦାବି କରିଥିଲେ। ସମ୍ପ୍ରତି ବିଧାନସଭା ନିର୍ବାଚନରେ ଟିଭିକେ ଭଲ ସଫଳତା ହାସଲ କରିଥିଲେ ମଧ୍ୟ ଏକକ ଭାବେ କ୍ଷମତାକୁ ଆସିପାରି ନଥିଲା। ପରେ କଂଗ୍ରେସ ସମେତ ଅନ୍ୟ ଦଳମାନଙ୍କ ସମର୍ଥନରେ ବିଜୟ ସରକାର ଗଠନ କରିଥିଲେ। ନିକଟରେ ବିଧାନସଭା ଅଧିବେଶନ ସମୟରେ ଟିଭିକେ ଓ ଡିଏମକେ ମଧ୍ୟରେ ତୀବ୍ର ବାକ୍ ?ଯୁଦ୍ଧ ମଧ୍ୟ ଦେଖିବାକୁ ମିଳିଥିଲା। ଏଭଳି ସ୍ଥିତିରେ ଷ୍ଟାଲିନଙ୍କ ଦାବି ରାଜନୈତିକ ପରିବେଶକୁ ଆହୁରି ଉତ୍ତପ୍ତ କରିଛି। ଷ୍ଟାଲିନଙ୍କ କହିବା ଅନୁସାରେ, ମୁଖ୍ୟମନ୍ତ୍ରୀ ବିଜୟଙ୍କ ନେତୃତ୍ୱାଧୀନ ଟିଭିକେ ସରକାର ପାଖରେ ସ୍ଥାୟୀ ବହୁମତ ନାହିଁ। ସେ ଦାବି କରିଛନ୍ତି ଯେ ଆସନ୍ତା ୩ରୁ ୬ ମାସ ମଧ୍ୟରେ ସରକାର ଭାଙ୍ଗିପଡ଼ିବ ଏବଂ ରାଜ୍ୟରେ ପୁଣି ବିଧାନସଭା ନିର୍ବାଚନ ହେବ। ସେ ଲୋକଙ୍କୁ ବୁଝାଇ କହିଥିଲେ ଯେ, ୨୩୪ ଆସନ ବିଶିଷ୍ଟ ତାମିଲନାଡୁ ବିଧାନସଭାରେ ବହୁମତ ପାଇଁ ୧୧୮ଟି ଆସନ ଆବଶ୍ୟକ। କିନ୍ତୁ ଟିଭିକେ କେବଳ ୧୦୬ଟି ଆସନ ପାଇଥିଲା। ପରେ କଂଗ୍ରେସ ସମେତ ଅନ୍ୟ ଦଳର ସମର୍ଥନରେ ସରକାର ଗଠନ କରାଯାଇଥିଲା। ଷ୍ଟାଲିନଙ୍କ ଅଭିଯୋଗ, ଡିଏମକେର ପୂର୍ବ ସହଯୋଗୀ ଦଳମାନଙ୍କ ସମର୍ଥନରେ ଏହି ସରକାର ଚାଲିଛି। ସେ ଆହୁରି କହିଛନ୍ତି ଯେ, ବର୍ତ୍ତମାନର ସରକାର ବେଶି ଦିନ ତିଷ୍ଠି ରହିବ ନାହିଁ। ଯେକୌଣସି ସମୟରେ ପୁଣି ନିର୍ବାଚନ ଘୋଷଣା ହୋଇପାରେ। ସେଥିପାଇଁ ଡିଏମକେ କର୍ମୀମାନଙ୍କୁ ଏବେଠାରୁ ପ୍ରସ୍ତୁତ ରହିବାକୁ ଆହ୍ୱାନ କରିଛନ୍ତି। ଲୋକଙ୍କୁ ସମ୍ବୋଧନ କରି ଷ୍ଟାଲିନ ତାମିଲନାଡୁର ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଥିଲେ। ସେ କହିଥିଲେ, ରାଜ୍ୟରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛି। ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ ବଢ଼ିଚାଲିଛି। ଏହା ସହିତ ରାଜ୍ୟରେ ବିଦ୍ୟୁତ୍ ସଙ୍କଟ ଦେଖାଦେଇଛି ଏବଂ ଅନେକ ଶିଳ୍ପ ସଂସ୍ଥା ତାମିଲନାଡୁ ଛାଡ଼ି ଅନ୍ୟ ରାଜ୍ୟକୁ ମୁହାଁଉଛନ୍ତି।

## ଖାମେନେଇଙ୍କ ଅନ୍ତିମ ସଂସ୍କାରରେ ସାମିଲ ହେବ ଭାରତ

ନୂଆଦିଲ୍ଲୀ : ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲ୍ଲୀ ଖାମେନେଇଙ୍କ ଅନ୍ତିମ ସଂସ୍କାରରେ ସାମିଲ ହେବ ଭାରତ । ଖାମେନେଇଙ୍କ ପାଇଁ ଆୟୋଜିତ କାର୍ଯ୍ୟକ୍ରମ ଆରମ୍ଭ ୪ ଜୁଲାଇରୁ ହେବ । ଏଥିରେ ସାମିଲ ହେବାକୁ ଭାରତ ପକ୍ଷରୁ ବିହାରର ରାଜ୍ୟପାଳ ଲେଫ୍‌ଟନାଣ୍ଟ ଜେନେରାଲ ସୟୈଦ ଅତା ହସନେନ୍ ଓ ବୈଦେଶିକ ରାଷ୍ଟ୍ର ମନ୍ତ୍ରୀ ପବିତ୍ରା ମାର୍ଗାରେଟ୍ ସାମିଲ ହେବେ । ଇରାନର ବହୁ ସହରରେ ୪ ରୁ ୯ ଜୁଲାଇ ପର୍ଯ୍ୟନ୍ତ ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମ ହେବାକୁ ଯାଉଛି । ଏଥିରେ ଲକ୍ଷାଧିକ ଲୋକ ସାମିଲ ହେବେ । ୪ ଏବଂ ୫ ଜୁଲାଇରେ ତେହେରାନରେ ଦୁଇଟି ବଡ଼ କାର୍ଯ୍ୟକ୍ରମ ହେବ । ଏହି କାର୍ଯ୍ୟକ୍ରମକୁ ନେଇ ମଧ୍ୟପ୍ରାଚ୍ୟରେ ସୁରକ୍ଷା ବ୍ୟବସ୍ଥାକୁ ଅତ୍ୟନ୍ତ କଡ଼ାକଡ଼ି କରାଯାଇଛି । ଇରାନ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଖାମେନେଇଙ୍କ ରାଜକୀୟ ଅନ୍ତିମ ସଂସ୍କାରରେ ସାମିଲ ହେବାକୁ ନିମନ୍ତ୍ରଣ କରାଯାଇଥିଲା । ଇରାନ ମିଡିଆ ଅନୁସାରେ, ୪ ଓ ୫ ଜୁଲାଇରେ ତେହେରାନର ଇମାମ ଖୁମେନି ମୌସାଲା ପ୍ରାର୍ଥନା ହଲରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜିତ କରିବେ । ଏହାପରେ ୬ ଓ ୭ ଜୁଲାଇରେ ରାଜଧାନୀ ତେହେରାନ ଓ ମଧ୍ୟ ଇରାନର ବହୁ ସହରରେ ଅନ୍ତିମ ଯାତ୍ରା ବାହାର କରାଯିବ । ଏହାପରେ ୯ ଜୁଲାଇରେ ଉତ୍ତର-ପୂର୍ବ ସହର ମଶହାଦରେ ଅନ୍ତିମ ସଂସ୍କାରର ଶେଷ କାର୍ଯ୍ୟକ୍ରମ ହେବ ।

# ଆସାମରେ ବନ୍ୟା ବିପ୍ଳାବିତ ୨୨ ହଜାର ପ୍ରଭାବିତ

ଗୌହାଟୀ : ଆସାମରେ ଲଗାଣ ବର୍ଷା ଯୋଗୁଁ ରାଜ୍ୟରେ ହାହାକାର ସ୍ଥିତି ଦେଖାଦେଇଛି । ବର୍ଷା ଯୋଗୁଁ ନଦୀରେ ଜଳସ୍ତର ବଢିବାରେ ଲାଗିଛି । ଏକ ରେଳ ବ୍ରିଜ କ୍ଷତିଗ୍ରସ୍ତ ଯୋଗୁଁ ଏକ ଅଞ୍ଚଳକୁ ରେଳ ସଂଯୋଗ ଶେଷ ହୋଇଛି । ବନ୍ୟା ଯୋଗୁଁ ୬ଟି ଜିଲ୍ଲାରେ ପ୍ରାୟ ୨୨ ହଜାର ଲୋକେ ପ୍ରଭାବିତ ହୋଇଛନ୍ତି । ଗୃହମନ୍ତ୍ରୀ ଅମିତ ଶାହ ଏନେଇ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ସହ କଥା ହୋଇଛନ୍ତି । ବନ୍ୟା ସ୍ଥିତି ସମ୍ପର୍କରେ ପଚାରି ବୁଝିବା ସହିତ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ହିମନ୍ତ ବିଶ୍ୱଶର୍ମା ଏକ୍ସରେ ଏକ ପୋଷ୍ଟରେ ଲେଖିଛନ୍ତି, ମୁଁ ମାନନୀୟ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଧେମାଜି ବନ୍ୟା ସ୍ଥିତି ପଚାରି ବୁଝିଥିବାରୁ ଧନ୍ୟବାଦ ଦେଉଛି । ମୁଁ ତାଙ୍କୁ ଏଠାରେ ଚାଲିଥିବା ଉଦ୍ଧାର ଏବଂ ପୁର୍ନବାସ ଉପାୟ ବିଷୟରେ ସୂଚନା ଦେଇଛି । ଏଭଳି ସ୍ଥିତିରୁ ମୁକୁଳିବା ପାଇଁ ଭାରତ ସରକାରଙ୍କ ତରଫରୁ ସମସ୍ତ ପ୍ରକାରର ସହାୟତା ଦେବାକୁ ଭରସା ଦେଇଛନ୍ତି । ଆସାମ ଏବଂ ପଡୋଶୀ ଅରୁଣାଚଳ ପ୍ରଦେଶରେ ଲଗାଣ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଧେମାଜି ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଆସାମ ବିପର୍ଯ୍ୟୟ ପ୍ରଶମନ ଅଧିକାରୀଙ୍କ ଦ୍ୱାରା ଜାରି କରାଯାଇଥିବା ତଥ୍ୟ ଅନୁଯାୟୀ, ଧେମାଜି, ନଲବାଡି, ଡିବ୍ରୁଗଡ଼, ଚିରାଙ୍ଗ, ଲକ୍ଷ୍ମୀପୁର ଓ କୋକରାଝାର ଜିଲ୍ଲାରେ ମୋଟ ୨୨,୧୨୪ ଜଣ ଲୋକ ବନ୍ୟା ପ୍ରଭାବିତ ହୋଇଛନ୍ତି । ବନ୍ୟା ପରିସ୍ଥିତି ଯୋଗୁଁ ଲଗାତାର ସ୍ଥିତି ଉପରେ ନଜର ରଖାଯାଇଛି ।

# ରାଜ୍ୟସଭା ସାଂସଦ ଭାବେ ଶପଥ ନେଲେ ଖଡ଼ଗେ ଓ ଅନ୍ୟ ୭ ଜଣ



କର୍ଣ୍ଣାଟକ : କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ କର୍ଣ୍ଣାଟକରୁ ରାଜ୍ୟସଭାକୁ ପୁନଃନିର୍ବାଚିତ ହେବା ପରେ ସାଂସଦ ଭାବେ ଶପଥ ନେଇଛନ୍ତି। ଶପଥ ପାଠ ପରେ ଖଡ଼ଗେଙ୍କୁ ଜୁନ୍ ୨୬ ତାରିଖରୁ ରାଜ୍ୟସଭାରେ ବିରୋଧୀ ଦଳ ନେତା ଭାବରେ ପୁନଃନିଯୁକ୍ତ କରାଯାଇଥିଲା। ଖଡ଼ଗେଙ୍କ ବ୍ୟତୀତ ବିଜେପି ନେତା ତରୁଣ ଚୁଘ ଓ ଅନ୍ୟ ଛଅ ଜଣ ରାଜ୍ୟସଭା ସଦସ୍ୟ ଭାବେ ଶପଥ ନେଇଥିଲେ । ରାଜ୍ୟସଭା ଅଧ୍ୟକ୍ଷ ସିପିରାଧାକ୍ରିଷ୍ଣନ ସଂସଦ ଭବନରେ ତାଙ୍କ ଚାମ୍ବରରେ ଖଡ଼ଗେଙ୍କୁ ସ୍ୱତନ୍ତ୍ର ଭାବେ ଶପଥ ପାଠ କରାଇଥିଲେ। ଖଡ଼ଗେ ହିନ୍ଦୀରେ ଶପଥ ନେଇଥିଲେ ଓ ହାତରେ ସମ୍ବିଧାନର ଏକ କପିଧରିଥିଲେ। ଉପରାଷ୍ଟ୍ରପତି ରାଧାକ୍ରିଷ୍ଣନ ଖଡ଼ଗେଙ୍କୁ ଶୁଭେଚ୍ଛା ଜଣାଇଥିଲେ ଓ ସଂସଦର ଉପର ସଦନ ତାଙ୍କ ଦୀର୍ଘ ସଂସଦୀୟ ଅଭିଜ୍ଞତା ଦ୍ୱାରା ଉପକୃତ ହେବ ବୋଲି କହିଥିଲେ। ଏହି ଅବସରରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା, କିରେନ୍ ରିଜିଜୁ, ଅର୍ଜୁନ ରାମ ମେଘୱାଲ ଓ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ମଧ୍ୟ ଉପସ୍ଥିତ ଥିଲେ। ଖଡ଼ଗେଙ୍କ ପତ୍ନୀ, ଝିଅ ଓ ଅନ୍ୟ ସମ୍ପର୍କୀୟ ମଧ୍ୟ ଉପସ୍ଥିତ ଥିଲେ। ଖଡ଼ଗେଙ୍କ ଶପଥଗ୍ରହଣ ପରେ ଉପରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ 'ଏକ୍ସ'ରେ ଏସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ଖଡ଼ଗେ ମଧ୍ୟ 'ଏକ୍ସ'ରେ ପୋଷ୍ଟ କରି ରାଜ୍ୟସଭାରେ ବିରୋଧୀ ଦଳ ନେତା ଭାବରେ କାର୍ଯ୍ୟ ଜାରି ରଖିବାର ସୁଯୋଗ ପାଇଁ କୃତଜ୍ଞତା ପ୍ରକାଶ କରିଛନ୍ତି। ଏହାକୁ ଅପାର ଗର୍ବ ଓ ଦାୟିତ୍ୱର ବିଷୟ ବୋଲି କହିଥିଲେ। କଂଗ୍ରେସ ମୁଖ୍ୟ ପରେ କହିଥିଲେ ଯେ, ସେ ସଂସଦରେ ଜନସାଧାରଣଙ୍କ ଚିନ୍ତା, ଆକାଂକ୍ଷା ଓ ସ୍ୱରକୁ ସଚ୍ଚୋଟତା ଓ ଦୃଢ଼ତାର ସହିତ ଉଠାଇବେ ଓ ସରକାରଙ୍କ ଉତ୍ତରଦାୟିତ୍ୱ ଦାବି କରିବେ ।

ଖଡ଼ଗେଙ୍କ ବ୍ୟତୀତ ବିଜେପି ନେତା ତରୁଣ ଚୁଘ, ଅନ୍ୟ ଛଅ ଜଣ ରାଜ୍ୟସଭା ସଦସ୍ୟ ଭାବେ ଶପଥ ନେଇଥିଲେ। ସୋମବାର ଶପଥ ନେଇଥିବା ଅନ୍ୟ ସଦସ୍ୟମାନେ ହେଲେ ଜିତେନ୍ଦ୍ର ମେଘଜୀଭାଇ କାଞ୍ଚାରିଆ ଓ ମାନସିଂହ ମେରମାନ ପରମାର (ଗୁଜରାଟ), ଏମ୍ ନାଗରାଜ (କର୍ଣ୍ଣାଟକ), ରାଜେନ୍ଦ୍ର ହୀରାଲାଲ ଜୈନ (ମହାରାଷ୍ଟ୍ର), ଅଧିକାରୀମାୟୁମ୍ ଶାରଦା ଦେବୀ (ମଣିପୁର) ଓ ଅଲକା ସିଂହ (ରାଜସ୍ଥାନ)।

## ୟୁଏସ୍ ଓପନ ବ୍ୟାଡମିଣ୍ଟନ: ଶ୍ରୀକାନ୍ତ ଉପବିଜେତା

ଫୁଲର୍ଟନ: ଲଚୁଆ ଖେଳ ପ୍ରଦର୍ଶନ ସତ୍ତ୍ୱେ ଭାରତର କିଦାମ୍ବି ଶ୍ରୀକାନ୍ତ ୟୁଏସ୍ ଓପନ୍ ବ୍ୟାଡ୍‌ମିଣ୍ଟନ ଫାଇନାଲ୍‌ରେ ପରାସ୍ତ ହୋଇ 'ଉପବିଜେତା' ଟାଇଟଲ୍‌ରେ ସନ୍ତୁଷ୍ଟ ରହିଛନ୍ତି। ପୁରୁଷ ଏକକ



ଫାଇନାଲ୍‌ରେ ସେ ଚାଇନିଜ୍ ତାଇପେଇର ସୁ ଲି ୟାଙ୍ଗଙ୍କଠାରୁ ୧୫-୨୧,୨୧-୧୫, ୯-୨୧ରେ ହାରିଯାଇଥିଲେ। ୨୦୨୧ ବିଶ୍ୱ ଚାମ୍ପିଅନସିପରେ ରୌପ୍ୟ ବିଜେତା ଶ୍ରୀକାନ୍ତ ପ୍ରଥମ ସେଟ୍‌କୁ ୧୫-୨୧ରେ ହାରିବା ପରେ ଦ୍ୱିତୀୟ ସେଟ୍‌ରେ ଜୋରଦାର୍ ପ୍ରତ୍ୟାବର୍ତ୍ତନ କରିଥିଲେ ଓ ୨୧-୧୫ରେ ଜିତିନେଇଥିଲେ। କିନ୍ତୁ ତୃତୀୟ ସେଟ୍‌କୁ ସେ ୯-୨୧ରେ ହାରି ମ୍ୟାଚ୍ ହାତଛଡ଼ା କରିଥିଲେ। ଶ୍ରୀକାନ୍ତ ଗତ ବର୍ଷ ମାଲେସିଆ ମାଷ୍ଟର୍ସ ସୁପର ୫୦୦ ଓ ସୟଦ ମୋଦୀ ଇଣ୍ଟରନ୍ୟାସ୍‌ନାଲ୍ ସୁପର ୩୦୦ରେ ଉପବିଜେତା ହୋଇଥିଲେ। ଚଳିତ ଋତୁରେ ଏହା ତାଙ୍କର ପ୍ରଥମ ଫାଇନାଲ୍ ଥିଲା। ମହିଳା ଏକକରେ ଡେନମାର୍କର ଏଲ. କ୍ରିଷ୍ଟୋଫରସେନ ବିଜୟୀ ହୋଇଛନ୍ତି । ସେ ବୁଲଗେରିଆର କାଲୋୟାନା ନାଲବାନତୋଭାଙ୍କୁ ୨୧-୧୬,୧୬-୨୧, ୨୧-୧୧ରେ ପରାସ୍ତ କରିଛନ୍ତି।

## ଅଲିମ୍ପିକ୍ସ ଯୋଗ୍ୟତା ମାନଦଣ୍ଡ ଘୋଷଣା କଲା ଆଇସିସି

# ଭାରତର ପୁରୁଷ ଓ ମହିଳା ଦଳର ସ୍ଥାନ ପକ୍କା






ଦୁବାଇ,୨୯।୬: ଦୀର୍ଘ ୧୦୦ ବର୍ଷରୁ ଅଧିକ ସମୟ ପରେ ଅଲିମ୍ପିକ୍ସ ମଇଦାନକୁ କ୍ରିକେଟ୍ ଫେରିବାକୁ ଯାଉଛି । ୨୦୨୮ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟ୍ ସାମିଲ ହୋଇଥିବା ବେଳେ ଏଥିପାଇଁ ଆଇସିସି (ଓଉଉ) ସୋମବାର ଦିନ ଯୋଗ୍ୟତା ମାନଦଣ୍ଡ ଘୋଷଣା କରିଛି । ଏହି ମହାକୁମ୍ଭରେ କ୍ରିକେଟ୍ କେବଳ ଟ୍ୱେଣ୍ଟି-୨୦ (ଟି୨୦) ଫର୍ମାଟ୍‌ରେ ଖେଳାଯିବ । ଉଭୟ ପୁରୁଷ ଓ ମହିଳା ବର୍ଗରେ ମାତ୍ର ୬ଟି ଲେଖାଏଁ ଶ୍ରେଷ୍ଠ ଦଳ ଏଥିରେ ଭାଗନେବେ । ତେବେ ଖୁସିର କଥା ହେଉଛି, ଆଇସିସିର ଏହି ନୂଆ ନିୟମ ଅନୁଯାୟୀ ଭାରତର ଉଭୟ ପୁରୁଷ ଏବଂ ମହିଳା ଦଳ ନିଜ ନିଜର ସ୍ଥାନ ପ୍ରାୟ ପକ୍କା କରିସାରିଛନ୍ତି ।

ପୁରୁଷ ବର୍ଗ ପାଇଁ ଆଇସିସିର ନିୟମ ହେଉଛି, ୨୦୨୬ ଡିସେମ୍ବର ୩୧ ତାରିଖ ସୁଦ୍ଧା ଆଇସିସି ଟ୍ୱେଣ୍ଟି-୨୦ ମାନ୍ୟତା (ଜବଭଳସଭଶଣ୍ଢ) ଅନୁଯାୟୀ ଯେଉଁ ଦଳ ନିଜ ମହାଦେଶରେ ଶୀର୍ଷରେ ଥିବେ, ସେମାନେ ସିଧାସଳଖ ଯୋଗ୍ୟତା ପାଇବେ । ଏହିପରି ଭାବେ ୪ଟି ମହାଦେଶରୁ ୪ଟି ଦଳ ସ୍ଲଟ୍ ପାଇବେ । ବର୍ତ୍ତମାନ ଭାରତୀୟ ପୁରୁଷ ଦଳ ଏସିଆ ମହାଦେଶରେ ୧ ନମ୍ବର ସ୍ଥାନରେ ରହିଛି । ତେଣୁ ଚଳିତ ବର୍ଷ ଶେଷ ସୁଦ୍ଧା ଯଦି ଭାରତ ଏହି ଶୀର୍ଷ ସ୍ଥାନ ବଜାୟ ରଖେ, ତେବେ ଦଳ ସିଧାସଳଖ ଅଲିମ୍ପିକ୍ସ ଖେଳିବାକୁ ଯୋଗ୍ୟତା ଅର୍ଜନ କରିନେବ । ଆୟୋଜକ ଦେଶ ଭାବେ ଆମେରିକାର ସ୍ଥାନ ସୁରକ୍ଷିତ ଥିବା ବେଳେ, ଅବଶିଷ୍ଟ ଦଳ 'ଗ୍ଲୋବାଲ ଅଲିମ୍ପିକ୍‌ସ ଯୋଗ୍ୟତା ମ୍ୟାଚ୍' ଖେଳି ଆସିବେ ।ଅପରପକ୍ଷରେ, ମହିଳା ବର୍ଗର ଚିତ୍ର ପ୍ରାୟ ସ୍ପଷ୍ଟ ହୋଇଯାଇଛି । ଇଂଲଣ୍ଡରେ ଚାଲିଥିବା ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ପ୍ରଦର୍ଶନ ଆଧାରରେ ବିଭିନ୍ନ ମହାଦେଶର ଶୀର୍ଷ ଦଳଗୁଡ଼ିକୁ ସିଧାସଳଖ ଟିକେଟ୍ ମିଳିଛି । ଏହି ମାନଦଣ୍ଡ ଅନୁଯାୟୀ ଅଷ୍ଟ୍ରେଲିଆ (ଓସେନିଆ), ଦକ୍ଷିଣ ଆଫ୍ରିକା (ଆଫ୍ରିକା) ଏବଂ ଇଂଲଣ୍ଡ (ୟୁରୋପ) ସେମିଫାଇନାଲରେ ପହଞ୍ଚି ପ୍ରାରମ୍ଭିକ ସ୍ଲଟ୍ ଦଖଲ କରିସାରିଛନ୍ତି । ଭାରତୀୟ ମହିଳା ଦଳ ସେମିଫାଇନାଲ୍ ଯାଇନଥିଲେ ମଧ୍ୟ ଏସିଆ ମହାଦେଶର ଅନ୍ୟ ଦଳଙ୍କ ଅପେକ୍ଷା ଶୀର୍ଷ ୪ ଭିତରେ ରହି ପ୍ରଥମ ସ୍ଥାନରେ ଅଛି । ତେଣୁ ଭାରତୀୟ ମହିଳା ଦଳର ସ୍ଥାନ ମଧ୍ୟ ସୁରକ୍ଷିତ ମନେହେଉଛି । ଇଂଲଣ୍ଡ ଯୋଗ୍ୟତା ପାଇଥିବାରୁ ଅଲିମ୍ପିକ୍ସରେ ଗ୍ରେଟ୍ ବ୍ରିଟେନ୍ କୋଟାରେ କେବଳ ଇଂଲଣ୍ଡ ହିଁ ପ୍ରତିନିଧିତ୍ୱ କରିବ ।

ଏହି ସାରା ପ୍ରକ୍ରିୟାରେ ସବୁଠାରୁ ବଡ଼ ଝଟ୍‌କା ୱେଷ୍ଟଇଣ୍ଡିଜ୍ ଦଳକୁ ଲାଗିଛି । ଚଳିତ ବିଶ୍ୱକପ୍ ସେମିଫାଇନାଲରେ ପହଞ୍ଚିଥିଲେ ମଧ୍ୟ ଏହି ଦଳ ଅଲିମ୍ପିକ୍ସ ଖେଳିପାରିବ ନାହିଁ । କାରଣ ୱେଷ୍ଟଇଣ୍ଡିଜ୍ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଦେଶ ନୁହେଁ, ବରଂ ଆଣ୍ଟିଗୁଆ, ବାରବାଡସ୍, ଜାମାଇକା, ଗୟନା ଓ ତ୍ରିନିଦାଦ ଭଳି ଏକାଧିକ କାରବୀୟ ରାଷ୍ଟ୍ରକୁ ନେଇ ଗଠିତ ଏକ କ୍ରିକେଟ୍ ବୋର୍ଡ । ଅଲିମ୍ପିକ୍ସରେ ଏହି ଦେଶଗୁଡ଼ିକର ଅଲଗା ଅଲଗା ନ୍ୟାସ୍‌ନାଲ୍ ଅଲିମ୍ପିକ୍ କମିଟି (ଘଡଉ) ରହିଛି, ତେଣୁ ଗୋଟିଏ ଦଳ ଭାବେ ୱେଷ୍ଟଇଣ୍ଡିଜ୍ ଅଲିମ୍ପିକ୍ସ ପାଇଁ ଅଯୋଗ୍ୟ ଘୋଷିତ ହୋଇଛି । ଆଇସିସି ନିୟମ ଅନୁଯାୟୀ ଆୟୋଜକ ଆମେରିକାର ଉଭୟ ପୁରୁଷ ଓ ମହିଳା ଦଳକୁ ଅଲିମ୍ପିକ୍ସ ଖେଳିବାକୁ ହେଲେ ଆଇସିସି ମାନ୍ୟତାର ଶୀର୍ଷ ୧୫ ଭିତରେ ରହିବାକୁ ପଡ଼ିବ । ଏହାପରେ ବାକି ରହିଥିବା ଶେଷ ସ୍ଲଟ୍ ପାଇଁ ଦଳଗୁଡ଼ିକ ମଧ୍ୟରେ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ ।

## ବ୍ରିଟିଶ ଓ ଆଇରିଶ୍ ପାରା ବ୍ୟାଡମିଣ୍ଟନ ୨୦୨୬

## ପ୍ରମୋଦ ଭଗତଙ୍କୁ ଡବଲ୍ ପଦକ

ଭୁବନେଶ୍ୱର,୨୯/୦୬: ବ୍ରିଟିଶ ଓ ଆଇରିଶ୍ ପାରା ବ୍ୟାଡମିଣ୍ଟନ ଇଣ୍ଟରନ୍ୟାସନାଲ୍-୨୦୨୬ରେ ଓଡିଶାର ଷ୍ଟାର୍ ଖେଳାଳି ପ୍ରମୋଦ



ଭଗତ ଡବଲ୍ ପଦକ ଜିତି ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରିଛନ୍ତି । ସେ ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୍ ୩ରେ ସ୍ୱର୍ଣ୍ଣ ଏବଂ ମିକ୍ସଡ୍ ଡବଲ୍ସରେ ବ୍ରୋଞ୍ଜ ପଦକ ଜିତିଥିଲେ । ପୁରୁଷ ବର୍ଗ ଫାଇନାଲ୍‌ରେ ପ୍ରମୋଦ ସିଧାସଳଖ ୨୩-୨୧, ୨୧-୧୪ ଗେମ୍‌ରେ ନିଜ ଦେଶର ନିତେଶ କୁମାରଙ୍କୁ ପରାସ୍ତ କରିଥିଲେ । ମ୍ୟାଚ୍ ଜିତିବା ପାଇଁ ତାଙ୍କୁ ୪୪ମିନିଟ୍ ସମୟ ଲାଗିଥିଲା । ସେହିପରି ମିକ୍ସଡ୍ ଡବଲ୍ସରେ ମନୀଷାଙ୍କୁ ସାଥୀ କରି ପ୍ରମୋଦ ବ୍ରୋଞ୍ଜ ଜିତିଥିଲେ ।

# ଅନ୍ତର୍ଜାତୀୟ କ୍ରିକେଟରୁ ଷ୍ଟୋକ୍ସଙ୍କ ଅବସର



ନୂଆଦିଲ୍ଲୀ ,୨୯/୦୬: ବିଶ୍ୱକପ ବିଜେତା, ଟି-ଟ୍ୱେଣ୍ଟି ୱାର୍ଲ୍ଡ କପ୍ ୱିନର । ୭,୩୭୩ ରନ୍ ଏବଂ ୨୫୧ ଟେଷ୍ଟ ୱିକେଟ୍ । ଇଂଲଣ୍ଡ କ୍ରିକେଟ୍ ଟିମ୍ ଅଧିନାୟକ ବେନ୍ ଷ୍ଟୋକ୍ସ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି । ନ୍ୟୁଜିଲାଣ୍ଡ ବିପକ୍ଷ ଚଳିତ ସିରିଜ ନିର୍ଣ୍ଣାୟକ ତୃତୀୟ ଟେଷ୍ଟର ଚତୁର୍ଥ ଦିବସରେ ରବିବାର ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ହଠାତ୍ ଅବସର ଘୋଷଣା କରି ସମସ୍ତଙ୍କୁ ଚକିତ କରି ଦେଇଛନ୍ତି । ଆଜି (ସୋମବାର) ଏହି ମ୍ୟାଚ୍ ଶେଷ ହେବା ପରେ ସେ ଦୀର୍ଘ ୧୫ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ପକାଇବେ । ନିକଟରେ ଲଣ୍ଡନ ନାଇଟ୍ କ୍ଲବ୍‌ରେ ମାରପିଟ୍ ଘଟଣାରେ ଷ୍ଟୋକ୍ସ ଓ ପେସ୍ ବୋଲର ଗସ୍ ଆଟକିନସନ୍‌ଙ୍କୁ ଦ୍ୱିତୀୟ ଟେଷ୍ଟରୁ ବାଦ୍ ଦିଆଯାଇଥିଲା । ଏହାକୁ ନେଇ ତାଙ୍କୁ କଡା ସମାଲୋଚିତ ହେବାକୁ ପଡିଥିଲା ।ଚତୁର୍ଥ ଦିବସର ଖେଳ ଆରମ୍ଭ ହେବା ପୂର୍ବରୁ ଷ୍ଟୋକ୍ସ ସାଥୀ ଖେଳାଳିମାନଙ୍କୁ ଅବସର ବିଷୟରେ ଜଣାଇଥିଲେ । ଚା' ପାନ ବିରତି ପୂର୍ବରୁ ଇଂଲଣ୍ଡ କ୍ରିକେଟ୍ ବୋର୍ଡ ପକ୍ଷରୁ ଏବିଷୟରେ ଘୋଷଣା କରାଯାଇଥିଲା । ଷ୍ଟୋକ୍ସ ଗତ ୪ବର୍ଷ ଧରି ଟେଷ୍ଟ ଦଳର ନେତୃତ୍ୱ ନେଉଛନ୍ତି । ଚଳିତ ଟେଷ୍ଟକୁ ଛାଡି ସେ ୧୨୧ଟି ଟେଷ୍ଟ ଖେଳି ୭,୨୨୮ (୧୪ଶତକ, ୩୬ ଅର୍ଦ୍ଧଶତକ) ରନ୍ କରିଥିବାବେଳେ ୨୪୬ଟି ୱିକେଟ୍ ନେଇ ସାରିଛନ୍ତି । ସେହିପରି ଦିନିକିଆରେ ୧୧୪ଟି ମ୍ୟାଚ୍‌ରେ ୩,୪୬୩ରନ୍ ଓ ୭୪ଟି ୱିକେଟ୍ ନେଇଥିବାବେଳେ ୪୩ଟି ଟି-ଟ୍ୱେଣ୍ଟିରେ ୫୮୫ରନ୍ ଓ ୨୬ଟି ୱିକେଟ୍ ନେଇଛନ୍ତି ।

ଇଂଲଣ୍ଡ କ୍ରିକେଟ୍ ଦଳର କିମ୍ବଦନ୍ତୀ ଅଲରାଉଣ୍ଡର ଏବଂ ସଫଳ ଅଧିନାୟକ ବେନ୍ ଷ୍ଟୋକ୍ସ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବାକୁ ନିଷ୍ପତ୍ତି ନେଇଛନ୍ତି । ଟ୍ରେଣ୍ଟ ବ୍ରିଜରେ ନ୍ୟୁଜିଲାଣ୍ଡ ଏବଂ ଇଂଲଣ୍ଡ ମଧ୍ୟରେ ଚଳିତ ଟେଷ୍ଟ ମ୍ୟାଚ ପରେ ଷ୍ଟୋକ୍ସ ଅବସର ନେବେ । ତାଙ୍କର ଏହି ନିଷ୍ପତ୍ତି କ୍ରିକେଟ ଜଗତକୁ ଭାବପ୍ରବଣ କରିଦେଇଛି । ଚତୁର୍ଥ ଦିନ (ଜୁନ୍ ୨୮) ଖେଳ ଆରମ୍ଭ ହେବା ପୂର୍ବରୁ, ୩୫ ବର୍ଷୀୟ ବେନ୍ ଷ୍ଟୋକ୍ସ ତାଙ୍କ ଦଳର ଖେଳାଳିମାନଙ୍କୁ ତାଙ୍କ ନିଷ୍ପତ୍ତି ବିଷୟରେ ଜଣାଇଥିଲେ । ଏହା ପରେ, ଇଂଲଣ୍ଡ ଦଳ ପକ୍ଷରୁ ଏକ ବାର୍ତ୍ତା ଦିଆଯାଇଥିଲା । ଯେଉଁଥିରେ ଷ୍ଟୋକ୍ସଙ୍କୁ ଦଳର ସବୁଠାରୁ ପ୍ରେରଣାଦାୟକ ଅଧିନାୟକ ଏବଂ ସର୍ବଶ୍ରେଷ୍ଠ ଖେଳାଳି ଭାବରେ ବର୍ଣ୍ଣନା କରାଯାଇଥିଲା । ଟ୍ରେଣ୍ଟ ବ୍ରିଜରେ ବୋଲିଂ କରୁଥିବା ସମୟରେ ଷ୍ଟୋକ୍ସଙ୍କ ଅବସର ଖବର ଘୋଷଣା କରାଯାଇଥିଲା ।ବେନ୍ ଷ୍ଟୋକ୍ସଙ୍କୁ ଇଂଲଣ୍ଡ କ୍ରିକେଟର ସବୁଠାରୁ ପ୍ରଭାବଶାଳୀ ଖେଳାଳିଙ୍କ ମଧ୍ୟରୁ ଜଣେ ବୋଲି ବିବେଚନା କରାଯାଏ। ସେ ତାଙ୍କ କ୍ୟାରିୟରରେ ଅନେକ ସ୍ମରଣୀୟ ଇନିଂସ ଖେଳିଛନ୍ତି ଏବଂ ଦଳକୁ ଐତିହାସିକ ବିଜୟରେ ନେତୃତ୍ୱ ଦେଇଛନ୍ତି । ଷ୍ଟୋକ୍ସ ସମ୍ପ୍ରତି ଏକ ନାଇଟ୍ କ୍ଲବ ବିବାଦରେ ଜଡ଼ିତ ଥିବାରୁ ଚର୍ଚ୍ଚାରେ ଥିଲେ ।

## ଏସୀୟ ମିଶ୍ରିତ ଦଳଗତ ବ୍ୟାଡ୍‌ମିଣ୍ଟନ୍‌ରୁ ଭାରତର ବିଦାୟ

ନୂଆଦିଲ୍ଲୀ,୨୯ ।୬: ଏସୀୟ ମିଶ୍ରିତ ଦଳଗତ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲ୍‌ରେ ହାରି ଭାରତ ବିଦାୟ ନେଇଛି। କ୍ୱାର୍ଟରଫାଇନାଲ୍‌ରେ ଭାରତକୁ ୧-୨ରେ ହଂକଂ ପରାସ୍ତ କରିଥିଲା। ପ୍ରଥମ



ମ୍ୟାଚ୍‌ରେ ଭାରତର ଦେବ ରୁପାରେଲିଆ ଓ ତାନ୍ୱୀ ପତ୍ରି ୫୫-୪୪ରେ ବିଜୟୀ ହୋଇଥିଲେ। କିନ୍ତୁ ଦ୍ୱିତୀୟ ମ୍ୟାଚ୍‌ରେ ହଂକଂର କେନ୍ ଇ ହେଇ ଓ ଇପ୍ ସମ୍ ୟାଉ ପ୍ରଭାବୀ ପ୍ରଦର୍ଶନ କରି ବିଜୟୀ ହୋଇଥିଲେ। ତୃତୀୟ ତଥା ନିର୍ଣ୍ଣାୟକ ମ୍ୟାଚ୍‌ରେ ଭାରତର ରୁପାରେଲିଆ, ବିଜର୍ନ ଜାଇସନ ଓ ଡାୟାଙ୍କା ୱାଲଡିଆଙ୍କ ଲଚୁଆ ପ୍ରଦର୍ଶନ ସତ୍ତ୍ୱେ ଭାରତ ହାରିଯାଇଥିଲା ଓ ପ୍ରତିଯୋଗିତାରୁ ବିଦାୟ ନେଇଥିଲା।

# ସିରିଜ୍ ହାରିବା ପରେ ଗମ୍ଭୀରଙ୍କୁ ଟ୍ରୋଲ୍

ନୂଆଦିଲ୍ଲୀ,୨୯ ।୬: ଭାରତ ବିପକ୍ଷରେ ଆୟର୍ଲାଣ୍ଡ କ୍ଲିନ ସୁଇପ କରିଛି । ଅନ୍ତିମ ଅନ୍ତର୍ଜାତୀୟ ଟି ୨୦ କ୍ରିକେଟ ମ୍ୟାଚରେ ଆୟର୍ଲାଣ୍ଡ ଏକ ରନରେ ଭାରତକୁ ପରାଜୟ କରିଛି । ଏହାପରେ ସୋସିଆଲ ମିଡିଆରେ ଅନେକ ମିମ୍ସ ଭାଇରାଲ ହେଉଛି । ପ୍ରଶଂସକଙ୍କ କ୍ରୋଧ ଏବଂ ସମାଲୋଚନା ମଧ୍ୟରେ, ଆଇସଲ୍ୟାଣ୍ଡ କ୍ରିକେଟ୍ – ଯାହା ଏହାର ମଜାଳିଆ ଏବଂ ତୀକ୍ଷ୍ଣ ମନ୍ତବ୍ୟ ପାଇଁ ଜଣାଶୁଣା । ଏହାର ଅଫିସିଆଲ୍ ସୋସିଆଲ ମିଡିଆ ହ୍ୟାଣ୍ଡେଲ ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ଉପରେ କଠୋର ସମାଲୋଚନା କରିଛି । ଗମ୍ଭୀରଙ୍କ କୋଚିଂ ରେକର୍ଡକୁ ଉପହାସ କରୁଥିବା ଏହି ପୋଷ୍ଟଟି ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେବାରେ ଲାଗିଛି ।



ଦ୍ୱିତୀୟ ଟି-୨୦ରେ ଆୟର୍ଲାଣ୍ଡ ବିପକ୍ଷରେ ଭାରତର ଏକ ରନରେ ପରାଜୟ ପରେ, ଆୟର୍ଲାଣ୍ଡ କ୍ରିକେଟ୍ 'ଗମ୍ଭୀର ଯୁଗ' ଉପରେ ସମାଲୋଚନା କରି ଲେଖିଥିଲା । 'ଆମେ ନିଶ୍ଚିତ କରିପାରୁଛୁ ଯେ ଆମର କୋଚିଂ ଷ୍ଟାଫରେ ଗୌତମ ଗମ୍ଭୀରଙ୍କୁ ଯୋଡିବାକୁ ଆମର କୌଣସି ଇଚ୍ଛା ନାହିଁ। ତଥାପି, ତାଙ୍କ ପାଖରେ ସ୍ପଷ୍ଟ ଭାବରେ ଆଶ୍ଚର୍ଯ୍ୟଜନକ ପ୍ରତିଭା ଅଛି। ଏତେ ଉତ୍କୃଷ୍ଟ ଭାରତୀୟ ଖେଳାଳିଙ୍କୁ ଆୟର୍ଲାଣ୍ଡ ନେବା ଏବଂ ଏହିପରି ଫଳାଫଳ ପ୍ରଦାନ କରିବାଙ୍କ ଏଥିପାଇଁ ପ୍ରକୃତର ଏକ ଅସାଧାରଣ ଏବଂ ଅନନ୍ୟ ଦକ୍ଷତା ଆବଶ୍ୟକ।'

ଏହା ପ୍ରଥମ ଥର ନୁହେଁ ଯେତେବେଳେ ଆଇସଲ୍ୟାଣ୍ଡ କ୍ରିକେଟ୍ ଗୌତମ ଗମ୍ଭୀରଙ୍କୁ ଟାର୍ଗେଟ କରିଛି । ପୂର୍ବରୁ, ଯେତେବେଳେ ଭାରତୀୟ ଦଳ ଘରୋଇ ମାଟିରେ ଟେଷ୍ଟ ମ୍ୟାଚ୍‌ରେ ଶୋଚନୀୟ ପରାଜୟ ବରଣ କରିଥିଲା ପ୍ରଥମେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଏବଂ ତା'ପରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ବୋର୍ଡ ଗମ୍ଭୀରଙ୍କୁ ଟ୍ରୋଲ୍ କରିଥିଲା। ସେହି ସମୟରେ, ସେମାନେ ଲେଖିଥିଲେ, "ଆମେ ଆମର ପ୍ରଶଂସକମାନଙ୍କୁ ଜଣାଇବାକୁ ଚାହୁଁଛୁ ଯେ ଗୌତମ ଗମ୍ଭୀରଙ୍କୁ ଆମ ଜାତୀୟ ଦଳର ପ୍ରଶିକ୍ଷକ ପାଇଁ ନିମନ୍ତ୍ରଣ କରାଯିବ ନାହିଁ। ସେହି ପଦବୀ ପୂର୍ବରୁ ପୂରଣ ହୋଇସାରିଛି, ଏବଂ ଆମେ ୨୦୨୫ ରେ ଆମର ୭୫% ମ୍ୟାଚ୍ ଜିତିଛୁ।"ଜୁଲାଇ ୨୦୨୪ରେ ରାହୁଲ ଦ୍ରାବିଡଙ୍କ ଠାରୁ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ଗ୍ରହଣ କରିଥିବା ଗୌତମ ଗମ୍ଭୀର ଅନେକ ସିରିଜରେ ନିରାଶାଜନକ ଫଳାଫଳର ସମ୍ମୁଖୀନ ହୋଇଛନ୍ତି । ୨୦୨୪ରେ, ଭାରତ ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୦-୩ ଟେଷ୍ଟ ସିରିଜ ପରାଜୟ ବରଣ କରିଥିଲା - ୧୨ ବର୍ଷ ମଧ୍ୟରେ ଘରୋଇ ମାଟିରେ ଦଳର ଏହା ପ୍ରଥମ ପରାଜୟ। ଏହି ବର୍ଷ ଆରମ୍ଭରେ, ନ୍ୟୁଜିଲାଣ୍ଡ ବିପକ୍ଷରେ ଏକଦିବସୀୟ ସିରିଜରେ ମଧ୍ୟ ଭାରତ ଏକ ବଡ଼ ପରାଜୟର ସମ୍ମୁଖୀନ ହୋଇଥିଲା।

## ଲିଆମ୍ ପ୍ଲଙ୍କେଟଙ୍କ ନୂଆ ଇନିଂସ

ଇଂଲଣ୍ଡର ପୂର୍ବତନ ଦ୍ରୁତ ବୋଲର ଲିଆମ୍ ପ୍ଲଙ୍କେଟ୍ ପୁଣିଥରେ ପ୍ରମାଣ କରିଛନ୍ତି ଯେ ବୟସ କେବେ ବି ସ୍ୱପ୍ନକୁ ଅଟକାଇ ପାରେ ନାହିଁ । ୪୧ ବର୍ଷ ବୟସରେ ସେ ଆମେରିକାର ମାଇନର ଲିଗ୍ ବେସବଲ୍ ଦଳ 'ଓକ୍‌ଲ୍ୟାଣ୍ଡ ବାଲର୍ସ' ପକ୍ଷରୁ ପେଶାଦାର ବେସବଲ୍ ଖେଳାଳି ଭାବେ ପଦାର୍ପଣ କରି ଏକ ନୂଆ ଇତିହାସ ସୃଷ୍ଟି କରିଛନ୍ତି ।




ଫ୍ରିବାର୍ଡସ୍ ବିପକ୍ଷ ମ୍ୟାଚରେ ପ୍ଲଙ୍କେଟ୍ ପିଚର୍ ଭାବେ ଭଲ ପ୍ରଦର୍ଶନ କରି ଗୋଟିଏ ଷ୍ଟ୍ରାଇକ୍ ଆଉଟ୍ ହାସଲ କରିଥିଲେ । ଯଦିଓ ତାଙ୍କ ଦଳ ୧୮–୧୧ରେ ପରାଜିତ ହୋଇଥିଲା, ତଥାପି ତାଙ୍କ ପ୍ରଦର୍ଶନ ପ୍ରଶଂସା ସାଉଁଟିଛି । କ୍ରିକେଟ୍‌ରେ ଦୀର୍ଘ ଅଭିଜ୍ଞତା ଓ ଦ୍ରୁତ ବୋଲିଂର କୌଶଳ ବେସବଲ୍‌ରେ ତାଙ୍କୁ ନୂଆ ଆତ୍ମବିଶ୍ୱାସ ଦେଇଛି ।

୨୦୧୯ ବିଶ୍ୱକପ୍ ବିଜେତା ଇଂଲଣ୍ଡ ଦଳର ସଦସ୍ୟ ଥିବା ପ୍ଲଙ୍କେଟ୍ ଫାଇନାଲରେ ତିନୋଟି ୱିକେଟ୍ ନେଇ ଦଳର ସଫଳତାରେ ବଡ଼ ଭୂମିକା ନେଇଥିଲେ । ୨୦୦୫ରୁ ୨୦୧୯ ମଧ୍ୟରେ ସେ ୧୨୪ଟି ଆନ୍ତର୍ଜାତୀୟ ମ୍ୟାଚ ଖେଳି ୨୦୧ଟି ୱିକେଟ୍ ହାସଲ କରିଥିଲେ । ବର୍ତ୍ତମାନ ସେ ମେଜର ଲିଗ୍ କ୍ରିକେଟ୍‌ରେ ସାନ୍ ଫ୍ରାନ୍ସିସ୍କୋ ୟୁନିକର୍ନସ୍ ପକ୍ଷରୁ ମଧ୍ୟ ଜଡିତ ଅଛନ୍ତି ।ପ୍ଲଙ୍କେଟଙ୍କ ଏହି ନୂଆ ଯାତ୍ରା କେବଳ ଖେଳ ପରିବର୍ତ୍ତନର କାହାଣୀ ନୁହେଁ, ବରଂ ନୂଆ ଚ୍ୟାଲେଞ୍ଜକୁ ସ୍ୱୀକାର କରିବାର ସାହସର ଉଦାହରଣ । ତାଙ୍କ କାହାଣୀ ପ୍ରମାଣ କରେ, ଇଚ୍ଛାଶକ୍ତି ଓ ପରିଶ୍ରମ ଥିଲେ ଜୀବନର ଯେକୌଣସି ପର୍ଯ୍ୟାୟରେ ନୂଆ ସଫଳତା ହାସଲ କରାଯାଇପାରେ । ଏହା ଯୁବପିଢ଼ି ପାଇଁ ଏକ ପ୍ରେରଣାଦାୟକ ବାର୍ତ୍ତା ।

# ପ୍ରଥମ ଗୁଦଗୁଦା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ




କୁଚିଣ୍ଡା,୨୯ ।୦୬:ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଆଥଲେଟିକ ଆସୋସିଏସନ୍ ତରଫରୁ କୁଚିଣ୍ଡା ମୁକୁନ୍ଦି ପଡ଼ିଆ ଠାରେ ପ୍ରଥମଥର ପାଇଁ ୪ଦିନ ଧରି ଚାଲିଥିବା ରାତ୍ରୀକାଳୀନ ରାଜ୍ୟ ସ୍ତରୀୟ ପ୍ରଥମ ଗୁଦଗଦା କପ ଫୁଟବଲ୍ ଟୁର୍ନାମେଣ୍ଟ ରବିବାର ରାତିରେ ଉଦଯାପିତ ହୋଇଯାଇଛି ।ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୮ଗୋଟି ଫୁଟବଲ୍ ଟିମ ଅଂଶଗ୍ରହଣ କରିଥିଲେ। ଗ୍ରାଣ୍ଡ ଫାଇନାଲ ମ୍ୟାଚରେ କଟକ ସ୍ପର୍ଟସ ହଷ୍ଟେଲ ଓ ବରଗଡ଼ ୟୁନାଇଟେଡ଼ ପରସ୍ପର ମୁହାଁମୁହିଁ ହୋଇଥିଲେ। ଏହି ମ୍ୟାଚ ରେ କଟକ ସ୍ପର୍ଟସ ହଷ୍ଟେଲ ୨-୧ ଗୋଲରେ ବରଗଡ଼ ୟୁନାଇଟେଡ଼କୁ ପରାସ୍ତ କରି ଚମ୍ପିୟାନ ହୋଇଥିଲେ। ଫାଇନାଲ ମ୍ୟାଚର ଖେଳକୁ ରେଫରୀ ଭାବ ଶିବଶଙ୍କର ପଣ୍ଡା, ପପୁ ବେହେରା, ମୁକେଶ ପ୍ରଧାନ ଓ ଦିଲିପ ରାଉତ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥି, ଓଡ଼ିଶା ଅଲମ୍ପିକ ଆସୋସିଏସନ୍ ଉପ ସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ,ଏମସିଏଲ୍ ଜିଏମ ବିଚିତ୍ରାନନ୍ଦ ବେହେରା,କୁଚିଣ୍ଡା ଏଥେଲେଟିକ ଏସୋସିଏସନର ସଭାପତି ତଥା ଉପଜିଲ୍ଲାପାଳ ସରୱନନ୍ ସ, କୁଚିଣ୍ଡା ଏସଡିପିଓ ପ୍ରଦୀପ କୁମାର ଦାଶ, ବାମରା ବନଖଣ୍ଡ ଅଧିକାରୀ ବିକ୍ରମ ଦେବ ପଟ୍ଟନାୟକ, କୁଚିଣ୍ଡା ବିଡ଼ିଓ ଜୟନ୍ତ ସାହୁ,କୁଚିଣ୍ଡା ଏନଏସି ଅଧକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, କୁଚିଣ୍ଡା ଏନଏସି ନିର୍ବାହୀ ଅଧିକାରୀ ମନୋରଞ୍ଜନ ସୁନା,ଶୁଶିଳ କର,ସଞ୍ଜିତ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ କଟକ ସ୍ପର୍ଟସ ହଷ୍ଟେଲ ଟିମକୁ ଚାମ୍ପିୟନ ଟ୍ରଫିସହ ୫୦ ହଜାର ଟଙ୍କାର ନଗଦ ଅର୍ଥରାଶି ଓ ବରଗଡ଼ ୟୁନାଇଟେଡ଼ ଟିମକୁ ରନର୍ସଅପ୍ ଟ୍ରଫି ସହ ୩୦ହଜାର ଟଙ୍କାର ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ତାପସ ନାଏକ,ସୁବ୍ରତ ଶର୍ମା, ସଞ୍ଜୟ ମହାନନ୍ଦ, ରାଧେଶ୍ୟାମ କଉଡ଼ି, ଚିତ୍ତରଞ୍ଜନ ଭୋଇ,ତ୍ରିଲୋଚନ ଚାନ୍ଦେଲ, ମହମ୍ମଦ ଆପ୍ରୋଜ,ରାଜୁ ସାହୁ, ଅକ୍ଷୟ କିଷାନ,ପ୍ରମୁଖ ସହଯୋଗ କରିଥିଲେ ।ଫ୍ଲଡ ଲାଇଟ୍ ମାଧ୍ୟମରେ ରାତ୍ରୀକାଳୀନ ଫୁଟବଲ ମ୍ୟାଚର ଗ୍ରାଣ୍ଡ ଫାଇନାଲ ମ୍ୟାଚ ଦେଖିବାକୁ ଷ୍ଟାଡିୟମରେ ଦର୍ଶକଙ୍କ ଭରପୁର ସମାଗମ ହୋଇଥିଲା ।ଜନ୍ କୁମାର ସୁନ୍ଦର ଭାବେ ବିସ୍ତୃତ ଧାରା ବିବରଣୀ ପ୍ରଦାନ କରିଥିଲେ।

## ଶ୍ରୀଲଙ୍କାକୁ ହରାଇଲା ଇଣ୍ଡିଜ୍

ଆଣ୍ଟିଗୁଆ: ସ୍ଥାନୀୟ ସାର୍ ଭିଭିଆନ୍ ରିଚାର୍ଡ୍ସ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଶ୍ରୀଲଙ୍କାକୁ ଗୋଟିଏ ପାଳି ୨୧୭ ରନ୍‌ରେ ପରାସ୍ତ କରିଛି ଓ୍ବେଷ୍ଟଇଣ୍ଡିଜ୍। ଏହି ବିଜୟସହ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାରେ ୧-୦ରେ ଅଗ୍ରଣୀ ହୋଇଛି ଘରୋଇ ଦଳ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭ୍ରମଣକାରୀ ଶ୍ରୀଲଙ୍କା ଦଳ ନିଜର ପ୍ରଥମ ପାଳିରେ ଧନଞ୍ଜୟ ଡି'ସିଲ୍‌ଭାଙ୍କ ଶତକ ବଳରେ ୩୦୮ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଓ୍ବେଷ୍ଟଇଣ୍ଡିଜ୍ ଅମୀର ଜାଙ୍ଗୁଙ୍କ ଦ୍ୱିଶତକ ଓ ରୋଷ୍ଟନ ଚେଜ୍‌ଙ୍କ ଶତକ ବଳରେ ପ୍ରଥମ ପାଳିରେ ୯ ୱିକେଟ୍‌ରେ ୬୨୬ ରନ୍ କରି ପାଳି ସମାପ୍ତି ଘୋଷଣା କରିଥିଲା। ପ୍ରଥମ ପାଳିରେ ୩୧୮ ରନ୍ ପଛୁଆ ଥିବା ଶ୍ରୀଲଙ୍କା ଦଳ ନିଜର ଦ୍ୱିତୀୟ ପାଳିରେ ମାତ୍ର ୧୦୧ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଦିନେଶ ଚାନ୍ଦିମାଲ ୪୩ ରନ୍ କରିଥିଲେ। ଓ୍ବେଷ୍ଟଇଣ୍ଡିଜ୍‌ର ପକ୍ଷରୁ କିମାର୍ ରୋଚ୍ ୫୧ ରନ ଦେଇ ୪ ଓ ଜୟଡେନ୍ ସିଲ୍ସ ମାତ୍ର ୧୪ ରନ୍ ଦେଇ ୩ ୱିକେଟ୍ ନେଇ ଶ୍ରୀଲଙ୍କାର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ସେହିପରି ସମର ଜୋସେଫ ୨ ୱିକେଟ୍ ନେଇଥିଲେ। ଦ୍ୱିଶତକ ଅର୍ଜନ କରିଥିବା ଅମୀର ଜାଙ୍ଗୁଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳିଘୋଷଣା କରାଯାଇଥିଲା।




Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982